
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୯ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 29 JANUARY 2023
Vol.No. 34 ■ No. 27 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବାୟୁସେନାର ଦୁଇ ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ



ନୂଆଦିଲ୍ଲୀ,୨୮/୦୧ : ମଧ୍ୟପ୍ରଦେଶ ଗ୍ୱାଲିଅର ଏୟାରବେସରୁ ଉଡାଣ ଭରିବାର କିଛି ସମୟ ପରେ ମିରାଜ ୨୦୦୦ ଓ ସୁଖୋଇ -୩୦ ବିମାନ ଦୁର୍ଘଟଣାର ଶିକାର ହୋଇଛନ୍ତି । କୁହାଯାଉଛି ମଝି ଆକାଶରେ ଦୁଇ ବିମାନ ମୁହାଁମୁହିଁ ଧକ୍କା ହେବା ପରେ ଜଳିଯାଇ ତଳିପଡିଛି । ଏହାର ଦୃଶ୍ୟ ବୟାନ କରୁଛି କେତେ ସାଂଘାତିକ ଥିଲା ଦୁର୍ଘଟଣା । ଚାରିଆଡେ ଧୂଆଁ ଧୂଆଁ, ପୋଡା ଗନ୍ଧରେ ଫାଟି ପଡୁଛି ପରିବେଶ । ହୁତ ହୁତ ହୋଇ ଜଳୁଛି ବିମାନର ଖଣ୍ଡବିଖଣ୍ଡିତ ଅଂଶ । ସେହିଭଳି ରାଜସ୍ଥାନ ଭରତପୁର ଆକାଶରୁ ବିମାନ ଖସିପଡି ଜଳୁଥିବା ଦେଖି ଘଟଣାସ୍ଥଳକୁ ଛୁଟି ଆସିଥିଲେ ଆଖପାଖର ଲୋକ । ଭାରତୀୟ ବାୟୁସେନାର ଦୁଇ ଲଢୁଆ ବିମାନ ସୁଖୋଇ -୩୦ ଓ ମିରାଜ ୨୦୦୦ ଉଡାଣ ଅଭ୍ୟାସ ବେଳେ ପରସ୍ପର ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି । ଦୁର୍ଘଟଣା ପରେ ସୁଖୋଇ ବିମାନ ରାଜସ୍ଥାନ ଭରତପୁର ଜିଲ୍ଲାର ପିଙ୍ଗୋରା ଗାଁରେ ପଡିଥିବା ବେଳେ ମଧ୍ୟପ୍ରଦେଶରେ ମୁରେନା ଅଞ୍ଚଳରେ ଖସିପଡିଛି ମିରାଜ-୨୦୦ ବିମାନର ଅଂଶ । ବିମାନ ଦୁର୍ଘଟଣାରେ ଜଣ ପାଇଲଟ ସହିଦ ହୋଇଥିବା ବେଳେ ୨ ଜଣ ପାଇଲଟ ଗୁରୁତର ଆହତ ହୋଇଛନ୍ତି । ଆହତ ପାଇଲଟଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମିରାଜ-୨୦୦ ବିମାନରେ ଥିବା ପାଇଲଟଙ୍କ ଦେହାନ୍ତ ହୋଇଥିବା ବେଳେ ସୁଖୋଇ-୩୦ରେ ଥିବା ୨ ପାଇଲଟ ସୌଭାଗ୍ୟକୁ ବଞ୍ଚିଯାଇଛନ୍ତି । କେଉଁ ପରିସ୍ଥିତିରେ ବାୟୁସେନାର ଦୁଇ ଲଢୁଆ ବିମାନ ଦୁର୍ଘଟଣାଗସ୍ତ ହେଲା ? ତାହର ତଦନ୍ତ ପାଇଁ କୋର୍ଟ ଅଫ ଇନକ୍ୱାରି ନିର୍ଦ୍ଦେଶ ଦେଇଛି ଭାରତୀୟ ବାୟୁସେନା । ସେପଟେ ବାୟୁସେନା ଅଧିକାରୀଙ୍କ ସହ ଦୁର୍ଘଟଣାକୁ ନେଇ ଆଲୋଚନା କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । ଏଥିସହ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ସହ ଫୋନରେ ବିମାନ ଦୁର୍ଘଟଣା ବାବଦରେ ରାଜନାଥ ଆଲୋଚନା କରିଛନ୍ତି । ବାୟୁସେନାର ଦୁଇ ଲଢୁଆ ବିମାନ କେମିତି ଦୁର୍ଘଟଣା ହେଲା ସେ ବାବଦରେ କୌଣସି ସ୍ପଷ୍ଟ ସୂଚନା ମିଳିପାରିନି । ଶନିବାର ସକାଳ ୯ଟା ୧୦ ମିନିଟିରେ ଗ୍ୱାଲିୟର ଏୟାରବେସରୁ ଉଡାଣ ଭରିଥିଲେ ଦୁଇ ବିମାନ । କିଛି ସମୟ ପରେ ଦୁଇ ବିମାନ ମଝି ଆକାଶରେ ପରସ୍ପର ସହ ଧକ୍କା ହୋଇ ଦୁର୍ଘଟଣାର ଶିକାର ହୋଇଥିବା ଅନୁମାନ କରାଯାଉଛି । ଏହାଛଡା ବୈଷୟିକ ତ୍ରୁଟି କିମ୍ବା ପାଇଲଟଙ୍କ କମ ଅନୁଭବ ଦୁର୍ଘଟଣାର କାରଣ ହୋଇଥାଇପାରେ ବୋଲି କୁହାଯାଉଛି ।

## କେନ୍ଦ୍ରାପଡାରେ ବିଜେପି ବନାମ ଅପରାଜିତା




ଭୁବନେଶ୍ୱର,୨୮/୦୧ (ନି.ପ୍ର): କେନ୍ଦ୍ରାପଡାରେ ସାଂସଦ ଅପରାଜିତା ଷଡଙ୍ଗୀଙ୍କ ଶକ୍ତି ପ୍ରଦର୍ଶନ । ବଳଦେବଜୀଉଙ୍କ ଦର୍ଶନ ପାଇଁ ଯାଇଥିବାବେଳେ ଅପରାଜିତାଙ୍କ ରୋଡ ସୋ'ରେ ଶହ ଶହ ସମର୍ଥକ ସାମିଲ ହୋଇଛନ୍ତି । ତେବେ ଏହି ରୋଡ ସୋ'ରେ ଜିଲ୍ଲା ସଭାପତି କିମ୍ବା ଅନ୍ୟ ପଦାଧିକାରୀ ସାମିଲ ହୋଇନାହାନ୍ତି । କେନ୍ଦ୍ରପଡାରେ ଜିଲ୍ଲା କାର୍ଯ୍ୟକାରିଣୀ ଚାଲିଥିବାବେଳେ ଭିନ୍ନ ଭାବେ ଅପରାଜିତାଙ୍କ ରୋଡ ସୋ ରାଜନୈତିକ ଚର୍ଚ୍ଚାର ବିଷୟ ପାଲଟିଛି । କେନ୍ଦ୍ରାପଡାର ଗୋଟିଏ ପଟେ ତିନି ମୁହାଣି ଛକରୁ ବାଜା ବଜାଇ, ପ୍ରଧାନମନ୍ତ୍ରୀଙ୍କ ଫଟୋ ମାରି ରୋଡ୍ ସୋ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ । ଶତାଧିକ ସମର୍ଥକଙ୍କ ସହ ଯାଇ କେନ୍ଦ୍ରାପଡାର ଆରାଧ ଦେବତା ବଳଦେବଜୀଉଙ୍କ ଦର୍ଶନ କରିଛନ୍ତି । କିନ୍ତୁ ଅପରାଜିତାଙ୍କ ରୋଡ ସୋରେ ଜିଲ୍ଲା ବିଜେପି ସଭାପତି ଓ ଅନ୍ୟ କୌଣସି ନେତାଙ୍କୁ ଦେଖିବାକୁ ମିଳିନାହିଁ । ଅନ୍ୟପଟେ ଆଉ ଏକ ମଣ୍ଡପରେ ଆୟୋଜିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ଜିଲ୍ଲାର ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରତିନିଧି ଉପସ୍ଥିତ ହୋଇଥିଲେ । ଯାହା ଏବେ ଚର୍ଚ୍ଚାର ବିଷୟ ହୋଇଛି । ଦଳର ଜଣେ ବରିଷ୍ଠ ସାଂସଦ ଜିଲ୍ଲାକୁ ଆସୁଥିବାବେଳେ ବିଜେପି ନେତାମାନେ କାହିଁକି ରୋଡ ସୋ'ରେ ସାମିଲ ହେଲେନି ସେ ନେଇ ପ୍ରତିକ୍ରିୟା ରଖିଛନ୍ତି । କହିଛନ୍ତି, ସାଂସଦ ବ୍ୟକ୍ତିଗତ କାମରେ ଆସିଥିବାରୁ କୌଣସି ନେତା ଉପସ୍ଥିତ ନଥିଲେ । ତେବେ ପୂର୍ବରୁ ମଧ ଅପରାଜିତା ବିଭିନ୍ନ ସ୍ଥାନରେ ସ୍ଥାନୀୟ ନେତାଙ୍କୁ ସାଙ୍ଗରେ ନନେଇ ରୋଡ ସୋ' କରିଛନ୍ତି । ଯାହା ରାଜ୍ୟ ରାଜନୀତିରେ ଆଲୋଚନାର ପ୍ରସଙ୍ଗ ପାଲଟିଛି । ଆଉ ଆଗକୁ ଯେତେବେଳେ ନିର୍ବାଚନ ଆସୁଛି, ଦଳ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଛି, ସେତିକିବେଳେ କେନ୍ଦ୍ରାପଡାରୁ ଆସିଥିବା ବିଜେପିର ଦୁଇଟି ଦୃଶ୍ୟ, ଦଳୀୟ କନ୍ଦଳକୁ ପଦାରେ ପକାଇଛି ।

## ସୀମାରେ ସାମରିକ ସ୍ଥିତି ମଜଭୁତ କରୁଛି ଚୀନ : ଆଗକୁ ବଢିପାରେ ସୀମା ସଂଘର୍ଷ




ନୂଆଦିଲ୍ଲୀ,୨୮/୦୧ : ଆଗକୁ ଅଧିକ ଘନେଇପାରେ ଭାରତ-ଚୀନ ସୀମା ବିବାଦ । ରଏଟର୍ସ ରିପୋର୍ଟ ଅନୁସାରେ ସୀମାରେ ଚୀନ ଦ୍ରୁତ ଗତିରେ ନିଜର ସାମରିକ ସ୍ଥିତି ମଜବୁତ କରୁଛି । ତେଣୁ ଆଗାମୀ ଦିନରେ ଚୀନ ଓ ଭାରତୀୟ ସେନା ମଧରେ ବୃଦ୍ଧି ପାଇପାରେ ସଂଘର୍ଷ । ନିକଟରେ ଲଦାଖରେ ବସିଥିଲା 'ସିକ୍ୟୁରିଟି ଇସ୍ୟୁଜ ଫର ଟ୍ରେନିଂ ଲ୍ୟାଣ୍ଡ ବର୍ଡର' ବୈଠକ । ବୈଠକରେ ପ୍ରଧାନମନ୍ତ୍ରୀ ମୋଦି ଓ ଗୃହମନ୍ତ୍ରୀ ମଧ ଉପସ୍ଥିତ ଥିଲେ । ତେବେ ଏହି ବୈଠକରେ ଉପସ୍ଥାନ କରାଯାଇଥିବା ରିପୋର୍ଟ ଆଧାରରେ ଏକଥା କୁହାଯାଇଛି କି ଆଗକୁ ସୀମାରେ ସଂଘର୍ଷ ବୃଦ୍ଧି ହୋଇପାରେ । ସୂଚନା ଅନୁସାରେ ଏଲଏସିରେ କାରାକୋରାମ ଖାଇରୁ ଚୁମୁର ପର୍ଯ୍ୟନ୍ତ ଥିବା ମୋଟ ୬୫ଟି ପାଟ୍ରୋଲିଂ ପଏଣ୍ଟରୁ ୨୬ଟି ପଏଣ୍ଟରେ ଭାରତୀୟ ସେନାର ଅନୁପସ୍ଥିତି ଦେଖିବାକୁ ମିଳିଛି । ସେପଟେ ଚୀନ ଓ ଭାରତ ସୀମା ବିବାଦ ଭିତରେ ଆମେରିକା ଦେଇଛି ବଡ ବୟାନ । ସୀମାରେ ଯଦି ଚୀନ କୌଣସି ପ୍ରକାର ଏକତରଫା କାର୍ଯ୍ୟ କରେ ତେବେ ଏହାର କଡ଼ା ଜବାବ ଦେବାକୁ ଭାରତକୁ କହିଛି ଆମେରିକା । ଆମେରିକା ସବୁବେଳେ ଏକତରଫା କାର୍ଯ୍ୟକୁ ବିରୋଧ କରେ ବୋଲି କହିଛି ।

## ମୋଗଲ ଗାର୍ଡେନ ଏବେ 'ଅମୃତ ଉଦ୍ୟାନ'



ନୂଆଦିଲ୍ଲୀ,୨୮/୦୧ : ବଦଳିଲା ମୋଗଲ ଗାର୍ଡେନର ନାମ । ରାଷ୍ଟ୍ରପତି ଭବନରେ ଥିବା ଏହି ଉଦ୍ୟାନର ନାମ ପରିବର୍ତ୍ତନ କରାଯାଇ ଅମୃତ ଉଦ୍ୟାନ ରଖାଯାଇଛି । ଅମୃତ ମହୋତ୍ସବ ଅବସରରେ ଏହାର ନାମକୁ ପରିବର୍ତ୍ତନ କରି ଏଭଳି ରଖାଯାଇଛି । ଲୋକଙ୍କ ପାଇଁ ଏହା ଶୀଘ୍ର ଖୋଲିବାକୁ ଯାଉଛି । ମୋଗଲ ଗାର୍ଡେନରେ ୧୨ ପ୍ରକାରର ଟ୍ୟୁଲିପ ଫୁଲ ରହିଛି । ୧୩୮ ପ୍ରକାରର ଗୋଲାପ, ୭୦ ଅଲଗା ଅଲଗା ପ୍ରଜାତିର ବିଭିନ୍ନ ଫୁଲ ରହିଛି । ଏହି ଉଦ୍ୟାନକୁ ଦେଶର ପ୍ରଥମ ରାଷ୍ଟ୍ରପତି ଡା ରାଜେନ୍ଦ୍ର ପ୍ରସାଦ ସାଧାରଣ ଲୋକଙ୍କ ପାଇଁ ଖୋଲିଥିଲେ । ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ବସନ୍ତଋତୁରେ ଏହାକୁ ସାଧାରଣ ଲୋକଙ୍କ ପାଇଁ ଖୋଲି ଦିଆଯାଇଥିଲା ।

## ଓଡ଼ିଶା ସାହିତ୍ୟ ଏକାଡେମିର ପୂର୍ବତନ ସଭାପତି ହୁସେନ ରବି ଗାନ୍ଧୀଙ୍କ ପରଲୋକ



ଭୁବନେଶ୍ୱର,୨୮/୦୧ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ ତଥା ରାଜନେତା ହୁସେନ ରବି ଗାନ୍ଧୀଙ୍କର ଶନିବାର ମଧାହ୍ନରେ କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ହୋଇଥିଲା । ସେ ୨୦୦୮ରୁ ୨୦୧୦ ଯାଏ ଓଡ଼ିଶା ସାହିତ୍ୟ ଏକାଡେମିର ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ । ହୁସେନ ରବି ଗାନ୍ଧୀ ୧୯୪୮ ମସିହାରେ ଯାଜପୁର ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ଲେଖକ ଓ ବରିଷ୍ଠ ନେତା ହୁସେନ ରବି ଗାନ୍ଧୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି ଯେ ହୁସେନ ରବି ଗାନ୍ଧୀ ଜଣେ ବରିଷ୍ଠ ନେତା ଥିଲେ ତଥା ବିଜୁ ବାବୁଙ୍କ ସହ ଦୀର୍ଘ ଦିନ ଧରି ଜଡିତ ଥିଲେ । ପରେ ସେ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ । ବିଜୁ ବାବୁ, ବିଜୁ ଜନତା ଦଳର ମୂଲ୍ୟବୋଧକୁ ପ୍ରଚାର କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା । ଶ୍ରୀ ପଟ୍ଟନାୟକ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ।

## ରାଜ୍ୟବ୍ୟାପୀ ଉଚ୍ଚ ମାଧ୍ୟମିକ ଶିକ୍ଷକ -ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ

ଭୁବନେଶ୍ୱର,୨୮/୦୧ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ମତେ ଆଜି ତା ୨୮-୦୧-୨୦୨୩ ରିଖ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ-ଅଭିବାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଭିଭାବକମାନେ ବିଦ୍ୟାଳୟରେ ଉପସ୍ଥିତ ରହିଥିବାବେଳେ କେତେକ ଆଭାସୀ ମାଧମରେ ଯୋଗଦାନ କରିଥିଲେ । ଖୁସିର କଥା ଏହି ବୈଠକରେ ବିଭିନ୍ନ ବିଦ୍ୟାଳୟରେ ବହୁ ସଂଖ୍ୟାରେ ମାଆମାନେ ଉତ୍ସାହର ସହ ଯୋଗଦାନ କରିଥିବାବେଳେ ଅଧିକାଂଶ ଆଭାସୀ ମାଧ୍ୟମରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ବୈଠକରେ ମୁଖ୍ୟତଃ ଛାତ୍ରଛାତ୍ରୀମାନଙ୍କର ରୁଚି ଓ ଦକ୍ଷତା ▶▶ପୃଷ୍ଠା ୭

## 'ସେଂଟର ଫର୍ ଜୁଡିସିଆଲ ଆର୍କାଇଭ୍' ବିଲ୍ଡିଂ ଓ ହାଇକୋର୍ଟ କର୍ମଚାରୀମାନଙ୍କ ପାଇଁ ଆବାସିକ ପରିସରର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

କଟକ,୨୮/୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଦିନ ହାଇକୋର୍ଟ କର୍ମଚାରୀମାନଙ୍କ ପାଇଁ ଆବାସିକ ପରିସର ଓ ସେଂଟର ଫର ଜୁଡିସିଆଲ ଆର୍କାଇଭ୍ ବିଲଡିଂର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବିନିତ୍ ସରଣ, ହାଇକୋର୍ଟ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ୍ ମୁରଲୀଧର ଓ ହାଇକୋର୍ଟର ଅନ୍ୟ ବିଚାରପତିମାନେ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜୁଡିସିଆଲ ସଂଗ୍ରହାଳୟ ପ୍ରକଳ୍ପ ଭାରତରେ ଅଦ୍ୱିତୀୟ । ଏଭଳି ପ୍ରତିଷ୍ଠାନ ଗବେଷଣା ଓ ଇତିହାସକୁ ପରଖିବା ପାଇଁ ସୁଯୋଗ ଯୋଗାଇବ । ଏହି ଜୁଡିସିଆଲ ଆର୍କାଇଭ୍ ବିଲଡିଂ ବା ସଂଗ୍ରହଳୟ ପାଇଁ ୩୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଠାରେ ୨୦୦ ବର୍ଷର ପୁରୁଣା ବିଭିନ୍ନ ନ୍ୟାୟିକ ଦସ୍ତାବିଜ ସଂଗୃହୀତ ହୋଇ ରହିବ ଓ ଏହା ଉପରେ ଗବେଷଣା କରାଯିବ । ସ୍ୱାଧୀନତା ପୂର୍ବର ବିଭିନ୍ନ ଦସ୍ତାବିଜକୁ ଏଠାରେ ସ୍ଥାନ ଦିଆଯିବ ।

## ଓଡ଼ିଶାର କୃଷିକ୍ଷେତ୍ରକୁ ଏକ ନୂଆ ସୋପାନକୁ ନିଅନ୍ତୁ ଚାଷୀ : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୨୮/୦୧ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁଜରାତ ପରିଦର୍ଶନ କରିବାକୁ ଯାଉଥିବା ଓଡିଶା ଚିନାବାଦାମ ଚାଷୀଙ୍କ ସହ ଆଲୋଚନା କରିଛନ୍ତି । ସ୍ଥାନୀୟ ସୋଆ ବିଶ୍ୱବିଦ୍ୟାଳୟର ଅଡିଟରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ଚାଷୀଙ୍କ ସହ କଥାବାର୍ତ୍ତା କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗୁଜରାଟ ମଡେଲ୍ ବିଶ୍ୱ ପାଇଁ ଏକ ଉଦାହରଣ । ଏହି ପରିପ୍ରେକ୍ଷୀରେ ସେହି ଗୁଜରାଟ ମଡେଲ ଦେଖିବା ପାଇଁ ଓଡ଼ିଶାର ଚିନାବାଦାମ ଚାଷୀମାନେ ଗୁଜରାଟ ଗସ୍ତ କରିବା ପ୍ରଶଂସନୀୟ । ଏ ଅବସରରେ ଚାଷୀ ଭାଇ ଭଉଣୀ ମାନଙ୍କ ସହ ଆଲୋଚନା କରି ସେ ଆନନ୍ଦିତ ବୋଲି କହିଛନ୍ତି । ସେ କହିଛନ୍ତି ଯେ ଏହା ଦ୍ୱାରା ଓଡ଼ିଶାର ଚାଷୀ ଏଣିକି ଆହୁରି କୁଶଳୀ ହେବେ। ସେମାନଙ୍କ ଗୁଜରାଟ ଗସ୍ତର ଆୟୋଜନ କରିଥିବାରୁ ଲାଇଭଲିହୁଡ ଅଲଟରନେଟିଭ ସଂସ୍ଥା ଓ ଏହାର ସଦସ୍ୟ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ ଚିନାବାଦାମ ଭଳି ଓଡ଼ିଶାର ଅନେକ କୃଷିଜାତ ଦ୍ରବ୍ୟ ଗୁଣାତ୍ମକ ଦୃଷ୍ଟିରୁ ଅତ୍ୟନ୍ତ ଉଚ୍ଚକୋଟୀର, ତାହା ପୁଣି ଅର୍ଗାନିକ ଏବଂ ସ୍ୱାଭାବିକ ପଦ୍ଧତିରେ ଉତ୍ପାଦିତ ହେଉଛି । ଏବେ ଏହି କୃଷି ପଦ୍ଧତିକୁ ବ୍ୟବସାୟିକ ସଫଳତା ଦେବାର ଆବଶ୍ୟକତା ବେଶ୍ ରହିଛି । ଚାଷୀ ଭାଇ ଭଉଣୀ ମାନଙ୍କ ଗୁଜୁରାଟ ଗସ୍ତର ସଫଳତା କାମନା କରିବା ସହ ସେମାନେ ଆଧୁନିକ କୃଷି ପ୍ରଣାଳୀମାନ ଶିଖି ଓଡ଼ିଶାରେ ପ୍ରୟୋଗ କରନ୍ତୁ, ଓଡ଼ିଶାର କୃଷିକ୍ଷେତ୍ରକୁ ଏକ ନୂଆ ସୋପାନକୁ ନେଇଯାଆନ୍ତୁ ବୋଲି ସେ କହିଛନ୍ତି ।

## ବିଆରଏସରେ ଆଉ କିଏ ହେବେ ସାମିଲ ?



ଭୁବନେଶ୍ୱର,୨୮/୦୧ (ନି.ପ୍ର): ଓଡିଶା ରାଜନୀତିରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱଧୀନ ଦଳ ଭାରତ ରାଷ୍ଟ୍ର ସମିତି ବା ବିଆରଏସ ଏଣ୍ଟ୍ରି କରିବା ପରେ, ରାଜନୈତିକ ମାହୋଲ ସରଗରମ ହୋଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୁଅ ଶିଶିର ଗମାଙ୍ଗ, ପତ୍ନୀ ହେମା ଗମାଙ୍ଗ, ସମେତ ପୂର୍ବତନ ସାଂସଦ ଜୟରାମ ପାଙ୍ଗୀ, ରାମଚନ୍ଦ୍ର ହାଁସଦା, ପୂର୍ବତନ ବିଧାୟକ ନବୀନ ନନ୍ଦ, ନବନିର୍ମାଣ କୃଷକ ସଂଗଠନର ଚାଷୀ ନେତା ଓ ସୂଚନା ଅଧିକାର କର୍ମୀ ସାମିଲ ହେବା ପରେ ରାଜ୍ୟ ରାଜନୀତି ହଲଚଲ ହୋଇଛି । ଆଗକୁ ଆଉ କେଉଁ ନେତା କେସିଆରଙ୍କ ବିଆରଏସ ଦଳରେ ସାମିଲ ହେବେ, ସେ ନେଇ ଆଲୋଚନା ହେଉଛି । ବିଆରଏସରେ ଯୋଗ ଦେବା ନେଇ ଅନେକ ନେତାଙ୍କ ନାଁ ଚର୍ଚ୍ଚା ହେଉଥିଲେ ବି କିଏ ସାମିଲ ହେବେ ତାହା ସ୍ୱଷ୍ଟ ହୋଇନାହିଁ । ତେବେ କେସିଆର ଜଣେ ତୃଣମୂଳ ସ୍ତରର ନେତା ଓ ତାଙ୍କ ଷ୍ଟ୍ରାଟେଜୀ ଭିନ୍ନ ହୋଇଥିବାରୁ ସେ ଓଡିଶାରେ ଖେଳ ବିଗାଡିବେ କି ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ତେଲେଙ୍ଗାନାରେ ସାଧାରଣ ଗରିବଙ୍କୁ ଦୃଷ୍ଟିରେ ରଖି ଅନେକ ଜନମଙ୍ଗଳକାରୀ ଯୋଜନା କରିଛନ୍ତି ... 'ଆଶାର' ପେନସନ ଯୋଜନାରେ, ବୃଦ୍ଧ-ବୃଦ୍ଧା, ବିଧବା, ଦିବ୍ୟାଙ୍ଗଙ୍କୁ ମାସିକ ହଜାରେ ଟଙ୍କା ଲେଖାଏଁ ଭତା ଦିଆଯାଉଛି । ପ୍ରଧାନମନ୍ତ୍ରୀ ଆବାସ ପରେ, ଗରିବ ଲୋକଙ୍କ ପାଇଁ ନିଜସ୍ୱ ଯୋଜନାରେ ଦୁଇ ବଖରା ଲେଖାଏଁ ଘର ଯୋଗାଇ ଦେଉଛନ୍ତି । ଗର୍ଭବତୀ ମହିଳା, ପିଲାଙ୍କୁ କ୍ଷୀର ଦେଉଥିବା ମା' ଓ ଛୋଟ ପିଲାଙ୍କୁ ଆରୋଗ୍ୟ ଲକ୍ଷ୍ମୀ ଯୋଜନାରେ ଦୈନିକ ପୌଷ୍ଟିକ ଆହାର । ମହିଳାଙ୍କୁ ଦୈନିକ ୨ଶହ ମିଲିଲିଟର କ୍ଷୀର ଓ ଗୋଟିଏ ଅଣ୍ଡା, ଦିଆଯାଉଛି । କେସିଆର କିଟ୍ ଯୋଜନାରେ ଗର୍ଭବତୀ ମହିଳାଙ୍କୁ ତିନୋଟି ପର୍ଯ୍ୟାୟରେ ୧୨ହଜାର ଟଙ୍କାର ସହାୟତା । କେସିଆରଙ୍କ ଏହି ସବୁ ଯୋଜନା ତାଙ୍କୁ ତେଲେଙ୍ଗାନାରେ ଲଗାତାର ବିଜୟୀ କରୁଛି ବୋଲି କୁହାଯାଉଛି । ଆଉ ଏବେ ସେହି ସବୁ ଲୋକପ୍ରିୟ ଯୋଜନାକୁ ନେଇ ଓଡିଶାବାସୀଙ୍କୁ ସ୍ୱପ୍ନ ଦେଖାଇବାକୁ କେସିଆର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବା ଚର୍ଚ୍ଚା ହେଉଛି । ପ୍ରଶ୍ନ ହେଉଛି, ସଶକ୍ତ ବିଜୁ ଜନତା ଦଳ ଆଗରେ କେସିଆରଙ୍କ ଏହି ଚାଲ କାମ କରିବ କି ? ଦ୍ୱିତୀୟ ପ୍ରଶ୍ନ ହେଉଛି, ତେଲୁଗୁ ଭାଷାଭାଷି ଭୋଟରମାନେ କେସିଆରଙ୍କ ଦଳ ଆଡକୁ ଆକର୍ଷିତ ହେବେ କି ? ସେଭଳି କିଛି ପ୍ରଭାବ ପକାଇ ପାରିବ କି କେସିଆର ।

## ଅଟା ହେଉଛି ମହଙ୍ଗା, ବର୍ଷକରେ ବଢ଼ିଲାଣି ୪୦ ପ୍ରତିଶତ

ଭୁବନେଶ୍ୱର,୨୮/୦୧ (ନି.ପ୍ର): ଦେଶରେ ଅଟାଦର ବଢୁଛି । ଯାହା ଖାଉଟିଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ସବୁଠାରୁ ବଡ କଥା ହେଲା, ଯଦି ସରକାର ଆଗକୁ ଖୋଲା ବଜାରରେ ଗହମ ନ ଛାଡନ୍ତି ହୁଏତ ଅଟାର ଦାମ ଆହୁରି ବଢିପାରେ । ବର୍ତ୍ତମାନ ବଜାରରେ ଖୋଲା ଅଟା କିଲୋପ୍ରତି ୩୮ରୁ ୪୦ଟଙ୍କାରେ ବିକ୍ରି ହେଉଥିବା ବେଳେ ପ୍ୟାକେଟ ଅଟା ୪୦ରୁ ୪୫ଟଙ୍କାରେ ବିକ୍ରି ହେଉଛି । ଗତବର୍ଷ ଜାନୁୟାରୀରେ ଅଟା ଦର ଯାହା ▶▶ପୃଷ୍ଠା ୭

# ପଶ୍ଚିମ ଓଡ଼ିଶା କୃଷି ମେଳା-୨୦୨୩ ଉଦ୍‌ଘାଟିତ

ଭୁବନେଶ୍ୱର, ୨୮/୦୧ (ନି.ପ୍ର): କୃଷି ଯାନ୍ତ୍ରିକୀକରଣ ବର୍ତ୍ତମାନ ସମୟର ଆବଶ୍ୟକତା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଆଜି ସମ୍ବଲପୁରଠାରେ ପଶ୍ଚିମ ଓଡ଼ିଶା ଉନ୍ନୟନ ପରିଷଦ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ପଶ୍ଚିମ ଓଡ଼ିଶା କୃଷିମେଳାର ଉଦ୍‌ଘାଟନୀ ଉତ୍ସବରେ ଭିଡ଼ିଓ ବାର୍ତ୍ତାରେ କୃଷକମାନଙ୍କୁଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର କୃଷି ଓ କୃଷକ ସମାଜର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସଂପୂର୍ଣ୍ଣ ପ୍ରତିବଦ୍ଧ ଏବଂ ଏହା ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ରାଜ୍ୟ ସରକାର 'କାଳିଆ' ଓ 'ବଳରାମ' ଯୋଜନା ଏବଂ ମଲେଟ୍ ମିଶନ ପରି ଯୋଜନା ପ୍ରଣୟନ କରିଛନ୍ତି । ମୁଖ୍ୟମନ୍ତ୍ରୀ କୃଷକମାନଙ୍କର ଉଦ୍ୟମକୁ ପ୍ରଶଂସା କରି କହିଛନ୍ତି ଯେ ସେମାନଙ୍କର ମୂଲ୍ୟବାନ ଅବଦାନ ଯୋଗୁ ଓଡ଼ିଶାକୁ ନିୟମିତ ବ୍ୟବଧାନରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ପୁରସ୍କାର ମିଳିଛି ।

ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ କୃଷି ପ୍ରତି ଦୃଷ୍ଟିଭଙ୍ଗୀ କେନ୍ଦ୍ରୀଭୂତ କରାଯାଇଛି । ବିଗତ ୨୦ ବର୍ଷରେ ରାଜ୍ୟ କୃଷି ଉତ୍ପାଦନରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ରାଜ୍ୟ ମାଛ, ପ୍ରାଣୀପାଳନ ଓ ଅଣ୍ଡା ଉତ୍ପାଦନରେ ପ୍ରାୟ ଆତ୍ମନିର୍ଭର ହୋଇପାରିଛି । ୨୦୦୦-୦୧ରେ ଖାଦ୍ୟଶସ୍ୟ ଉତ୍ପାଦନ ୫୫.୩୫ ଲକ୍ଷ ମେଟ୍ରିକ୍ ଟନରୁ ୧୬୦ ପ୍ରତିଶତ ବୃଦ୍ଧି ପାଇ ୨୦୨-୨୧ ବର୍ଷରେ ୧୩୦.୨୯ ଲକ୍ଷ ମେଟ୍ରିକ୍ ଟନରେ ପହଂଚିଛି । ସେହିପରି ତୈଳବୀଜ ୫୮ ପ୍ରତିଶତ, ଡାଲିଜାତୀୟ ଶସ୍ୟ ୬୬ ପ୍ରତିଶତ ଏବଂ ପନିପରିବା ଉତ୍ପାଦନ ୬୭ ପ୍ରତିଶତ ବୃଦ୍ଧି ପାଇଛି । ମାଛ ଉତ୍ପାଦନ ଗତ ୨୦ ବର୍ଷରେ ୯ ଲକ୍ଷ ୯୦ ହଜାର ମେଟ୍ରିକ୍ ଟନକୁ ବୃଦ୍ଧି ପାଇଛି । ଦେଶରେ ମାଛ ଉତ୍ପାଦନରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି । ରାଜ୍ୟ ସରକାର ଚାଷ ଜମି ଉପରେ ବନ୍ୟାର ପ୍ରଭାବକୁ ହ୍ରାସ କରିବା ପାଇଁ ୨୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି ଏବଂ ପଶ୍ଚିମ ଓଡ଼ିଶା ଏଥିରୁ ବହୁଳ ଭାବେ ଲାଭବାନ ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଉତ୍ସବରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଶ୍ରୀ ଅସିତ କୁମାର ତ୍ରିପାଠୀ କହିଛନ୍ତି ଯେ ବିଭିନ୍ନ ସ୍ଥାନରେ କୃଷକ ମେଳା ଆୟୋଜନ କରାଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରଥମ କୃଷି ମେଳା ସମ୍ବଲପୁରଠାରେ ଆୟୋଜିତ ହେଉଛି । ରାଜ୍ୟ ଅର୍ଥନୀତିର ୨୦ ପ୍ରତିଶତ କୃଷି କ୍ଷେତ୍ରର ଅବଦାନ । ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକ କୃଷି ଉପରେ ନିର୍ଭରଶୀଳ । କୃଷକମାନଙ୍କର ଆୟବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ରହିଛି । କୃଷକମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ଅଧିକ ବ୍ୟବସାୟିକରଣ ଏବଂ ବଜାର ସଂଯୋଗ ଉପରେ ଧ୍ୟାନ ଦେବା ଆବଶ୍ୟକ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ । ଏଥି ସହିତ ସେମାନେ କୃଷି କ୍ଷେତ୍ରରେ ଉଦ୍ୟମିତାକୁ ଆପଣାଇବାର ଆବଶ୍ୟକତା ରହିଛି । କୃଷକ ସମାଜର ଅନେକ ଯୁବକ କୃଷି ବ୍ୟବସାୟ ପ୍ରତି ଆଗ୍ରହ ପ୍ରଦର୍ଶନ କରୁଛନ୍ତି । ରାଜ୍ୟ ସରକାର ଯନ୍ତ୍ରପାତି କ୍ରୟରେ ୭୫ ପ୍ରତିଶତ ସବ୍‌ସିଡ଼ି ପ୍ରଦାନ କରୁଥିବା ପରିପ୍ରେକ୍ଷୀରେ ଚାଷୀମାନେ ଏହି ଯୋଜନାର ଲାଭ ଉଠାଇବା ପାଇଁ ସେ ଆହ୍ୱାନ ଦେଇଛନ୍ତି ।

ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ, ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ, କୁଚିଣ୍ଡା ବିଧାୟକ ଶ୍ରୀ କିଶୋର ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦର ଅଧ୍ୟକ୍ଷ ଶ୍ରୀମତୀ କୁମୁଦିନୀ ନାୟକଙ୍କ ସମେତ ବହୁ ଚାଷୀ ଏବଂ ଶିକ୍ଷାନୁଷ୍ଠାନର ପ୍ରତିନିଧି ଯୋଗଦେଇଥିଲେ ।

କୃଷି ମେଳାରେ କୃଷି ଯନ୍ତ୍ରପାତି, ମିଲେଟସ୍, ହସ୍ତତନ୍ତ, ହସ୍ତଶିଳ୍ପର ୧୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲାଯାଇଛି । ଏଥି ସହିତ ଭାରି ଯନ୍ତ୍ରପାତିର କାର୍ଯ୍ୟକାରିତାର ଲାଇଭ ପ୍ରଦର୍ଶନ କରାଯାଉଛି । ଉତ୍ସବରେ ପଶ୍ଚିମ ଓଡ଼ିଶାର ୫ ଜଣ ଅଗ୍ରଣୀ ଚାଷୀଙ୍କୁ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ କୃଷି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଅଗ୍ରଣୀ ଚାଷୀଙ୍କୁ କମ୍ବାଇନ୍ ହାରଭେଷ୍ଟର, ଟ୍ରାକଫର ଏବଂ ମୁଢ଼ି ତିଆରି ମେସିନ୍‌ର ଚାବି ହସ୍ତାନ୍ତର କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ୫ ଦିନିଆ କର୍ମଶାଳାରେ ଧାନଭିତ୍ତିକ ଫସଲ ପଦ୍ଧତିର ପୁନରୁଦ୍ଧାର, ଉଦ୍ୟାନ କୃଷି ମାଧ୍ୟମରେ ଚାଷୀଙ୍କ ଆୟବୃଦ୍ଧି, ଜଳବାୟୁ ସହନଶୀଳ କୃଷିକାର୍ଯ୍ୟ, କୃଷିଜାତ ଦ୍ରବ୍ୟର ରପ୍ତାନୀକୁ ପ୍ରୋତ୍ସାହନ, ମତ୍ସ୍ୟଚାଷ ଦ୍ୱାରା ଆୟବୃଦ୍ଧି, ପ୍ରାଣୀପାଳନ ମାଧ୍ୟମରେ ଆୟବୃଦ୍ଧି, ଏଗ୍ରିବିଜିନେସ୍-ସମୃଦ୍ଧ କୃଷି ଉଦ୍ୟୋଗ ଆଦି ସ୍ଥାନ ପାଇଛି । କୃଷି ଯାନ୍ତ୍ରିକୀକରଣରେ ମହିଳାମାନଙ୍କର ଅଂଶଗ୍ରହଣ, କେଜ କଲଚର ଓ ବାୟୋଫ୍ଲକ୍ ମାଧ୍ୟମରେ ମତ୍ସ୍ୟଚାଷ, ସମନ୍ୱିତ କୃଷି ବ୍ୟବସ୍ଥା, ଅନ୍ତର୍ଜାତୀୟ ମିଲେଟ୍ ବର୍ଷ, ମିଲେଟ୍ ଚାଷର ଉପକାରିତା ଓ ସୁବିଧାସୁଯୋଗ, ଅଣଋତୁରେ ପନିପରିବା ଚାଷ ଏବଂ ବିଦେଶୀ ଫଳ ଚାଷର ସମସ୍ୟା ଓ ସମ୍ଭାବନା, ଅଣୁ ଜଳସେଚନ ଏବଂ ସଂରକ୍ଷିତ ଚାଷର ଉପଯୋଗିତା ଓ ଆହ୍ୱାନ ଆଦି ପ୍ରସଙ୍ଗରେ କୃଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ।

# ଯାଜପୁର ରୋଡ-ଧାମରା ରେଳପଥ ନିର୍ମାଣ ପାଇଁ ବ୍ୟୟବରାଦ ଦାବିରେ ଗଣଧାରଣା

ଭୁବନେଶ୍ୱର, ୨୮/୦୧ (ନି.ପ୍ର): ଯାଜପୁର ରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତିର ଆବାହକ ସନ୍ତୋଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଦିବା ୧୧ ଘଟିକାଠାରୁ ୨ ଘଟିକା ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ପୂର୍ବତଟ ରେଳବାଇ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ଯାଜପୁର ରୋଡ଼ ଠାରୁ ଧାମରା ଭାୟା ବିରଜା କ୍ଷେତ୍ର ଯାଜପୁର ଟାଉନ, ମଙ୍ଗଳପୁର, ଆରଡ଼ିସ୍ଥିତ ଶୈବପୀଠ ବାବା ଆଖଣ୍ଡଳମଣି ଓ ପ୍ରସିଦ୍ଧ ଧାମରା ବନ୍ଦର ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳପଥକୁ କେନ୍ଦ୍ର ସରକାର ଅବିଳମ୍ବେ ନିର୍ମାଣ ପାଇଁ ଚଳିତ ବଜେଟରେ ଅନ୍ୟୁନ ୩୦୦ କୋଟି ଟଙ୍କାର ବ୍ୟୟ ବରାଦ କରିବା ପାଇଁ ଶୁକ୍ରବାରଦିନ ଉଭୟ ଯାଜପୁର ଓ ଭଦ୍ରକ ଜିଲ୍ଲାର ଶତାଧିକ ନାଗରିକଗଣ, ରାଜନେତା, ବିଭିନ୍ନ ଶ୍ରମିକ ସଂଗଠନ, ସାମାଜିକ ଓ ଧାର୍ମିକ ସଂଗଠନର ନେତୃମଣ୍ଡଳୀ, ସାମ୍ବାଦିକ ବନ୍ଧୁ ଓ ବୁଦ୍ଧିଜୀବୀମାନେ ଗଣଧାରଣାରେ ଯୋଗ ଦେଇ ସେମାନଙ୍କର ସୁଚିନ୍ତିତ ମତାମତ ଅଭିଭାଷଣ ଜରିଆରେ ରଖିଥିଲେ । ଉକ୍ତ ପ୍ରସ୍ତାବିତ ପ୍ରାୟ ୯୬କିମି ବ୍ୟାପ୍ତ ରେଳପଥ ଅବିଳମ୍ବେ ନିର୍ମାଣ ଓ ଅନ୍ୟୁନ ୧୦୬୦ କୋଟି ଟଙ୍କାର ବ୍ୟୟ ବରାଦ ଆଗାମୀ ୩ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ପ୍ରକଳ୍ପ ନିମନ୍ତେ କଲେ, ଏହି ପ୍ରକଳ୍ପଟି ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।

# ତାଳବଣିଆ ଜଙ୍ଗଲକୁ ନିଆଁ ଭୟ: ୧୬ ଦିନରେ ୪ଥର ଲାଗିଲାଣି ନିଆଁ



ପୁରୀ, ୨୮/୦୧ (ନି.ପ୍ର): ତାଳବଣିଆ ଜଙ୍ଗଲକୁ ଘାରିଛି ନିଆଁ ଭୟ । ମଧୁର ଜଳ ଭଣ୍ଡାରର ସଂରକ୍ଷଣକୁ ଦୃଷ୍ଟିରେ ରଖି ଜଙ୍ଗଲ ସୃଷ୍ଟି କରାଯାଇଛି । ଅଥଚ କଟକଣା ସତ୍ତ୍ୱେ ତାଳବଣିଆ ଜଙ୍ଗଲ ବଣଭୋଜିର ପେଣ୍ଠ ପାଲଟିଛି । ଫଳରେ ଗତ ୧୬ ଦିନ ମଧ୍ୟରେ ୪ଥର ଜଙ୍ଗଲରେ ନିଆଁ ଲାଗିଲାଣି । ନିଆଁ ବ୍ୟାପିବା ପୂର୍ବରୁ ଆୟତ୍ତ କରାଯିବାରୁ ବଡ଼ଧରଣର ଦୁର୍ଘଟଣା ଏଡ଼ାଇ ଦିଆଯାଇଛି, କିନ୍ତୁ ବାରମ୍ବାର ଏଭଳି ଅଘଟଣ ଆଗାମୀ ଦିନ ପାଇଁ ଆହ୍ୱାନ ଛିଡ଼ା କରିଛି । ୨୦ ବର୍ଷ ତଳେ କୃତ୍ରିମ ଭାବେ ଏହି ଜଙ୍ଗଲର ପରିକଳ୍ପନା କରାଯାଇଥିଲା । ପ୍ରାୟ ୧୦୦ ଏକର ପରିମିତ ତାଳବଣିଆ ଅଞ୍ଚଳରେ ଜଙ୍ଗଲ ସୃଷ୍ଟି ହୋଇଛି । ମାତ୍ର ସବୁଜ ବନାନୀମୟ ପରିବେଶ ପାଇଁ ବିପଦ ସାଜିଛି ବର୍ଜ୍ୟର ଡମ୍ପିଂ ଓ ନିଆଁ । ବାସ୍ତବରେ ଏହି ଜଙ୍ଗଲର ଦାୟିତ୍ୱ ଉଭୟ ବନବିଭାଗ ଓ ପୌରପାଳିକା ଅଧୀନରେ ରହିଥିଲେ ହେଁ ଏହାକୁ ସୁରକ୍ଷିତ ରଖିବା ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଉନାହିଁ । ଅନ୍ୟପକ୍ଷରେ ଅସାମାଜିକ ବ୍ୟକ୍ତିମାନେ ଅଧିକାଂଶ ସମୟରେ ମଦ୍ୟପାନ ପାଇଁ ଏହି ଜଙ୍ଗଲକୁ ସୁରକ୍ଷିତ ସ୍ଥାନ ଭାବେ ଆପଣାଇ ନେଇଛନ୍ତି । ମଦ୍ୟପାନ ଓ ସିଗାରେଟ ଯୋଗୁ ଏଭଳି କାଣ୍ଡ ଘଟୁଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି । କେବଳ ସେତିକି ନୁହେଁ ଏହା ମଧ୍ୟରେ ଭୋଜି ଆୟୋଜନ କରାଯାଉଛି । ବଣଭୋଜି ଋତୁ ଚାଲିଥିବାରୁ ଦଳଗତ ଭାବେ ଏହା ମଧ୍ୟରେ ଭୋଜି ଆୟୋଜନ କରୁଥିଲେ ହେଁ ନିଆଁ ନ ଲିଭାଇ ଚାଲିଯାଉଛନ୍ତି । ଫଳରେ ଶୁଖିଲା ପତ୍ରକୁ ବ୍ୟାପି ଏଭଳି ଅଗ୍ନିକାଣ୍ଡ ଘଟୁଥିବା ସନ୍ଦେହ କରାଯାଉଛି । ଅନ୍ୟପକ୍ଷରେ କିଛି ବ୍ୟକ୍ତିବିଶେଷ ଏହି ଜଙ୍ଗଲ ମଧ୍ୟରେ ଅଳିଆ ଗଦା କରିବା ସହ ନିଆଁ ଲଗାଇ ଦେବାକୁ ଉଦ୍ୟମ କରୁଛନ୍ତି ।

ଏନେଇ ପରିବେଶପ୍ରେମୀ ଡାନିଏଲ ନାୟକ କହିଛନ୍ତି, ଗତ ବର୍ଷଠୁ ଜଙ୍ଗଲକୁ ଆବର୍ଜନା ମୁକ୍ତ ରଖିବା ପାଇଁ ନିରନ୍ତର ପ୍ରୟାସ ଚାଲିଛି । ଲୋକେ ଯେପରି ଏହି ମଧୁର ଜଳଭଣ୍ଡାରର ଗୁରୁତ୍ୱ ବୁଝିବେ ଓ ଏହାର ସୁରକ୍ଷା ଦିଗରେ ଆନ୍ତରିକତା ଦେଖାଇବେ ସେନେଇ ଉଦ୍ୟମ କରାଯାଉଛି । କାନ୍ଥ ବାଡ଼, ଜଙ୍ଗଲ ପରିସରରେ ସଚେତନତା ବାର୍ତ୍ତା ଲେଖାଯାଇଛି । ତଥାପି କିଛି ଅସମାଜିକ ଓ ଅସଚେତନ ନାଗରିକଙ୍କ ଯୋଗୁ ଏଭଳି ଅଗ୍ନିକାଣ୍ଡ ବାରମ୍ବାର ଘଟୁଛି । ନିଜ ଖୁସି ଓ ମନୋରଂଜନ ପାଇଁ ଭୋଜି କରୁଥିଲେ ବି ନିଆଁ ଲିଭାଇବା ଯେ ସେମାନଙ୍କ ନୈତିକ ଦାୟିତ୍ୱ ତାହା ଭୁଲିଯାଉଛନ୍ତି । ଗତ ୧୩, ୧୬, ୨୦ ଓ ୨୪ ତାରିଖରେ ଜଙ୍ଗଲର ବିଭିନ୍ନ ସ୍ଥାନରେ ନିଆଁ ଲାଗିଥିଲା । ୩ ଥର ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲା । ଆଉ ଥରେ କିଛି ଛୋଟ ପିଲା ଓ ପରିବେଶପ୍ରେମୀ ନିଆଁ ଲିଭାଇଥିଲେ ।

# ଧାନ କିଣା ବିକାରେ ବ୍ୟାପକ ଦୁର୍ନୀତି

## ଧାନ କିଣାରେ ବିଜେଡି ସରକାରର ଏକ ବ୍ୟବସ୍ଥିତ ର୍ୟାକେଟ କାର୍ଯ୍ୟ କରୁଛି : ମନୋଜ ମହାପାତ୍ର

ଭୁବନେଶ୍ୱର, ୨୮/୦୧ (ନି.ପ୍ର): ଓଡିଶା ଚାଷୀଙ୍କ ଆୟ ସର୍ବଭାରତୀୟ ସ୍ତରରେ ବହୁ ପଛରେ ପଡିଯାଇଛି । ବିଜେଡି ସରକାରର ଚାଷୀମାରଣ ନୀତି କାରଣରୁ ଆଜି ରାଜ୍ୟର ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ହୋଇନାହିଁ । ଚାଷୀମାନଙ୍କଠାରୁ ଧାନ କିଣିବା ପାଇଁ ମଣ୍ଡି ଖୋଲିବାର ଘୋଷଣା କରିଲେ । ମାତ୍ର ଆଜି ସୁଦ୍ଧା ସମସ୍ତ ସ୍ଥାନରେ ମଣ୍ଡି ଖୋଲା ଯାଇପାରିଲା ନାହିଁ । ମଣ୍ଡିର ସୁପରିଚାଳନା ପାଇଁ ସିସି ଟିଭି କ୍ୟାମେରା ଲାଗି ପାରିଲା ନାହିଁ । ଏପରିକି ଧାନମଣ୍ଡିକୁ ଆସୁଥିବା ଚାଷୀମାନଙ୍କ ମୌଳିକ ସୁବିଧା ପାଇଁ ଆବଶ୍ୟକୀୟ ସୁବିଧାର ବ୍ୟବସ୍ଥା ମଧ୍ୟ କରାଗଲା ନାହିଁ । କଟନୀ ଛଟନୀର ଶିକାର ହଲେ ଚାଷୀକୁଳ । ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୧୦୦ଟଙ୍କା ବୋନସ ତ ଦେଲେ ନାହିଁ ବରଂ କଟନୀ ଛଟନୀ କରି ଚାଷୀମାନଙ୍କଠାରୁ ଓଲଟା ୧୦୦ ରୁ ୨୦୦ଟଙ୍କା ବୋନସ ନେଇ ଯାଉଛନ୍ତି । 'ରାଜ୍ୟ ସରକାର-ବେପାରୀ-ମିଲର୍ସ' ମଧୁଚନ୍ଦ୍ରିକା କାରଣରୁ ଲକ୍ଷ ଲକ୍ଷ ଚାଷୀ ଅଭାବୀ ବିକ୍ରିର ମଧ୍ୟ ଶିକାର ହେଲେ । ରାଜ୍ୟ ସରକାରଙ୍କ ତୃଟିପୂର୍ଣ୍ଣ ଧାନ କିଣା ଓ ମଣ୍ଡି ବ୍ୟବସ୍ଥା କାରଣରୁ ଆଜି ଲକ୍ଷ ଲକ୍ଷ କ୍ୱିଂଟାଲ ଧାନ କିଣା ଯାଇ ପାରୁନାହିଁ ଏବଂ ଶେଷରେ ନିରୀହ ଚାଷୀ ହନ୍ତସନ୍ତର ଶିକାର ହେଉଛନ୍ତି ବୋଲି ବିଜେପି ରାଜ୍ୟ ମୁଖପାତ୍ର ଶ୍ରୀ ମନୋଜ ମହାପାତ୍ର କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ରାଜ୍ୟରେ କେଉଁ ଭଳି ଅବ୍ୟବସ୍ଥିତ ଭାବେ ଧାନ ସଂଗ୍ରହ କରାଯାଉଛି ତାହା ୫-ଟି କାର୍ଯ୍ୟ କରୁଥିବା ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ଜିଲ୍ଲା ଗଂଜାମ ହେଉଛି ଏହାର ପ୍ରକୃଷ୍ଟ ଉଦାହରଣ । ୩୪୬ଟି ରାଇସ ମିଲର୍ସ ଏବଂ ଧାନ ସଂଗ୍ରହ ପରିମାଣ ନିର୍ଦ୍ଧାରଣର ତାଲିକା କରି ଗଂଜାମ ଜିଲ୍ଲାପାଳ ଜିଲ୍ଲାରୁ ଧାନ ସଂଗ୍ରହ ପାଇଁ ଗତ ଡିସେମ୍ବର ୧୪ ତାରିଖ ଦିନ ନିର୍ଦ୍ଦେଶ ଦେଲେ । ତାଲିକାରେ ଅନିୟମିତତା ଓ ଭୁଲ୍ ଥିବା ଦର୍ଶାଇ ମିଲର୍ସ ଆସୋସିଏସନ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ମିଲିଂ କ୍ଷମତା ଏବଂ ଆବଶ୍ୟକୀୟ ଗୋଦାମ ଘର ନଥିବା ସତ୍ତ୍ୱେ ଏହି ତାଲିକାରେ ଥିବା କୁକୁଡାଖଣ୍ଡିସ୍ଥିତ ଦଣ୍ଡକାରିଣୀ ରାଇସ ମିଲ୍‌କୁ ୩୭,୧୮୬ କ୍ୱିଂଟାଲ ଏବଂ ଖଲିକୋଟସ୍ଥିତ ମଡର୍ଣ୍ଣ ରାଇସ ମିଲ୍‌କୁ ୫୯,୭୪୧ କ୍ୱଂଟାଲ ଧାନ ସଂଗ୍ରହ କରିବାକୁ କୁହାଯାଇଥିଲା । ବ୍ରହ୍ମପୁର ସମବାୟ ବ୍ୟାଂକର ସଭାପତି ଶିବରାମ ପାତ୍ର ହେଉଛନ୍ତି ଦଣ୍ଡକାରିଣୀ ରାଇସ ମିଲର ମାଲିକ ହୋଇଥିବାବେଳେ ଜିଲ୍ଲାରେ ପିଡିଏସ ଚାଉଳ ଯୋଗାଣ କରୁଥିବା ଶାସକ ବିଜେଡିର ଜଣେ ନେତା ହେଉଛନ୍ତି ମଡର୍ଣ୍ଣ ରାଇସ ମିଲ୍‌ର ମାଲିକ । ଏହି ଦୁଇ ଜଣଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଓ ବିଜେଡି ସରକାରର କଣ ସଂପର୍କ ରହିଛି, ତାହା ସ୍ପଷ୍ଟ ହେବା ଆବଶ୍ୟକ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ଧାନ କିଣାରେ ବିଜେଡି ସରକାରର ଏକ ବ୍ୟବସ୍ଥିତ ର୍ୟାକେଟ କାର୍ଯ୍ୟ କରୁଛି । ଏହାର କ୍ୟାପଟେନ ଖୋଦ୍ ମୁଖ୍ୟମନ୍ତ୍ରୀ ହୋଇଥିବାବେଳେ ଭାଇସ କ୍ୟାପଟେନ ସାଜିଛନ୍ତି ରାଜ୍ୟ ଯୋଗାଣ ବିଭାଗ ମନ୍ତ୍ରୀ । ଏହି ର୍ୟାକେଟରେ ଶାସକ ବିଜେଡିର ନେତା ଓ କର୍ମୀ, କିଛି ବିଭାଗୀୟ କର୍ମଚାରୀମାନେ ଟିମର ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି । ଏହି ରାକେଟ ଜରିଆରେ ପ୍ରତି ବର୍ଷ ବିଜେଡି ସରକାର ୧୦୦୦ କୋଟି ଟଙ୍କାର ଦଳୀୟ ପାଂଠି ସଂଗ୍ରହ କରୁଛି । ଏହି ଦୁର୍ନୀତିର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯାଉ ଏବଂ ଏଥିରେ ସଂପୃକ୍ତ ଥିବା ସମସ୍ତ ସରକାରୀ ଅଧିକାରୀ, ବେଆଇନ ଭାବେ ତାଲିକାରେ ଥିବା ରାଇସ ମିଲର୍ସ ମାଲିକଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରିବାକୁ ଶ୍ରୀ ମହାପାତ୍ର ଦାବୀ କରିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଏବଂ ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପବିତ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

### ମା' ମଙ୍ଗଳା କ୍ରିକେଟ ପ୍ରତିଯୋଗୀତା ଉଦ୍ଘାଟିତ: ଧନେଶ୍ୱର ବିଜୟୀ

କୋରାଇ, ୨୮/୦୧ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତ ଅନ୍ତର୍ଗତ ଖୋସାଲପୁର ଗ୍ରାମର ମା ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ୭ମ ବାର୍ଷିକ କ୍ରିକେଟ ପ୍ରତିଯୋଗୀତା ଉଦ୍ଘାଟିତ ହୋଇଛି । ତ୍ରୀଦ୍ୱିବସୀୟ ଖେଳରେ ମୋଟ ୧୬ଟି ଦଳ ଭାଗ ନେବେ । ମୁଖ୍ୟ ଅତିଥିଭାବେ ଯୁବ ଆଇନଜିବୀ ବିଜୟ ସାହୁ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଉଦ୍ଘାଟନୀ ମ୍ୟାଚ ଧନେଶ୍ୱର ବନାମ ଖୋସାଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଧନେଶ୍ୱର ପ୍ରଥମେ ଟସ ଜିତି ନିର୍ଦ୍ଧାରିତ ୧୦ ଓଭରରେ ୭ ଓ୍ୱିକେଟ ହରାଇ ୧୫୫ରନ ସଂଗ୍ରହ କରିଥିଲା । ଜବାବରେ ଖୋସାଲପୁର ମାତ୍ର ୪୫ ରନରେ ସମସ୍ତ ଓ୍ୱିକେଟ ହରାଇ ପରାଜୟ ବରଣ କରିଥିଲା ।

# ଫେବୃୟାରୀ ୧୧ ତାରିଖରେ ଅନୁଷ୍ଠିତ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର , ୨୮/୦୧ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଫେବୃୟାରୀ ମାସ ୧୧ ତାରିଖ ଶନିବାର ଦିନ ଖୋର୍ଦ୍ଧା ଜିଲ୍ଲାରେ ଅବସ୍ଥିତ ଥିବା ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଖୋର୍ଦ୍ଧା-ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି । ଏହି ଲୋକ ଅଦାଲତରେ ରଫା ଯୋଗ୍ୟ ଫୌଜଦାରୀ ମାମଲା, ଚେକ୍ ବାଉନ୍ସ, ମନି ରିକଭରି, ଗାଡି-ମୋଟର ଦୁର୍ଘଟଣାଜନିତ ମାମଲା, ଶ୍ରମ ବିବାଦ, ଜନ ଉପଯୋଗୀ ମାମଲା, ବିଦ୍ୟୁତ୍, ପାନୀୟଜଳ, ବୈବାହିକ, ଜମିଅଧିଗ୍ରହଣ, ପେନସନ୍ ଓ ନିଯୁକ୍ତି, ରାଜସ୍ୱ ମାମଲା, ଟେଲିଫୋନ୍ ଦେୟ ଅନାଦେୟ ମାମଲା, ବ୍ୟାଙ୍କ ଋଣ ଅନାଦେୟ, ଖାଉଟି ସୁରକ୍ଷା ମାମଲାମାନ ଆପୋଷ ବୁଝାମଣା ଜରିଆରେ ସଂପୃକ୍ତ ବିଭାଗୀୟ ଅଦାଲତ ମାନଙ୍କରେ ଫଇସଲା କରାଯିବ ବୋଲି ସଚିବ ଶ୍ରୀମତୀ ସୌଦାମିନି ସିଂ ପ୍ରକାଶ କରିଛନ୍ତି । ତେଣୁ ଜନସାଧାରଣ ଉକ୍ତ ଲୋକ ଅଦାଲତ ଅନୁଷ୍ଠିତ ହେବାର ଯଥେଷ୍ଟ ପୂର୍ବରୁ ସଂପୃକ୍ତ ଅଦାଲତରେ ନିଜ ନିଜର ମାମଲାର ଆପୋଷ ସମାଧାନ ପାଇଁ ଦରଖାସ୍ତ କରି ଫଇସଲା କରି ପାରିବେ ନତୁବା ଅଦାଲତ ପରିସରରେ ଥିବା ଆଇନ ସେବା ବିଭାଗଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ । କେବଳ ବିଚାରାଧୀନ ମୋକଦ୍ଦମା ନୁହେଁ, ମୋକଦ୍ଦମା ନଥାଇ ମଧ୍ୟ ଯଦି ନିଜ ନିଜ ମଧ୍ୟରେ ବା ଅପର ପକ୍ଷଙ୍କ ସହ ବିବାଦ ଲାଗି ରହିଥାଏ,ତେବେ ଉକ୍ତ ବିବାଦର ସମାଧାନ ପାଇଁ ମଧ୍ୟ ଉଭୟ ପକ୍ଷ ଆଇନ ସେବା ବିଭାଗକୁ ନିର୍ଦ୍ଧାରିତ ଫର୍ମରେ ଆପୋଷ ବୁଝାମଣା ପାଇଁ ଦରଖାସ୍ତ ପ୍ରଦାନ କଲେ, ଏହା ଫଇସଲା ହୋଇପାରିବ ବୋଲି ସଚିବ ଶ୍ରୀମତୀ ସିଂ ସୂଚନା ଦେବା ସହ ଜନସାଧାରଣ ଏହାର ସୁଯୋଗ ନେବାକୁ ଏବଂ ସୁଫଳ ଆପଣାଇବାକୁ ପରାମର୍ଶ ଦେଇଛନ୍ତି ।

# ଡ. ଶ୍ୟାମସୁନ୍ଦର ମହାପାତ୍ର ସ୍ମାରକୀ ବକ୍ତୃତା ଅନୁଷ୍ଠିତ

ଭୁବନେଶ୍ୱର, ୨୮/୦୧ (ନି.ପ୍ର): ଡ. ଶ୍ୟାମସୁନ୍ଦର ମହାପାତ୍ର ସ୍ମାରକୀ ବକ୍ତୃତା ଭୁବନେଶ୍ୱରସିତ୍ଥ ପ୍ରେସ କ୍ଲବ ଅଫ ଓଡ଼ିଶାଠାରେ ଡଃ ଜଷ୍ଟିସ୍ ଦୁର୍ଗପ୍ରାସାଦ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଶ୍ୟାମସୁନ୍ଦର ମହାପାତ୍ର, ପୂର୍ବତନ ସାଂସଦ (ଲୋକସଭା, ରାଜ୍ୟସଭା)ଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରି ଶ୍ରୀଯୁକ୍ତ ଦେବରାଜ ପ୍ରଧାନ, ଭାରତର ରାଷ୍ଟ୍ରଦୂତ (ଅବସରପ୍ରାପ୍ତ), 'ଗ୍ରୁପ-୨୦ରେ ଭାରତର ସଭାପତିତ୍ୱ ଓ ଭାରତର ସମସାମୟିକ ବୈଦଶିକ ନୀତି' ଉପରେ ନିଜର ସାରଗର୍ଭକ ମତ ପ୍ରଦାନ କରି ସ୍ୱର୍ଗତ ମହାପାତ୍ରଙ୍କୁ ଜଣେ ପୃଥିବୀ ବିଖ୍ୟାତ ରାଷ୍ଟ୍ରନୀତିଜ୍ଞ ଓ ପାର୍ଲିଆମେଂଟାରିଆନ ଭାବେ ଚିତ୍ରିତ କରିଥିଲେ । ସେ ଜି-୨୦ ଉପରେ ସ୍ୱତନ୍ତ୍ର ପ୍ରାଧାନ୍ୟ ସହ ଆନ୍ତଃନୀତି, ବହିଃବ୍ୟାପାର ନୀତି ଓ କୂଟନୀତିକ ନୀତି ଉପରେ ବକ୍ତୃତା ପ୍ରଦାନ କରିଥିଲେ । ପୂର୍ବତନ ରାଜ୍ୟସଭା ଓ ଲୋକସଭା ସଦସ୍ୟ ସ୍ୱର୍ଗତ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଜୀବନୀ ଓ କର୍ମଦକ୍ଷତା ଉପରେ ଭାଷଣ ଦେଇ ଏହି ସ୍ମାରକୀ ବକ୍ତୃତାର ଆବାହକ ଡ. ମଙ୍ଗଳା ପ୍ରସାଦ ମହାନ୍ତି, ତାଙ୍କ ଉଚ୍ଚ ଆଦର୍ଶ ଓ ଦୂରଦୃଷ୍ଟି ସମ୍ପନ୍ନ ରାଜନୀତିର ଭୂୟସୀ ପ୍ରଶଂସା କରିଥିଲେ । ଏଆଇ.ସି.ସି.ର ଜେନେରାଲ ସେକ୍ରେଟାରୀ ଭାବେ ଭାରତରେ ଜଣେ ପ୍ରତିପତିଶାଳୀ ରାଜନେତା ଭାବ ତାଙ୍କର ପ୍ରଭାବ ଥିଲା ସୁଦୂର ପ୍ରସାରୀ । ଯୁଗଶ୍ରୀ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଶୁଭଙ୍କର ମହାପାତ୍ର ମ ଆବାହନ କରି ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଟ୍ରଷ୍ଟର ସଦସ୍ୟା ସୁଶ୍ରୀ ଗୀତାଞ୍ଜଳି ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଇଂ ବୀଣାପାଣୀ ସାହୁ, ଇଂ ଶମ୍ଭୁନାଥ ସିଂହ, ଡଃ ମିନାକ୍ଷୀ ପଣ୍ଡା, ପ୍ରଫେସର ଡଃ କାର୍ତିକ ମହାପାତ୍ର ଓ ସମାଜସେବୀ ଶତୃଘ୍ନ ଷଡ଼ଙ୍ଗୀ ପ୍ରଶ୍ନ ପଚ୍ଚରିଥିଲେ ଏହି ସଭାରେ ସର୍ବଶ୍ରୀ ପଦ୍ମଭୂଷଣ ରମାକାନ୍ତ ରଥ, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଇନ୍ଦିରା ଦାଶ, ସଜ୍ଜନ ଶର୍ମା, ବିଜୟଲକ୍ଷ୍ମୀ ମହାନ୍ତି, ପ୍ରକାଶ ଚନ୍ଦ୍ର ମିଶ୍ର, ରଞ୍ଜିତ ଠାକୁର, ଆଇନଜୀବୀ ସୁରେନ୍ଦ୍ରନାଥ କର, ଡଃ ପ୍ରଭାବତୀ ପଣ୍ଡା, ଡଃ ଲିଙ୍ଗରାଜ ରଥ, ଉପେନ୍ଦ୍ର ପାଢୀ, ପୀତବାସ ରାଉତରାୟ, ଡଃ ଲାବଣ୍ୟ ଶବର, ଡଃ କ୍ଷୀରୋଦ ପରିଡ଼ା, ଡଃ ଉପେନ୍ଦ୍ର ପ୍ରସାସ ନାୟକ, ଡା ତୋଫାନ ପତି, ଚ୍ଚଟାର୍ଡ଼ ଆକାଉ । ନିଶିଥ ପାତ୍ର, ଯୁଗଶ୍ରୀ ଯୁଗନାରୀର ସମ୍ପାଦିକା ମମତା ମହାପାତ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦାନ କରିଥିଲେ ।

### ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଭୁବନେଶ୍ୱରରେ ପଟୁଆର ଏବଂ ଗଣ ପ୍ରତିବାଦ

ଭୁବନେଶ୍ୱର, ୨୮/୦୧ (ନି.ପ୍ର): ଐତିହାସିକ କୃଷକ ଆନ୍ଦୋଳନ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଚାଷୀମାନଙ୍କୁ ଦେଇଥିବା ପ୍ରତିଶୃତିର ପ୍ରତାରଣା ବିରୁଦ୍ଧରେ,ସମସ୍ତ ଫସଲର ଏମ୍ ଏସ୍ ପି ପାଇଁ ଆଇନଗତ ଗ୍ୟାରେଣ୍ଟି, କୃଷକ ମାନଙ୍କର ଋଣ ଛାଡ ଇତ୍ୟାଦି ୧୫ଦଫା ଦାବୀ ରେ ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ୨୬ ଜାନୁୟାରୀ ୨୦୨୩ ରେ ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗ ଠାରେ ପଟୁଆର ଏବଂ ଗଣ ପ୍ରତିବାଦ ସଂଗଠିତ ହୋଇ ଯାଇଛି । ଏହି ପଟୁଆର ଏବଂ ପ୍ରତିବାଦ କାର୍ଯ୍ୟକ୍ରମ ରେ ସର୍ବଶ୍ରୀ ସୁରେଶ ପାଣିଗ୍ରାହୀ, ସନାତନ ପାତ୍ର, ରଘୁନାଥ ଦାସ, ମହେନ୍ଦ୍ର ପରିଡା, ଦେବ ପ୍ରସାଦ ରାୟ, ନରେନ୍ଦ୍ର ମହାନ୍ତି, ସୁଦର୍ଶନ ପ୍ରଧାନ,ଜଗନ୍ନାଥ ମିଶ୍ର, ସୁର ଜେନା, ବିଶ୍ୱପ୍ରିୟ କାନୁନଗୋ,ନିରଞ୍ଜନ ମହାନ୍ତି, ଅଭିରାମ ବେହେରା, ସାଲ ମାର୍ଣ୍ଡି, ଜୟନ୍ତ ଦାସ,ପ୍ରଦୀପ୍ତ ନାୟକ, ସତୀଶ ମିଶ୍ର,ପ୍ରଭାତ ପାଣିଗ୍ରାହୀ,ତପନ ମିଶ୍ର,କୈଳାଷ ପୁହାଣ,ରବୀନ୍ଦ୍ର ଟୁଡୁ, ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇ ନେତୃତ୍ୱ ନେଇଥିଲେ ।

# ବୁଢିସିଣ୍ଡୋଲ କଂସ ଦରବାରର ଉଦ୍‌ଯାପନୀ ସମାରୋହ

ବଲାଙ୍ଗୀର, ୨୮/୦୧ (ନି.ପ୍ର): ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ବୁଢାସିଣ୍ଡୋଲ ଗ୍ରାମରେ ଦୀର୍ଘ ୫ ଦିନ ଧରି ହେଉଥିବା ସାରସ୍ୱତ ସମାରୋହର କଂସ ଦରବାର, ବିଭିନ୍ନ ସାଂସ୍କୃତିକ ଓ ଅଧ୍ୟାତ୍ମିକ କାର୍ଯ୍ୟକ୍ରମର ଆଜି ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ବିଜେଡି ଦଳର ରାଜ୍ୟ ସଂପାଦକ ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରାମାଂଚଳରେ ଏଭଳି ଭବ୍ୟ ଆୟୋଜନକୁ ଭୂୟସି ପ୍ରଶଂସା କରିବା ସହିତ ସାଂସ୍କୃତିକ ଓ ଆଧ୍ୟାତ୍ମିକ ମଂଚର ଆୟୋଜନ ଦ୍ୱାରା ପରସ୍ପର ଭିତରେ ଥିବା ବିଦ୍ୱେଷ ଭାବ ଦୂରହେବା ସାଙ୍ଗେ ସାଙ୍ଗେ ଭାଇଚାରା ଓ ଏକତା ରକ୍ଷା ହୋଇଥାଏ ବୋଲି ନିଜର ମତ ରଖିଥିଲେ । ଦିନବେଳା ମା' ବାଗ୍‌ଦେବୀଙ୍କ ଆରାଧନା ହେବା ସହିତ ରାମାୟଣ ପାରାୟଣରେ ଅଗଣିତ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । କଂସ ଦରବାରର ଚତୁର୍ଥ ରଜନୀ ଥିଲା ବେଶ୍ ନିଆରା ସେହି ଦିନ ବଲାଙ୍ଗିର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମୋର ପାଇଁ କୌଣସି ପଦ ପଦବି କିଛି ମାନେ ରଖେନି ଏହା ଅସ୍ଥାୟୀ ଓ ପାଂଚ ବର୍ଷ ପାଇଁ ଉଦ୍ଦିଷ୍ଟ, ହେଲେ ଆମ ଭିତରେ ଥିବା ସମ୍ପର୍କ ଚିରସ୍ଥାୟୀ, ମୋତେ ନିଜର ଝିଅ, ବୋହୁ ବୋଲି ବିଚକ୍ଷଣ କରିବେ ମୁଁ ସବୁଦିନ ପାଇଁ ଆପଣଙ୍କ ସୁଖ ଦୁଃଖରେ ସାମିଲ ହେବାକୁ ଚାହେଁ ବୋଲି ଆବେଗଭରା ଅଭିଭାଷଣ ରଖି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରଥମ ଦିନ ସ୍ଥାନୀୟ ସରପଂଚ ପୁରୁଷୋତମ କମ୍ପ ମଂଚ ଉଦ୍‌ଘାଟନ କରିଥିବାବେଳେ ଦ୍ୱିତୀୟ ଓ ତୃତୀୟ ରଜନୀରେ ଯଥାକ୍ରମେ ବିଡିସିସି ସଭାପତି ସ୍ମାରକ ରଞ୍ଜନ ମିଶ୍ର ଓ ବରିଷ୍ଠ ଆଇନଜିବୀ ଅମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଜ ନିଜ ମତ ରଖିଥିଲେ । କଂସ ଭୂମିକାରେ ଅଭିନୟ କରୁଥିବା ଫଟକରା ଗାଁର ଅନୀଲ କୁମାର ନାଏକ ଏବଂ ତାଙ୍କ ଟିମ୍‌ଙ୍କର ଜୀବନ୍ତ ଓ ମାର୍ମିକ ଅଭିନୟ ମନମୁଗ୍ଧକର ଥିଲା ।

### ପୂର୍ବତନ ସରପଂଚ ଜନନେତା ମାଟୁ ଭୁଏଙ୍କ ପରଲୋକ

ବଲାଙ୍ଗୀର, ୨୮/୦୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ମକୁନ୍ଦପୁର ଗ୍ରାମ ପଂଚାୟତ ରୁଗୁଡ଼ିପାଲି ଗାଁ ର ମାଟୁ ଭୁଏଙ୍କ ଗତକାଲି ୨୬ ସତାରିଖ ଦିନ ପରଲୋକ ହେଇ ଯାଇଛି । ଶ୍ରୀ ଭୁଏ ୧୯୮୪ ମସିହାରେ ଉପରଝର ଗ୍ରାମ ପଂଚାୟତର ସରପଂଚ ଥିବା ସମୟରେ ଅାଂଚଳିକ ହାଇସ୍କୁଲ ନିର୍ମାଣ କରି ଥିଲେ ବିଦ୍ୟୁତ ଲଗାଇବା ଗାଁ ରାସ୍ତାଘାଟ ତିଆରି କରିବା ଦିଗରେ ଶ୍ରୀ ଭୁଏଙ୍କ ଅନେକ ଅବଦାନ ରହିଛି କ୍ଷ ଭୀମ ପାହାଡ଼ର ଗିରି ଗୋବର୍ଦ୍ଧନ ପୂଜା ଆୟୋଜନ କମିଟିର ସଦସ୍ୟ ଥିଲେ ଶ୍ରୀ ଭୁଏ । ଲୋକଙ୍କୁ ସହଯୋଗ କରିବା ଲୋକମାନଙ୍କ ସହିତ ମେଳାପି ବନ୍ଧୁଥିଲେ ଦୀର୍ଘ ୨୦ବର୍ଷରୁ ଉର୍ଦ୍ଧ ହେବ ବିଜେଡି ଦଳ ସହିତ ଜଡିତ ଥିଲେ ଶ୍ରୀ ଭୁଏ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୯ ଜାନୁଆରୀ, ୨୦୨୩
email : rabibarachayan2015@gmail.com

ର ବି ବା ର ଚ







......ସୁଚୟନ ସୁଚୟନ ସୁଚୟନ......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୧୦୭**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଏହି ଆଦର୍ଶ ସମ୍ମୁଖରେ ରଖି ମୁଁ ମୋର ଝିଅମାନଙ୍କୁ ଶିକ୍ଷା ଦେବାରେ ଲାଗିଲି ଓ ଏଥିରେ ମୁଁ ବହୁ ପରିମାଣରେ କୃତକାର୍ଯ୍ୟ ହୋଇଅଛି । ମୋର କେତେକ ବିରୁଦ୍ଧଭାବାପନ୍ନ ବନ୍ଧୁଙ୍କ ମନୋଭାବ ପରିବର୍ତ୍ତନ କରିପାରିଅଛି । ସ୍ତ୍ରୀମାନଙ୍କ ପ୍ରତି ସମ୍ମାନ ରକ୍ଷା ଦିଗରେ ସାହାଯ୍ୟ କରିଅଛି । ଶିକ୍ଷିତା ସ୍ତ୍ରୀମାନେ ଆତ୍ମସମ୍ମାନ ରକ୍ଷାରେ ସୁଦ୍ଧା ସମର୍ଥ ହୋଇଅଛନ୍ତି । ଜଣ କେତେ ବିପଥ-ଗମନୋନ୍ମୁଖିନୀ ସ୍ତ୍ରୀଙ୍କୁ ଶିକ୍ଷାନୁଷ୍ଠାନକୁ ପ୍ରେରଣ କରି ସେମାନଙ୍କ ଜୀବନଯାତ୍ରା ନିର୍ବାହର ବ୍ୟବସ୍ଥା କରିବାରେ ସମର୍ଥ ହୋଇଅଛି । ଜଣେ ଦରିଦ୍ର ଅଥଚ ସମ୍ଭ୍ରାନ୍ତ ପରିବାରସ୍ଥ ଗୃହିଣୀଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଶୁଶ୍ରୂଷା କାର୍ଯ୍ୟରେ ନିଯୁକ୍ତ କରାଇ ପରିବାରର ଅନ୍ନସଂସ୍ଥାନ କରିବାରେ ସାହାଯ୍ୟ କରିଅଛି । ଜଣେ ଗରିବ ବନ୍ଧୁର ଝିଅ ମାଇନର ପାସ୍‌କଲା । ତାକୁ ସମ୍ବଲପୁର ଜିଲ୍ଲା ସ୍କୁଲକୁ ନେଇ ନାମ ଲେଖାଇଦେବା ସମୟରେ ଫିସ୍‌ଦେବା ସକାଶେ ଯେତେବେଳେ ଟଙ୍କା ବାହାର କଲି, ତାହା ହେଡ୍‌ମାଷ୍ଟର ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କଲା । ସେ କହିଲେ, 'ଆପଣଙ୍କ ଝିଅ ନୁହେଁ । ଅଥଚ ଏହା ସକାଶେ ଆପଣ ଖର୍ଚ୍ଚ ଦେବାକୁ ବସିଛନ୍ତି । ମୁଁ କାହିଁକି ନ ଦେବି?' ଏହା କହି ନିଜ ବିବେଚିତ କ୍ଷମତା ବ୍ୟବହାର ପୂର୍ବକ ତାହାର ସମସ୍ତ ଫିସ୍ ମାଫ୍ କରି ନାମ ଲେଖିଦେଲେ । ଏହି ଝିଅଟି ଉଚ୍ଚଶିକ୍ଷା ପାଇ ବର୍ତ୍ତମାନ ସମାଜରେ ସମ୍ମାନାର୍ହ ସ୍ଥାନ ଅଧିକାର କରିବସିଅଛି । ଏହି ପ୍ରକାରେ ନିଜ ଜ୍ଞାତି ବନ୍ଧୁଙ୍କଠାରୁ ଆରମ୍ଭ କରି ପରିଚିତ ଅପରିଚିତ ଘରର ଅନେକ ବାଳିକାଙ୍କୁ ସ୍କୁଲକୁ ଆଣିବାରେ ଲାଗିଗଲି । ଏହା କରି ମୁଁ ଯେ କେତେ ଆନନ୍ଦ ଅନୁଭବ କରିଅଛି, ତାହା ଲେଖିବାର ବିଷୟ ନୁହେଁ, ଅନୁଭୂତିର ବିଷୟ। ଲୋକେ ବେଶି ମୋତେ ପାଗଳ ବୋଲି କହିବାକୁ ଲାଗିଲେ । ବାସ୍ତବରେ ମୁଁ ମଧ୍ୟ ପାଗଳ ହୋଇଗଲି । ମୋତେ ଦିଶିଲା, ଯେତେ ଝିଅ ଅଛନ୍ତି ସମସ୍ତେ ମୋର । ସମସ୍ତଙ୍କୁ ପାଠ ପଢ଼ାଇବି । ଏହାଦେଖି ଅପର ବନ୍ଧୁଙ୍କ ମଧ୍ୟରେ ହିଂସାର ଉଦ୍ରେକ ହେଲା ଓ ମୋ ଉପରେ ନିର୍ଯ୍ୟାତନା ଆରମ୍ଭ ହେଲା ।

ଜୀବନର ଆଉ ଗୋଟିଏ ପରୀକ୍ଷା ଆରମ୍ଭ କରିବା ଭାବନା ମନରେ ପ୍ରବେଶ କରିବାକୁ ଲାଗିଲା । ଝାଡୁଆ ବ୍ରାହ୍ମଣ ସମାଜର କ୍ଷୁଦ୍ର ଗଣ୍ଡି ମଧ୍ୟରେ ଆବଦ୍ଧ ନ ରହି ଝିଅଙ୍କ ସକାଶେ ପାତ୍ର ନିର୍ବାଚନର କ୍ଷେତ୍ର ପ୍ରଶସ୍ତ ନକଲେ ଚଳିବ ନାହିଁ । ଏ ବିଷୟରେ ମୋର ଭାବନା ଗଭୀରରୁ ଗଭୀରତର ହେବାକୁ ଲାଗିଲା । ସମ୍ବଲପୁରରେ ଏକାଧିକ ପରିବାରରେ ଝିଅ ସଂଖ୍ୟା ଅଧିକ । ଦେଖିଶୁଣି ଝିଅକୁ ପାତ୍ରସ୍ଥ କରିବାକୁ ହେବ । ସାଧାରଣ ଝିଅ ସକାଶେ ତ ପାତ୍ର ମିଳିବା ଦୁଷ୍କର । ଶିକ୍ଷିତା ଝିଅ ସକାଶେ ଏହା ଆହୁରି କଷ୍ଟକର । ଏହି କାରଣରୁ ସମ୍ବଲପୁରରେ ନିଷିଦ୍ଧ ଗୋତ୍ର ମଧ୍ୟରେ ସୁଦ୍ଧା ଅନେକ ବିବାହ ହୋଇଗଲାଣି । ସମ୍ବଲପୁରର ଲୋକେ ବାହାରେ ବିବାହ ସମ୍ପର୍କ ନ କଲେ ଆଉ ରକ୍ଷା ନାହିଁ । ଏହାକଲେ ପାତ୍ରାନ୍ୱେଷଣର କ୍ଷେତ୍ର ପ୍ରଶସ୍ତ ହେବ ଓ ଜାତୀୟତା ବୃଦ୍ଧିର ସୁଦ୍ଧା ପଥ ସୁଗମ ହେବ । ସମସ୍ତ ଜିଲ୍ଲାର ବ୍ରାହ୍ମଣମାନେ ଶାଖାପ୍ରଶାଖା ନିର୍ବିଶେଷରେ ବୈବାହିକ ସମ୍ପର୍କରେ ଆବଦ୍ଧ ହେଲେ ସମାଜର ସଂକୀର୍ଣ୍ଣତା ଦୂରହେବ ଓ ଏକତା ବଳରେ ସମାଜ ବଳିଷ୍ଠ ହେବ । ପୁରୀ, କଟକ, ବାଲେଶ୍ୱର, ଗଞ୍ଜାମ, ସିଂହଭୂମ ଓ ଗଡ଼ଜାତ ରାଜ୍ୟର ବ୍ରାହ୍ମଣମାନେ ଭେଦାଭେଦ ପରିତ୍ୟାଗ କରି ପରସ୍ପର ମଧ୍ୟରେ ବିବାହ ସମ୍ପର୍କ କରିସାରିଲେଣି । ସମ୍ବଲପୁରକୁ ଏମାନଙ୍କୁ ଅନୁସରଣ କରିବାକୁ ହେବ । ଏ ଦିଗରେ ମୋର ଶକ୍ତି, ସାମର୍ଥ୍ୟ ପ୍ରୟୋଗ କରିବାରେ ମନୋନିବେଶ କଲି । ପ୍ରତ୍ୟେକ ଶୁଭ କାର୍ଯ୍ୟରେ ଭଗବାନଙ୍କ ଉଦ୍ଦେଶ୍ୟ ଅନ୍ତର୍ନିହିତ ହୋଇ ରହିଥାଏ । ସୁଷମାର ଦୁଇବର୍ଷ ବୟସରେ ସ୍ଥିର ହୋଇଥିବା ସମ୍ପର୍କ ଭାଙ୍ଗିନଥିଲେ ଭଗବାନ ଏହି ପ୍ରେରଣା ମୋତେ ଦେଇନଥାନ୍ତେ । ତାହାର ଜୀବନର ଏହି ପରିବର୍ତ୍ତନ ହେଲା ମୋର ଜୀବନର ଧ୍ରୁବତାରା । ଏହାକୁ ସମ୍ମୁଖରେ ରଖି ମୋ କାର୍ଯ୍ୟରେ ଅଗ୍ରସର ହେଲି । ଏଥିରେ ମୋର ସହଧର୍ମିଣୀ ମୋତେ ଅଧିକ ଉତ୍ସାହିତ କରିବାକୁ ଲାଗିଲେ । ଦେଖିଲି, ମୋ ଅପେକ୍ଷା ତାଙ୍କ ଉତ୍ସାହ ଅଧିକ । ତାଙ୍କ ଉତ୍ସାହ ଓ ପ୍ରେରଣା ପାଇ ନଥିଲେ ବୋଧହୁଏ ମୁଁ ଝିଅମାନଙ୍କୁ ଏତେ ଉଚ୍ଚଶିକ୍ଷା ଦେବାରେ ପ୍ରବୃତ୍ତ ହୋଇ ନଥାନ୍ତି ।

ଦେଖୁ ଦେଖୁ ଦୁଇବର୍ଷରୁ ଅଧିକ ହୋଇଗଲା । ୧୯୪୧ ଯାଇ ୧୯୪୨ ଆସିଲା । ତଥାପି ପୃଥିବୀବ୍ୟାପୀ ମହାଯୁଦ୍ଧର ବିରାମ ନାହିଁ । ଚତୁର୍ଦ୍ଦିଗରେ ହାହାକାର । ୧୯୩୯ ମସିହା ସେପ୍ଟେମ୍ବରରେ ଯୁଦ୍ଧାରମ୍ଭ ହୋଇ ସୁଦ୍ଧା ତାହାର ଅବସାନର ସୂଚନା ନାହିଁ। ଦିନେ ହଠାତ୍ ଶୁଣାଗଲା, ରାତ୍ର ବାରଟା ଉତ୍ତାରୁ ଓଡ଼ିଶାର ସମୟ ସାଧାରଣ ପ୍ରଚଳିତ ସମୟରୁ ଏକଘଣ୍ଟା ଆଗରେ ରଖିବାକୁ ସରକାରଙ୍କ ହୁକୁମ ହୋଇଅଛି । ଅର୍ଥାତ୍ ଆଜିକାଲି ୬ଟାବେଳେ ୭ ବାଜିଲା ବୋଲି ଧରାଯିବ- ଏହି କ୍ରମରେ। କଚେରୀକୁ ସାଢ଼େ ନଅଟାରେ ଯିବାକୁ ହେବ । ସେତିକିବେଳେ ସାଢ଼େଦଶ ବାଜିବ । ପୃଥିବୀ ବ୍ୟାପୀ ଯୁଦ୍ଧ ଯୋଗୁଁ ଭାରତବର୍ଷରେ ଶତ୍ରୁପକ୍ଷର ବୋମାପାତର ଭୟ ହୋଇଥିଲା । ଅତଏବ ବଡ଼ ବଡ଼ ସହରମାନଙ୍କରେ ରାତ୍ରରେ ଆଲୋକ ନିୟନ୍ତ୍ରଣର ବ୍ୟବସ୍ଥା ହୋଇଥିଲା । କଲିକତା ପ୍ରଭୃତି ବଡ଼ ବଡ଼ ସହରମାନଙ୍କରେ ଆଲୋକ ସବୁର ଏପରି ଭାବରେ ନିୟନ୍ତ୍ରଣର ବ୍ୟବସ୍ଥା ହୋଇଥିଲା ଯେ, କେବଳ କ୍ଷୀଣ ଆଲୋକ ରଶ୍ମି ତଳେ ପଡୁଥିଲା । ଏହାର ଉଦ୍ଦେଶ୍ୟ- ଶତ୍ରୁପକ୍ଷର ବ୍ୟୋମଯାନ ରାତ୍ରିର ଅନ୍ଧକାରରେ ସ୍ଥାନ ନିରୂପଣ କରିପାରିବ ନାହିଁ ଓ ତାହାହେଲେ ବୋମା ପାତରୁ ଅନେକ ସ୍ଥାନ ରକ୍ଷାପାଇବେ । ସନ୍ଧ୍ୟା ପୂର୍ବରୁ ଲୋକେ ନିଜ ନିଜ କାର୍ଯ୍ୟାଳୟରୁ ଫେରି ଘରେ ରହିବେ । ଏହି ଉଦ୍ଦେଶ୍ୟରୁ ବୋଧହୁଏ ଏହି ସମୟ ପରିବର୍ତ୍ତନର ବ୍ୟବସ୍ଥା ହୋଇଥିଲା । ଏହି ନିୟମ ୭.୧୨.୧୯୪୧ରୁ ୧୫.୫.୧୯୪୨ ପର୍ଯ୍ୟନ୍ତ ରହିଲା ।


ତା.୬.୪.୧୯୪୨ରେ ଓଡ଼ିଶା ଉପକୂଳସ୍ଥ କୁଜଙ୍ଗଠାରୁ ୪୦ ମାଇଲ ଦୂରରେ ସମୁଦ୍ର ମଧ୍ୟରେ ଜାପାନ କେତେଗୁଡ଼ିଏ ଇଂରେଜଙ୍କ ଜାହାଜ ବୁଡ଼ାଇ ଦେଲା । ଅନେକ ଆରୋହୀ ଜଳ-ସମାଧି ପ୍ରାପ୍ତ ହେଲେ । ଅନେକେ ଆହତ ହୋଇ କଟକକୁ ଚିକିତ୍ସା ସକାଶେ ଅଣାହେଲେ। ସେହିଦିନରୁ କଟକର ଅନେକ ଅଧିବାସୀ ଆତଙ୍କିତ ହୋଇ କଟକ ତ୍ୟାଗକରି ଚାଲିଗଲେ। ଓଡ଼ିଶା ସରକାର ତାଙ୍କ ଦପ୍ତରମାନ ସମ୍ବଲପୁରକୁ ଉଠାଇ ଆଣିଲେ ଓ ସହରର ଭିନ୍ନ ଭିନ୍ନ ସ୍ଥାନରେ ସେ ସବୁ ଜାରିକଲେ । ହାକିମ ଓ କିରାଣୀମାନେ ସହରରେ ଇତସ୍ତତଃ ରହିଲେ । ସମସ୍ତ ଜିନିଷ ଦୁର୍ମୂଲ୍ୟ ହେଲା ଓ ବିକ୍ରେତାମାନେ ଏଥିରେ ବିଶେଷ ଲାଭବାନ ହେଲେ ।

କଂଗ୍ରେସ ଶାସନ ଭାର ତ୍ୟାଗକରି ଅଛନ୍ତି ଓ ଗଭର୍ଣ୍ଣର ତାହା ଗ୍ରହଣ କରିଅଛନ୍ତି । ତା.୧୬.୫.୪୨ ଦିନ ପାର୍ଲିଆମେଣ୍ଟାରୀ ସେକ୍ରେଟାରୀ ଶ୍ରୀ ପ୍ୟାରୀ ଶଙ୍କର ରାୟ ସମ୍ବଲପୁରକୁ ଆସି ମହାନଦୀ କୂଳସ୍ଥ ମାରୱାଡ଼ି ପଡ଼ା ଘାଟରେ ଗୋଟିଏ ସଭାରେ ଭାଷଣ ଦେଲେ । ସମ୍ବଲପୁରର କଂଗ୍ରେସକର୍ମୀ ଶ୍ରୀ ନୃସିଂହ ଗୁରୁ ସଭାପତି ହୋଇଥିଲେ । ସେଠାରେ ଶୁଣାଗଲା, ସରକାରୀ କର୍ମଚାରୀ ଓ ସେମାନଙ୍କ ପକ୍ଷରେ କେତେକଙ୍କ ଆପତ୍ତି ସତ୍ତ୍ୱେ ସେ ସଭାପତିଙ୍କ ଆସନ ଗ୍ରହଣ କରିଥିଲେ । ବକ୍ତୃତା ମଧ୍ୟରେ ମୁଁ ପହଂଚି ସେହି ସ୍ଥାନର ଏକ କୋଣରେ ଛିଡ଼ା ହୋଇ ପ୍ୟାରୀ ବାବୁଙ୍କ ଭାଷଣର କେତେକାଂଶ ଶୁଣିଲି । ଭାଷଣର ସାରାଂଶ, ଇଂରେଜ ସରକାରଙ୍କ ସଙ୍ଗେ ଦେଶବାସୀମାନେ ସହଯୋଗକରି ଯୁଦ୍ଧର ଅବସାନ ପର୍ଯ୍ୟନ୍ତ ସ୍ୱାଧୀନତା ପ୍ରାପ୍ତି ସକାଶେ ଅପେକ୍ଷା କରି ରହନ୍ତୁ ଓ ଯୁଦ୍ଧ ସକାଶେ ଯଥାଶକ୍ତି ସହାୟତା କରିବା ସକାଶେ ସେ ଶ୍ରୋତାମାନଙ୍କୁ ଅନୁରୋଧ କଲେ । ତାଙ୍କ ଭାଷଣ ଶେଷ ହେବା ମାତ୍ରକେ ସେଠାରେ ଉପସ୍ଥିତ ସବ୍‌ଡିଭିଜନାଲ୍ ଅଫିସର୍ ହଠାତ୍ ଛିଡ଼ାହୋଇ ପ୍ୟାରୀ ଶଙ୍କର ରାୟଙ୍କ ଭାଷଣ ବିଷୟ ଅନୁମୋଦନ କରି ଜର୍ମାନୀ ଓ ଜାପାନ ଶକ୍ତିର ନିନ୍ଦା କଲେ ଓ ଏକ ମିନିଟ୍ ମଧ୍ୟରେ ସଭାଛାଡ଼ି ସମସ୍ତେ ଚାଲିଯାଅ, ନଚେତ୍ ଦଣ୍ଡନୀୟ ହେବ ବୋଲି ସଭା ବେଆଇନ୍ ଘୋଷଣା କରାଗଲା। ଆଲୁଅ ସବୁ ଲିଭାଇ ଦିଆଗଲା । ଲୋକେ ଇତସ୍ତତଃ ଚାଲିଯିବାକୁ ଲାଗିଲେ । ଯେଉଁ ଉଦ୍ଦେଶ୍ୟରେ ସଭା ଆହୂତ ହୋଇଥିଲା ଓ ପ୍ୟାରୀ ଶଙ୍କର ରାୟ ତାଙ୍କ ଭାଷଣରେ ଯେଉଁସବୁ କଥା କହିଥିଲେ, ତାହା ପଣ୍ଡ ହୋଇଯିବ ବୋଲି ବୋଧହୁଏ ସବ୍‌ଡିଭିଜନାଲ ଅଫିସର ତଦ୍ରୂପ ଆଚରଣ କରିଥିଲେ ।

(କ୍ରମଶଃ)

# ସାହିତ୍ୟରେ ଶ୍ରଦ୍ଧା ଏବଂ ସାମ୍ପ୍ରତିକ ସାହିତ୍ୟ - ଏକ ଦୃଷ୍ଟିପାତ

**କାଳିକିଙ୍କର**



ଏବେ ସାହିତ୍ୟ ଏକ ଘଡିସନ୍ଧି ସମୟ ଭିତର ଦେଇ ଗତି କରିବା ଆରମ୍ଭ କରିଛି କହିଲେ ଭୁଲ ହେବନାହିଁ । କବି, କଥାକାର, ପ୍ରାବନ୍ଧିକ, ଔପନ୍ୟାସିକ, ଶିଶୁ ସାହିତ୍ୟିକ ଯେ ସାମ୍ପ୍ରତିକ ପୃଥିବୀରେ କମ୍ ଅଛନ୍ତି ବା ସେମାନେ ସେମାନଙ୍କର ଦାୟିତ୍ୱ ସଠିକ୍ ଢ଼ଙ୍ଗରେ ସମ୍ପାଦନ କରୁନାହାଁନ୍ତି ଏକଥା କହିବା ଠିକ୍ ହେବନାହିଁ । ପୃଥିବୀରେ ଅନେକ କବି ଲେଖକ ଇତ୍ୟାଦି ଜନ୍ମ ନେଉଛନ୍ତି ଓ ସେମାନେ ସୁନ୍ଦର ସାହିତ୍ୟ ମଧ୍ୟ ସୃଷ୍ଟି କରୁଛନ୍ତି । ପୁରାତନ ବିଶ୍ୱର ଲେଖକ, କବି ଚିନ୍ତାନାୟକଙ୍କର ସେହି ଲେଖନୀର ବଳରେ ସୃଷ୍ଟି ହୋଇଛି ଗଣ ବିପ୍ଲବ । ମଣିଷର ମନ ଓ ହୃଦୟରେ ସେମାନେ ଏମିତି ସ୍ଥାନ ହାସଲ କରିଛନ୍ତି ଯେ ଇତିହାସର ପୃଷ୍ଠାରେ ଆଜି ମଧ୍ୟ ସେମାନେ ସ୍ମରଣୀୟ । ଓଡିଆ ହେଉ, କିମ୍ବା ଭାରତର ଅନ୍ୟ ଭାଷାଭାଷି ହେଉ, ସବୁଠି ଲେଖକମାନେ ଏକ ସୁନ୍ଦର ପଦାଙ୍କ ସମୟର ରାଜରାସ୍ତାରେ ଛାଡି ଯାଇଛନ୍ତି । ତେବେ ଆଜି ଏକ ହତାସ ଓ ନିରାଶବାଦ ଭିତରେ ଯେମିତି କବି ଓ ଲେଖକଙ୍କର ଜୀବନ । ଯେମିତି ଏକ ସଙ୍କଟ ଭିତରେ ଗତିକରୁଛି ଆଜିର ସାହିତ୍ୟ । କବି ଓ ଲେଖକ ଯେମିତି ଆଜି ଓ ଆସନ୍ତା କାଲିପାଇଁ ଏକ ନୈରାଶ୍ୟବୋଧ ଭିତରେ ଗତି କରୁଛନ୍ତି । ପ୍ରସିଦ୍ଧ ଇଂରାଜୀ କବି ଟି.ଏସ, ଇଲିଏଟଙ୍କ କବିତାକୁ ଉଦ୍ଧୃତ କଲେ ସେହି ଚିତ୍ର ଯେମିତି ସ୍ପଷ୍ଟ ପରିଦୃଶ୍ୟ ହୁଏ ।

**'I am tired tired with my own life and the lives of these after me**
**I am dying in my own death and the death of these after me.'**

ଏକ ଗଭୀର ନୈରାଶ୍ୟ ଭିତରେ ଛଟପଟ ହେଉଛି ଆଜିର ଲେଖକ, କବି ଓ ସାହିତ୍ୟକାର । ଏହାର କାରଣ କ'ଣ ? କାହିଁକି ଆଜିର ଏ ପରିସ୍ଥିତି ? ଏ ବିଷୟରେ କିଛି ଆଲୋଚନା କରିବା ପୂର୍ବରୁ ପୁସ୍ତକ ବା ବହି ସମ୍ପର୍କରେ କିମ୍ବା ପ୍ରକାଶ ପାଉଥିବା ପତ୍ରପତ୍ରିକାମାନଙ୍କ ସମ୍ପର୍କରେ ଆଲୋଚନା କରିବା ଆବଶ୍ୟକ । ପ୍ରଥମକଥା ହେଲା ଆଜିର ସାହିତ୍ୟ ପ୍ରାଚୀନ ବା ଆଜିଠାରୁ ବହୁବର୍ଷ ସାହିତ୍ୟଠାରୁ ରୂପ ଓ ରସରେ ଅନେକାଂଶରେ ଭିନ୍ନ । ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟରେ ପ୍ରେମ ପ୍ରଣୟ, ଯୁଦ୍ଧ ସଂଘର୍ଷ ଆଦିର କାହାଣୀମାନ ଭରପୂର ଥିଲାବେଳେ ଆଜିର ସାହିତ୍ୟ ସେମିତି ନୁହେଁ । ରାମାୟଣ ବା ମହାଭାରତ ଆଦି ମହାକାବ୍ୟ ହେଉ ବା ପୃଥିବୀର ପ୍ରସିଦ୍ଧ ଗ୍ରୀକ୍ କାବ୍ୟ ଇଲିୟାଡ୍ ଓ ଓଡେସି ହେଉ ସେ ସବୁ ସେହି ପ୍ରେମ-ପ୍ରଣୟ ଓ ସମରକୁ ନେଇ ରସାଣିତ ହୋଇଥିଲା । ଏମିତିକି କାଳୀଦାସ, ଭବଭୁତି, ଭରବି ଆଦି କବିମାନଙ୍କର ସଂସ୍କୃତ ସାହିତ୍ୟ କୃତିରେ ମଧ୍ୟ ଏହା ପରିଦୃଷ୍ଟ ହୁଏ । ସେମିତି ଜୟଦେବ,ଚଣ୍ଡିଦାସ, ତୁଳସୀଦାସ ଇତ୍ୟାଦିଙ୍କ ସାହିତ୍ୟ ପ୍ରେମ ଓ ଭକ୍ତିରସରେ ରସାଣିତ ହୋଇଥିଲା । ଇଂରାଜୀ ସାହିତ୍ୟରେ ସେକ୍ସପିୟରଙ୍କଠାରୁ ମୋପାସାଁଙ୍କ ପର୍ଯ୍ୟନ୍ତ ସାହିତ୍ୟ ଭିତରେ ପ୍ରେମ ପ୍ରଣୟ ଥିଲା ଅତ୍ୟନ୍ତ ଜୀବନ୍ତ । ପ୍ରସିଦ୍ଧ ଲେଖକ ଭିକ୍ଟର ହୁଗୋ ମଧ୍ୟ ଏହି ପ୍ରେମକୁ ନେଇ ସାହିତ୍ୟକୁ ଓ ଜୀବନକୁ ଖୁବ୍ ଶ୍ରଦ୍ଧାର ସହିତ ମୂଲ୍ୟାୟନ କରିଛନ୍ତି । **Life is the flower of which love is the honey.** ସେମିତି ଓଡିଆ ସାହିତ୍ୟ କଥା ବିଚାରକୁ ନେଲେ ଓଡିଆ ସାହିତ୍ୟରେ ମଧ୍ୟ ପ୍ରେମ-ପ୍ରଣୟ, ଭକ୍ତି ଓ ସମର ରସ ସାହିତ୍ୟକୁ ରସାଣିତ କରିଛି । ସାରଳା ମହାଭାରତଠାରୁ ଆରମ୍ଭକରି ଧନଂଜୟ ଭଂଜ, ଉପେନ୍ଦ୍ର ଭଂଜ, ଦୀନକୃଷ୍ଣ, ଅଭିମନ୍ୟୁ ସାମନ୍ତ ସିଂହାର, ମାୟାଧର ମାନସିଂହ ପର୍ଯ୍ୟନ୍ତ ପ୍ରେମ ପ୍ରଣୟ ଓ ସମର କାହାଣୀର ସାହିତ୍ୟ ଦେଖିବାକୁ ମିଳେ । ପ୍ରତ୍ୟେକ କ୍ଷେତ୍ରରେ ଏହାପ୍ରତିପାଦିତ ହୋଇଛି ଯେ ଜୀବନର ସବୁଠାରୁ ସୁଖ ଓ ସନ୍ତୋଷ ହେଉଛି ପ୍ରେମ ଯାହା ବିଖ୍ୟାତ ଲେଖକ ସାର ଡବ୍ଲ୍ୟୁ ଟେମ୍ପଲ ସ୍ପଷ୍ଟ ଭାବରେ କହିଛନ୍ତି । ସେ କହିଲେ- **"The greatest pleasure of life is love"** ସେଦିନମାନଙ୍କର ସାହିତ୍ୟ ଯେମିତି ଥିଲା ରସୋଚ୍ଛଳ ସେମିତି ଆବେଗିକ ଯାହା ଆଜିର ସାହିତ୍ୟରେ ଅଭାବ ରହୁଛି । ତାପରେ ସାହିତ୍ୟ ସବୁବେଳେ ଆମ ସମାଜର ଘଟିଯାଉଥିବା ଘଟଣାପ୍ରତି ସବୁବେଳେ ସଚେତନ ରହି ଆସିଛି । ପୃଥିବୀ ଇତିହାସରେ ସାହିତ୍ୟକୁ ଦେଖିଲେ ପ୍ରତ୍ୟେକ ଦେଶ ବା ଭୂଖଣ୍ଡର ସଙ୍କଟ ସମୟରେ ଲେଖକ, କବି ଓ ଚିନ୍ତାନାୟକମାନେ ସ୍ୱର ଉତ୍ତୋଳିଛନ୍ତି । ତାହା ୧୭୮୯ ମସିହାର ଫରାସୀ ରାଷ୍ଟ୍ର ବିପ୍ଳବ ହେଉ,୧୮୮୯ ମସିହାର କମ୍ୟୁନିଷ୍ଟ ଆନ୍ଦୋଳନ ହେଉ, ୧୯୧୭ ମସିହାର ଅକ୍ଟୋବର ବିପ୍ଳବ ହେଉ, ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ହେଉ କିମ୍ବା ଭାରତର ସ୍ୱାଧୀନତା ଆନ୍ଦୋଳନ ହେଉ- ସବୁ ସମୟରେ ସାହିତ୍ୟ ପ୍ରାଣବନ୍ତ ହୋଇ ଛିଡା ହୋଇଛି । କବି, ଲେଖକମାନେ ସବୁ ଅନ୍ଧକାର ମଧ୍ୟରେ ଆଲୋକର ପଥ ପ୍ରଦର୍ଶନ କରିଛନ୍ତି । ହତାସ ଓ ନିରାଶଭିତରେ ଆଶାର ଉଦ୍ରେଖ କରିଛନ୍ତି । ଯେମିତି ଇଂରାଜୀ କବି **A.S.M. Hutchinson** ଲେଖିଥିଲେ-**"If winter comes, can spring be far behind"** ସେମିତି ବିଶିଷ୍ଟ କବି ଅନ୍ନଦା ଶଙ୍କର ରାୟଙ୍କ କବିତା ଭବିଷ୍ୟତର ଅମୃତତ୍ୱ ବିଷୟରେ ସୂଚନା ଦେଇଛି । ସେ ତାଙ୍କ କବିତାରେ ଲେଖିଛନ୍ତି- 'ଏହି ଭସ୍ମ ଅବଶେଷ ଉପରେ ମୁଁ ରଚିବି ନନ୍ଦନ/ ମର୍ତ୍ତ୍ୟରେ ଅମରାବତୀ ନରଦେହେ ଅମୃତ ସ୍ପନ୍ଦନ ।' ତେଣୁ ଏ ସବୁକାଳରେ ଯେଉଁ ପୁସ୍ତକ ବା ପତ୍ରିକା ପ୍ରକାଶ ପାଉଥିଲା ସେ ସବୁପ୍ରତି ଲୋକଙ୍କର ଗଭୀର ଶ୍ରଦ୍ଧାଭାବ ରହୁଥିଲା । ଶିକ୍ଷା ଓ ସାହିତ୍ୟ ସେ ସବୁ କାଳରେ ସେତେ ଉନ୍ନତି ହୋଇ ନ ଥିଲେ ମଧ୍ୟ ଯେଉଁ ସାହିତ୍ୟ ସୃଷ୍ଟିହେଲା ତାହା ଲୋକଙ୍କ ଦ୍ୱାରା ଆଦୃତ ହେଲା ।

ତାଳପତ୍ର ସାହିତ୍ୟରୁ ବହି ସାହିତ୍ୟର ଦୂରତ୍ୱ କମ୍ ନ ଥିଲା । ତେବେ ଓଡିଶାକୁ ମୁଦ୍ରଣ ଯନ୍ତ୍ର ପ୍ରଥମେ ପଶ୍ଚିମବଙ୍ଗରୁ ଆସି କଟକରେ ପହଂଚିଲା । ତାପରେ ଫକୀରମୋହନ ପଶ୍ଚିମବଙ୍ଗର ଶ୍ରୀରାମପୁରରୁ ନିଜ ପ୍ରଚେଷ୍ଟାରେ ବାଲେଶ୍ୱରକୁ ଆଣିଥିଲେ ବୋଲି ସ୍ୱୀକାର ଅନେକାଂଶରେ କରାଯାଏ । ଫକୀରମୋହନଙ୍କୁ ଓଡିଆ ଗଦ୍ୟସାହିତ୍ୟର ଜନକ ବୋଲି କୁହାଯାଏ । ସେହିଁ ପ୍ରଥମେ ରଚନା କଲେ ଓଡିଆ କ୍ଷୁଦ୍ର ଗଳ୍ପ, ସେହିଁ ରଚନା କଲେ ଉପନ୍ୟାସ । ଫକୀରମୋହନ ଯେଉଁ ଗଳ୍ପ ରଚନାକଲେ ତାହା ମଧ୍ୟ ଏମିତି ରସରେ ଭରପୂର ଯେ ପାଠକ ତାକୁ ସହଜରେ ଗ୍ରହଣ କଲେ । ଏମିତିଭାବରେ ଓଡିଆ ସାହିତ୍ୟ ମଧ୍ୟ ଧୀରେ ଧୀରେ ଆଧୁନିକ ସାହିତ୍ୟ ଭିତରେ ପ୍ରବେଶ କରିଛି । ପୂର୍ବ ଅପେକ୍ଷା ଆଜି ଅନେକ ପୁସ୍ତକ ବା ବହି ଓ ପତ୍ରପତ୍ରିକା ପ୍ରକାଶ ପାଉଛି । ବହି ଭଲ କିମ୍ବା ଭଲ ନୁହେଁ ଏ ସମ୍ପର୍କରେ ଅନେକ ଆଲୋଚନା ଅନେକ ସମୟରେ ହୋଇଛି ଓ ହେଉଛି । ଆରଏଲ ଷ୍ଟିଭେନସନଙ୍କ ଭାଷାରେ ବହିଗୁଡିକ ନିଜବାଟରେ ମହାନ । ତେବେ ଏକଥା ସତ ଯେ ଯେଉଁ ବହି ମଣିଷକୁ ଅର୍ଥାତ୍ ମଣିଷର ମନକୁ ଛୁଁଇନେଲା ସେ ବହି ପ୍ରକୃତରେ ବହି ହୋଇ ବଂଚି ରହିଲା ।

(କ୍ରମଶଃ)

♥ ସୌଭାଗିନୀ ନିବାସ, ରଟିଲୋ, ରେଂଚ,
ପୁରୀ-୭୫୨୧୧୪, ମୋ- ୮୨୪୯୨୧୬୦୬୭

## ଆମ ସମୟର କବିତା.....

### ॥ ଜଣେ କବିର ମୃତ୍ୟୁରେ ॥

**ବୃନ୍ଦାବନ ଦାସ**



ସେଦିନ ଦେଖିଲି
ଅନେକ ଦିନରୁ ନିଖୋଜ ଜଣେ କବିଙ୍କୁ
ଏକ ସାହିତ୍ୟ ସଭାରେ
ବସିଥାନ୍ତି
କୋଣଠେସା ହୋଇ ସବା ଆଗଧାଡିର
ଏକାକୀ ଗୋଟେ କୋଣରେ ।

ସାଧାସିଧା ଚେହେରାରେ
ଶ୍ମଶ୍ରୁବିଜଡିତ ମୁଖମଣ୍ଡଳ
ଅଥଚ ତେଜୋଦୀପ୍ତ ବୃଦ୍ଧ ଲୋକଟିର
ପରିଚୟ ପଚାରୁଥିଲି
କେହିଜଣେ କହିଦେଲେ
ସେ କବି ରମେଶ ପ୍ରତାପ
ଅପାଂକ୍ତେୟ ହୋଇ
କେବେଠୁଁ ଭିଡରୁ ନିଜକୁ
ଦୂରେଇ ସାରିଥିବା କବି ମଣିଷଟିଏ ।

ଇଏ ହେଉଛି ଆମ ସହର
ଗୋଟେ ସହରରେ ରହୁ
ଆତଯାତ ହେଉ
ସମ୍ପର୍କର ମରୁଡିରେ ଭୁଲି ଯାଇଥାଉ
ଜଣେ ସମଧର୍ମୀ ପଡୋଶୀକୁ ।

ଯିଏ କେବେ ଆଙ୍କିଥିଲେ
ତୋଫା ଜହ୍ନରେ ପ୍ରେମିକାର ଛଳଛଳ ମୁହଁ
ଲେପିଥିଲେ ଫୁଲ ପାଖୁଡାରେ
ତା' ଓଠର କୋମଳ ଛୁଆଁ
ଖୋଜୁଥିଲେ
ସକାଳର ବାସି ବାସନ ଥାଳିଆର
ସରୁ ସରୁ ହାଡର ଟୁକୁରାରେ
ଫେରାର୍ ପକ୍ଷୀକୁ ।

ନୋଳିଆ ବସ୍ତିରେ
ଢେଉ ସଂଗେ
ଅହରହ ଲଢୁଥିବା ଜୀବନ ପରି
ହାରିଲେ କି ଜିତିଲେ ସେ
କାହିଁକି କେଉଁ ଅଭିମାନର
ଛାଇ ଅନ୍ଧାର ତଳେ ହଜିଗଲେ ଯେ
କବିତାଠୁଁ ଦୂରେଇଗଲେ
ଏବେ ତାଙ୍କୁ କବିତା ଖୋଜୁଛି
ପ୍ରତି ସୂର୍ଯ୍ୟାସ୍ତରେ ।

ସବୁ ଦୁଃଖୀ ମଣିଷଙ୍କ ପରି
ରମେଶ ପ୍ରତାପ ବି ଥାଆନ୍ତି ଏ ସହରରେ
ଶବ୍ଦସବୁ ଫୁଲ ହୋଇ ଦୋହଲୁଥାନ୍ତି
ବୃନ୍ତରେ
ହାତଟିଏ ଲମ୍ବି ଆସେନା
ସେସବୁଙ୍କୁ ଗୁନ୍ଥି ମାଳଟିଏ କରିବାକୁ
ଟାଣଖରାରେ କ୍ରମେ
ଝରି ପଡୁଥାଏ ପାଖୁଡା ପରେ ପାଖୁଡା ।

ଆକାଶ ଛିଣ୍ଡି ପଡେନି
କି ସ୍ତବ୍ଧ ହୋଇ ଯାଏନି ପବନ
କ୍ଷଣକ ପାଇଁ ଜଣେ କବିର ମୃତ୍ୟୁରେ ।

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା-୭୫୪୨୮୯
ମୋ - ୯୭୭୭୮୪୩୦୩୧

### ॥ ଡାଏରୀର ଜହ୍ନ ॥

**ବାବୁଲୁ ପଧାନ**



ହଜାରେ ରାତିର ଜହ୍ନକୁ
ଖର୍ଚ୍ଚ କରିବାପରେ,
ତମେ ଅମ୍ଳାନ ହୋଇ ସଞ୍ଚରୁଛ
ଏ ଦେହର କୋଣ ଅନୁକୋଣରେ,
ମୁଁ ପ୍ରତିଟି ନିଶ୍ୱାସରେ ଭୋଗୁଛି ତମକୁ
ସବୁ ଦରଜକୁ ଥୋଇଦେଇ,
ସମୟର ପିରାମିଡ୍ ଭିତରେ ।

ଅସରାଏ ବର୍ଷାର ମେଳଣରେ
ଫଗୁଣର ଅସରନ୍ତି ଫକ୍ସୁରେ
ମୋର ମଗ୍ନ-ମନର ରାଗିଣୀରେ
ସବୁଠି'ତ ତମେ ଅଛ !
ଗୁମ୍'ସୁମ୍ ହୋଇ, ଅଦୃଶ୍ୟରେ ।

ମୁଁ ହଜିବାକୁ ଚାହେଁ
ନିଇତି ମରିବାକୁ ଚାହେଁ
ତମ ଅତଳସ୍ପର୍ଶୀ ଶବ୍ଦ ସମୁଦ୍ରରେ;
ପୁଣି ଜୀବନ୍ୟାସ ପାଇ
ପ୍ରଜାପତି ହୋଇ,ଉଡ଼ିବାକୁ ଚାହେଁ
ତମ ପ୍ରଲମ୍ବିତ ଇନ୍ଦ୍ରଧନୁର ଛାତିରେ ।

ତମେ ମାପି ପାରିବିନି
ମୋର ପ୍ରେମର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା
ହୁଏତ ଚାଲିବି ନପାର !
ଏଇ ସୁଦୀର୍ଘ ପଥରେ,
ଜୀବନକୁ ତ ତମଠାରୁ ଧାର୍ ଆଣିଛି
ତମକୁ କିଣିବାର ସାହସ
କାହିଁ ମୋ ପାଖରେ ?

ତମେ'ତ ଶବ୍ଦ ସୁନ୍ଦରୀ
ନନ୍ଦନ-ବନର ରାଜକୁମାରୀ
ମୁଁ ତମକୁ ପଢୁଥିବି
ତମକୁ ଆଙ୍କୁଥିବି,
କାଗଜ ଦେହରେ,ମନର କାନ୍ଭାସ୍'ରେ
ସ୍ମୃତିର ପେନ୍ସିଲ୍ ଧରି ।

ହଜିଯାଉ ଏ ସମୟ
ମରିଯାଉ ଏ ପାଣ୍ଡୁର ପୃଥିବୀ,
ମୁଁ ରହିଛି, ରହିଥିବି ଚିରକାଳ
ତମ ଗୋଲାପି ଓଠର ଠିକ୍ ଉପରେ
ହୋଇ କଳା କିଟ୍ କିଟ୍ ଜାଇ ଚିହ୍ନଟିଏ
ତମେ ହସିଲେ, ପଲ୍ଲବିବି
ରୁଷିଲେ ମଉଳୁଥିବି
ତମେ ତ ମୋର ଡାଏରୀର ଜହ୍ନଟିଏ ।

♥ ଛାତ୍ର, ଭାଷା ଓ ସାହିତ୍ୟ ବିଭାଗ
ଫକୀର ମୋହନ ବିଶ୍ୱବିଦ୍ୟାଳୟ,
ବାଲେଶ୍ୱର
ମୋ-୬୩୭୧୩୨୭୭୫୯

### ॥ ଶୂନ୍ୟତା ମୋତେ ହାତଠାରି ଡାକେ ॥

**ସୁଶ୍ରୀ ପ୍ରୀତିଲତା ପଣ୍ଡା**



ଜାଳିବା ଆଗରୁ ଜଳି ମୁଁ ସାରିଛି
ଯାତନାର ଜଉଘରେ
ଖୋଜିବା ଆଗରୁ ହଜି ଯାଇଛି ମୁଁ
ଅନାହୂତ ଅନ୍ଧକାରେ ।

ନିଃସଙ୍ଗ ଜୀବନ ନିଥର ବାଟରେ
ଚାଲିଛି ମୁଁ ଏକା ଏକା
ଶୂନ୍ୟତା ମୋତେ ହାତଠାରି ଡାକେ
ସପନ ମୋ ମରିଚିକା
ନିଜ ଲୁହ ନିଜେ ପୋଛି ପାପୁଲିରେ
ମରମେ ମରମେ ମରେ ।

ସାଉଁଟି ଚାଲିଛି ସ୍ମୃତି ସେଫାଳିକୁ
ଅଧାଲେଖା କାହାଣୀରେ
ଚିତ୍ର ନଦୀ ନିତି ପହଁରି ଚାଲିଛି
କୁହୁଡ଼ିର ଧୂଆଁ ଧାରେ
ମୁକୁଳା ପଡ଼ିଛି ମୋ ମନ ମନ୍ଦିର
ବିଶ୍ୱାସରେ ବାଲି ଚରେ ।

ଜହ୍ନ ରାତିର ନିବିଡ଼ତା ଟିକେ
ମାଗିଥିଲି ଦିନେ ବୋଲି
ରୂପାର ନଈରେ ଝଡ଼ ବରଷାରେ
ବୋଇତ ଦେଇଛି ମେଲି
ବଂଚିବାର ମିଛ ସୁନା ଫରୁଆକୁ
ଫିଙ୍ଗି ମୁଁ ଦେଇଛି ଦୂରେ ।

♥ ଜରାଜପୁର
ଆଗରପଡ଼ା, ଭଦ୍ରକ
ମୋ: ୯୦୪୦୫୮୮୬୬୦

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୯ ଜାନୁଆରୀ, ୨୦୨୩




## ପ୍ରେମରେ ପ୍ରେମରେ ଗୀତି ....(୭୭)



### ॥ ମିଠା ଅନୁଭବ ଟିଏ ॥


ଓଠ ପିଇ ନାହିଁ ଆଖି ଲୁହ ଯା'ର
ସିଏ କି ପାରିବ ହସି,
ଦୁଃଖ ମାପି ନାହିଁ ଯେଉଁ ମଣିଷଟା
ସିଏ କି ବୁଝିବ ଖୁସି ।

ହସ ଆଉ ଲୁହ ଭିତରେ ଜୀବନ
ମିଠା ଅନୁଭବ ଟିଏ,
ଯିଏ ନ କାନ୍ଦିଛି ହସିବାର ମାନେ
ବୁଝିବ ବା କାହୁଁ ସିଏ,
ମରଣ ନଥିଲେ ଜୀବନର ମାନେ
ଉଆଁସ ରାତିର ଶଶୀ ।

ଓଠ ସିନା ଏକା ବୁଝାଇ ପାରିବ
ଜୀବନର ସୁଖ ଦୁଃଖ,
ହସିବାକୁ ହୁଏ ଆଖି ଲୁହ ପିଇ
କେମିତି ଜୀବନଯାକ,
ହସୁଥିବା ସେଇ ମଣିଷ ଭିତରେ
ସୁଖ ଦୁଃଖ ଅଛି ମିଶି ।


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୯୯୧


## ଆଲୋଚନା

## ବୈବାହିକ ବଳାତ୍କାର


ସୁବ୍ରତ ପଟ୍ଟନାୟକ
ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪




'ବୈବାହିକ ବଳାତ୍କାର' କଣ? ଏହି 'ବଳାତ୍କାର'ର ସଜ୍ଞା- ପତ୍ନୀର ଇଚ୍ଛା ବିରୋଧରେ ବଳପୂର୍ବକ ସହବାସ । ଯଦି କୌଣସି ପତି, ପତ୍ନୀର ଅମଙ୍ଗ ସତ୍ତ୍ୱେ ଜୋରଜବରଦସ୍ତ ସହବାସ କରେ, ତେବେ 'ବୈବାହିକ ବଳାତ୍କାର' ଅଭିଯୋଗ ହୋଇପାରିବ । ଏ କ୍ଷେତ୍ରରେ ଅଗ୍ନିକୁ ସାକ୍ଷୀ ରଖି ବିବାହ ବନ୍ଧନରେ ଥିବା ପତିକୁ 'ବଳାତ୍କାରୀ' ଭାବେ ଅଭିଯୁକ୍ତ କରାଯିବ ।

ପ୍ରଶ୍ନ ଉଠେ- ବୈବାହିକ ଘଟଣାରେ 'ପତ୍ନୀ' ବା ପୀଡ଼ିତା ଆଇନରେ ଆଶ୍ରୟ ନେଇ ପାରିବ କି? ସେଥିପାଇଁ 'ବଳାତ୍କାରୀ ପତିକୁ ଦଣ୍ଡ ଦେବାର ବିଧାନ ଅଛି କି? ଯଦି ତାହା ଥାଏ, ତେବେ ଘଟଣା ସମ୍ପର୍କରେ ସାକ୍ଷ୍ୟ ପ୍ରମାଣ ଦେବ କିଏ? ଆଇନ ପାଠ ପଢ଼ାରେ ଏହି 'ମୁକ୍ତବୃତ୍ତ ସ୍ତମ୍ଭକାର' ପୁରା ଅପାଠୁଆ । ତଥାପି ଆମ ମନରେ ଏଭଳି କେତେକ ପ୍ରଶ୍ନ ଗୁଡ଼େଇ ତୁଡ଼େଇ ହେଉଛି । ଆମେ କେତୋଟି ତଥ୍ୟ ନେଇ ଆଲୋଚନା କରିବାକୁ ଚାହୁଁଛୁ ।

୨୦୧୭ ମସିହାରେ କର୍ଣ୍ଣାଟକର ଜଣେ ବିବାହିତା ଯୁବତୀ ନିଜ ସ୍ୱାମୀଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ । କର୍ଣ୍ଣାଟକ ହାଇକୋର୍ଟ ଏହାକୁ ବିଚାରଯୋଗ୍ୟ ବୋଲି ଗ୍ରହଣ କଲେ । ମାତ୍ର ହାଇକୋର୍ଟର ବିଭାଜିତ ଖଣ୍ଡପୀଠ ବିଭାଜିତ ରାୟ ପ୍ରଦାନ କରିବାରୁ ସୁପ୍ରିମକୋର୍ଟ ମାମଲାକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ କେନ୍ଦ୍ର ସରକାରଙ୍କର ଏ ଦିଗରେ ମତାମତ କଣ ତାହା ଲୋଡ଼ିଛନ୍ତି । ସେପଟେ କର୍ଣ୍ଣାଟକ ରାଜ୍ୟ ସରକାର, ନିଜ ହାଇକୋର୍ଟ ରାୟ ସପକ୍ଷରେ ଅଛନ୍ତି ଓ ବଳାତ୍କାରୀ ପତିକୁ ଦଣ୍ଡ ଦେବାକୁ ଅଡ଼ି ବସିଛନ୍ତି । କର୍ଣ୍ଣାଟକ ହାଇକୋର୍ଟ ଏକଥା ବି କହିଛନ୍ତି- ଘଟଣାରେ ସୁପ୍ରିମକୋର୍ଟର ହସ୍ତକ୍ଷେପ କରିବାର ଆଦୌ ଆବଶ୍ୟକତା ନାହିଁ । କେନ୍ଦ୍ର ସରକାର ନିଜର ମତାମତ ଦେବାରେ ବିଳମ୍ବ ଘଟାଇଛନ୍ତି ।

ଉପରୋକ୍ତ ଘଟଣାକୁ ଆମେ ଟିକେ ତର୍ଜମା କରିବାକୁ ଚାହୁଁଛୁ । ଭାରତୀୟ ପିଙ୍ଗଳ କୋଡ ବା ଇଣ୍ଡିଆନ ପେନାଲ କୋଡ- ଆଇପିସିର ଧାରା -୩୭୫ ଅଧିନରେ 'ବୈବାହିକ ବଳାତ୍କାର'କୁ ଏକ 'ବ୍ୟତିକ୍ରମ' ଭାବେ ଧରାଯାଇଛି । ଏ କ୍ଷେତ୍ରରେ ପତି-ପତ୍ନୀ ମଧ୍ୟରେ ଯୌନ ଶୋଷଣ ଓ ବଳପୂର୍ବକ ଯୌନକ୍ରିୟାକୁ ଦଣ୍ଡମୁକ୍ତ ରଖାଯାଇଛି । ଅର୍ଥାତ୍- ପତ୍ନୀ, ନିଜ ପତିକୁ ଯୌନ ସୁଖ ଦେବା ଏକ କର୍ତ୍ତବ୍ୟ ଭାବେ ପରିଗଣିତ କରାଯାଇଛି । ସମ୍ବିଧାନର ଧାରା ୧୪ ଓ ୨୧ରେ ପ୍ରତ୍ୟେକ ମଣିଷକୁ ସମାନତା, ସ୍ୱାଧୀନତା ଓ ବଂଚିବାର ଅଧିକାର ଦିଆଯାଇଛି । ମାତ୍ର ୩୭୫ ପିଙ୍ଗଳ ଧାରାରେ 'ବୈବାହିକ ବଳାତ୍କାର'କୁ 'ଅପରାଧ' ଭାବେ ଗ୍ରହଣ କରାଯାଇନାହିଁ । ୨୦୧୨ ମସିହାରେ ଦିଲ୍ଲୀରେ ଘଟିଥିବା 'ନିର୍ଭୟା' ଗଣ ଧର୍ଷଣ ଓ ହତ୍ୟା ମାମଲା ପରେ ଆଇନରେ ଅବଶ୍ୟ କେତେକ ସଂଶୋଧନ କରାଯାଇଛି । ସଂଶୋଧନରେ କୁହାଯାଇଛି - କେବଳ ୧୮ ବର୍ଷରୁ କମ୍ ବୟସର ପତ୍ନୀ ହିଁ ପତି ବିରୋଧରେ 'ବଳାତ୍କାର' ଅଭିଯୋଗ ଆଣି ପାରିବେ । ପ୍ରଶ୍ନ ଉଠେ- ଯଦି ଜଣେ ଅଠର ବର୍ଷିୟା ବାଳିକାକୁ ବଳାତ୍କାର କଲେ 'ପୋକ୍‌ସୋ' ଭଳି କଠୋର ଆଇନ୍ ଲାଗୁ ହେଉଛି, ସମାନ ବୟସର ଜଣେ ବିବାହିତା ଯୁବତୀକୁ ବଳାତ୍କାର କଲେ, ସେହି କଠୋର ଆଇନଟି ଲାଗୁ ହେବ ନା କୋହଳ କରାଯିବ? ଦ୍ୱିତୀୟ ପ୍ରଶ୍ନ ହେଉଛି - ଜଣେ କୋଡ଼ିଏ ବର୍ଷର ବିବାହିତା ଯୁବତୀକୁ ପତି ଯଦି ବଳପୂର୍ବକ ସହବାସ କରେ, ତାହେଲେ ପତି ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ବୋଲି ଧରାଯିବ କାହିଁକି? ଭାରତରେ ବ୍ରିଟିଶ ଶାସନ ଅମଳରୁ ବିବାହକୁ 'ସବ୍-ସର୍ଭିଏଣ୍ଟ' ବା ନାରୀ-ସ୍ୱାମୀର ଅଧୀନସ୍ଥ 'ସେବା ପ୍ରଦାନକାରୀ' ଭାବେ ବିଚାର କରାଯାଇଛି । ଏହାକୁ ବିଭିନ୍ନ ଧର୍ମାବଲମ୍ବୀ ଗୁରୁ ମଧ 'ଦାମ୍ପତ୍ୟ ଧର୍ମ' ଭାବେ ମାନି ନେବାର ନିୟମ କହିଛନ୍ତି ।

ନିଉଜିଲାଣ୍ଡ, କାନାଡ଼ା, ଇସ୍ରାଏଲ, ଫ୍ରାନ୍ସ, ଋଷିଆ ଆଦି ଦେଶରେ ବୈବାହିକ ବଳାତ୍କାରକୁ ଏକ ଗୁରୁତର ଅପରାଧ ଭାବେ ବିଚାର କରାଗଲାଣି । ସେଥିପାଇଁ ବଳାତ୍କାରୀକୁ ମଧ ବର୍ଷ ବର୍ଷ ଜେଲଦଣ୍ଡ ସହିତ ବିପୁଳ ଅର୍ଥ ଜରିମାନା ରହିଛି । ଜାତିସଂଘ ପପୁଲେସନ୍ ଫଣ୍ଡ ସର୍ଭେ ଅନୁସାରେ- ବିଶ୍ୱର ୧୫ରୁ ୪୯ ବର୍ଷ ବୟସ ସୀମା ମଧ୍ୟରେ ଥିବା ବିବାହିତା ମହିଳାଙ୍କ ମଧ୍ୟରୁ ପ୍ରାୟ ଦୁଇ ତୃତୀୟାଂଶ ପତିଙ୍କଠାରୁ ମାଡ଼ ଖାଇ ବଳାତ୍କାରର ଶିକାର ହେଉଛନ୍ତି । ଏହି ମହିଳାଗଣ କାମୁକ ସ୍ୱାମୀକୁ 'ଯୌନ ସେବା' ଯୋଗାଇବାକୁ ବାଧ୍ୟ ହୋଇଥାନ୍ତି । ଭାରତର ଆଇନ କ୍ଷେତ୍ରରେ ଓ ସାମାଜିକ କ୍ଷେତ୍ରରେ ମଧ ସେହି ନିୟମ ପ୍ରଚଳିତ ହେବାରେ ଲାଗିଛି । ତେବେ କର୍ଣ୍ଣାଟକର ଯେଉଁ ଯୁବତୀ ସାହସ ସଂଚୟ କରି ପତିଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି, ତାର ବିଚାରର ଆବଶ୍ୟକତା ରହିଛି । ଯଦି ଆଇନରେ ଅତୀତରେ କୌଣସି ନିୟମ ରଖାଯାଇନାହିଁ, ତାହେଲେ ଏବେଠୁ ସେଥିପ୍ରତି ନିୟମ ତିଆରି କରାଯିବା ଦରକାର । ଅନେକ କ୍ଷେତ୍ରରେ ମଦ୍ୟପ ସ୍ୱାମୀ କବଳରେ ପତ୍ନୀ 'ଯୌନ ଦାସୀ' ପାଲଟିବା ଏକ ପରମ୍ପରାରେ ପରିଣତ ହୋଇଯିବ ।

କେବଳ ଯେ ପତ୍ନୀକୁ ବା ଅନ୍ୟ କୌଣସି ଯୁବତୀର ଇଚ୍ଛା ବିରୋଧରେ ବଳାତ୍କାର କରାଗଲେ 'ଧର୍ଷଣ' ଅଭିଯୋଗ ଆସିବ ତା ନୁହେଁ, କେତେକ କ୍ଷେତ୍ରରେ ଏହାର ପରିବର୍ତ୍ତନ ବି ଘଟିବ । ଆଇପିସି- ୩୭୫ ଧାରାରେ କୁହାଯାଇଛି- ଜଣେ ପୀଡ଼ିତା ଯୌନ କ୍ରିୟା ପାଇଁ ସମ୍ମତି ପ୍ରଦାନ କରିଥିଲେ ବି ପୁରୁଷ ବିରୋଧରେ ବଳାତ୍କାର ଅଭିଯୋଗ ଆଣିହେବ । ସେଗୁଡ଼ିକ ହେଲା-୧) କୌଣସି ଯୁବତୀକୁ ଭୟଭୀତ କରାଇ କିମ୍ବା ହତ୍ୟା ଧମକ ଦେଇ ଯଦି ସହମତି ଲୋଡ଼ା ଯାଇଥାଏ । ୨) କୌଣସି ପୁରୁଷକୁ 'ସ୍ୱାମୀ' ଭାବେ ଚିତ୍ରିତ କରି ଭ୍ରାନ୍ତ ଧାରଣା ଦିଆଯାଇଥାଏ । ୩) ସନ୍ତାନ ସନ୍ତତି ହେବାର ପ୍ରଲୋଭନ ଦେଖାଇ ସହବାସ ହୋଇଥାଏ । ୪) ମାନସିକ ଭାରସାମ୍ୟ ନଥିବା ଯୁବତୀର ସହମତି । ୫) ନିଶାସେବନ କରିଥିବା ଯୁବତୀର ଅଙ୍ଗୀକାର । ୧୮ ବର୍ଷରୁ କମ ବୟସର ଯୁବତୀ, ଯିଏ ଯୌନକ୍ରିୟା ସମ୍ପର୍କରେ ଅଜ୍ଞ, ତାର ସମ୍ମତିଟିକୁ ମଧ ସହମତି ଭାବେ ଗ୍ରହଣ କରାଯିବ ନାହିଁ । ୬) ଅନ୍ଧ, ମୂକ, ବଧିର ଯୁବତୀକୁ ମିଛ କହି ସହମତି ଆଦାୟ କରିଥିଲେ ବି, ତାହା ଅପରାଧରେ ଗଣାଯିବ ।

ତେବେ, ଏଇଠି ଗୋଟିଏ ବିଷୟ ଉଲ୍ଲେଖ କରିବାକୁ ଉଚିତ ମଣୁଚେ । ଭାରତରେ 'ଲିଭ୍-ଇନ୍-ରିଲେସନ୍' ବା 'ବିବାହ ନକରି ଏକତ୍ର ବସବାସ' ପରମ୍ପରାକୁ ଆଇନରେ ଗ୍ରହଣ କରାଗଲାଣି । କେତେକ କ୍ଷେତ୍ରରେ ଦେଖା ଦେଇଛି- ଅବିବାହିତା ଝିଅ ଓ ପୁଅ କିଛି ଦିନ ଏକତ୍ର ରହିବା ପରେ ପରସ୍ପରଠୁ ଦୂରେଇ ଯାଉଛନ୍ତି । ପରେ ପ୍ରତାରଣାର ଶିକାର ପାଲଟିଥିବା ଯୁବତୀ ପ୍ରେମିକ ବିରୋଧରେ ବଳାତ୍କାର ମାମଲା ଦାଏର୍ କରୁଛି । ଏବେ ଓଡ଼ିଶା ହାଇକୋର୍ଟ ଏଭଳି ଏକ ମାମଲାର ବିଚାର କରି ଜଷ୍ଟିସ୍ ଏସ୍‌କେ ପାଣିଗ୍ରାହୀ କହିଛନ୍ତି- ଯୁବତୀ ଜଣକ ଯେତେବେଳେ ନିଜ ଇଚ୍ଛାରେ ଯୌନକ୍ରିୟା କରୁଛି, ତାକୁ 'ବଳାତ୍କାର' ଭାବେ ବିବେଚନା କରାଯାଇ ପାରିବ ନାହିଁ । କାରଣ ପ୍ରେମିକ ଜଣକ ପ୍ରକୃତରେ ବିବାହର ପ୍ରତିଶ୍ରୁତି ଦେଇଛନ୍ତି ନା ଦୁହେଁ କେବଳ ଯୌନକ୍ରିୟା ପାଇଁ ତାହା କରିଛନ୍ତି, ତାହା କିଏ କହିବ?

ଏଇଠି ଛୋଟ ଉଦାହରଣଟିଏ ଦେଇ ସ୍ତମ୍ଭ ଶେଷ କରିବା । ହରିଆଣାର ୫ଜଣ ଯୁବତୀ ସନ୍ଧ୍ୟା ଭ୍ରମଣରେ ଯାଇଥିବା ବେଳେ ସୁନ୍ଦର ଯୁବକକୁ କାର୍‌ରେ ଅପହରଣ କରି ନେଲେ । କାର୍ ମଧ୍ୟରେ ଯୁବକକୁ ମଦ୍ୟପାନ ସହିତ ସ୍ନାୟୁ ଉତ୍ତେଜକ ଔଷଧ ସେବନ କରାଇ ସାରା ରାତି ବଳାତ୍କାର କଲେ । ପରେ ଯୁବକର ହାତ ଗୋଡ଼ ବାନ୍ଧି ଏକ ନିଛାଟିଆ ବୁଦାରେ ଫିଙ୍ଗି ଦେଲେ । ଗୁରୁତର ଆହତ ଯୁବକ ପୁଲିସରେ ଅଭିଯୋଗ କଲେ । ପୁଲିସ ଅଧିକାରୀ ଯୁକ୍ତି କଲେ- ୪ ଜଣ ଯୁବତୀ ଜଣେ ଯୁବକକୁ ଗଣ ଧର୍ଷଣ କଲେ । କେଉଁ ଆଇନରେ କେଉଁ ଦଫା ଲାଗୁ ହେବ, ତାହା ଏଯାଏଁ ଲେଖା ହୋଇନି । ଠିକ୍ କଥା । ଆମର ପ୍ରଶ୍ନ- ଯଦି ଜଣେ ପତ୍ନୀ, ପତିର ଇଚ୍ଛା ବିରୋଧରେ ଯୌନକ୍ରିୟା କରିବାକୁ ବାଧକରେ, ତେବେ ତାଙ୍କ ବିରୋଧରେ 'ବୈବାହିକ ବଳାତ୍କାର' ମାମଲା ରୁଜୁ ହୋଇ ପାରିବ କି? ଏ ଉତ୍ତର ଆମକୁ ଦେବ କିଏ??? ♥

## ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ


ପୁଷ୍ପାଞ୍ଜଳି ନାୟକ
♥ ଜେଲରୋଡ, ବାଲେଶ୍ୱର-୧
(ମୋ) ୯୨୩୭୯୫୯୯୭୩




ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ ହୋଇଗଲା । ମା ପାଖରେ ପୁଅ ହାର ମାନିବା ଭଳି ମାଟି ପାଖରେ ଘାଟୀ ହାର ମାନିଲା । ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସଂପୂର୍ଣ୍ଣ ବିବରଣୀ ନୁହେଁକିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହେଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି । -ଲେଖିକା

ଭାଗ-୨୨

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ତା' ଛଡ଼ା ସାରା ପୃଥିବୀର ଲୋକେ ଅଣୁ ଯୁଦ୍ଧର ବିଭୀଷିକା ସମ୍ବନ୍ଧରେ ଅଧିକରୁ ଅଧିକ ସଚେତନ ହେଉଥିବାବେଳେ ଭାରତର ଏ ନିଆଁଗିଳା କାର୍ଯ୍ୟକ୍ରମ କାହିଁକି? କ୍ଷେପଣାସ୍ତ୍ର ତିଆରି କରି ଭାରତ କାହାକୁ ହରାଇବାକୁ ଯାଉଛି?

ଯେଉଁ ବିଷମ ସମର ଆରମ୍ଭ ହେଲାମାତ୍ରେ ପୃଥିବୀବକ୍ଷରୁ ମାନବସଭ୍ୟତା ନିଶ୍ଚିହ୍ନ ହୋଇଯିବା ଅବଧାରିତ, ସେଇ ସମର ଲାଗି ନିଜକୁ ସଜ୍ଜିତ କରିବା କେଉଁ ଧରଣର ମୂର୍ଖତା?

ଧ୍ୱଂସର ସେଇ ମହାଯଜ୍ଞରେ ଭାରତ କାହା ସହିତ ଟକ୍କର ଦେବ? କାହାକୁ ଧ୍ୱଂସ କରିବ? କ୍ଷେପଣାସ୍ତ୍ର ପ୍ରସ୍ତୁତ କରି ଭାରତ ନିଜ ଦେଶକୁ କ୍ଷେପଣାସ୍ତ୍ର ଆକ୍ରମଣରୁ ରକ୍ଷା କରିପାରିବ?

ଅଣୁଯୁଦ୍ଧର ଭୟାବହତା ସମ୍ବନ୍ଧରେ ସାରା ପୃଥିବୀ ସ୍ୱର ଉତ୍ତୋଳନ କରୁଥିବାବେଳେ ଭାରତ କାହିଁକି ଏଥିରେ ଆଗଉଛି!

ଇତିହାସ ଅଟକି ରହିଛି ।

ସବୁରି କଣ୍ଠରେ ଆଜି ଗୋଟିଏ ପ୍ରଶ୍ନ ଯୁଦ୍ଧ ନା ଶାନ୍ତି? ଘାଟୀ ନା ମାଟି?

### ॥ ଚବିଶ ॥

ଅଞ୍ଜଳି ପଟ୍ଟନାୟକ ଓ ସୁଧା ମହାନ୍ତି ଠେଲା ରିକ୍‌ସାରେ ବସି ଘାଟୀ ଦେଖିବାକୁ ଚାଲିଥିଲେ ।

ଅଞ୍ଜଳିର ଜନ୍ମମାଟି ବାଲିଆପାଳ ନୁହେଁ । ଅନ୍ୟତ୍ର ତେବେ ଏଇ ତହସିଲ ଅଫିସରେ ଏକଦା ତା ବାପା କାମ କରୁଥିଲେ । ପ୍ରାୟ ଆଠଦଶବର୍ଷ ଧରି ସେମାନେ ଏଇଠି ଥିଲେ । ସେ ଅନେକଦିନ ତଳର କଥା । ସେତେବେଳେ ବାଲିଆପାଳ ଏକ ବଡ଼ ଗ୍ରାମଠାରୁ ଅଧିକ କିଛି ନଥିଲା । ତେଣୁ ବାଲିଆପାଳ ପ୍ରତି ତାର ସବୁଦିନ ଏକ ଅବୋଧ ଆକର୍ଷଣ ଅଛି । ଆଜି ସେ ଏକ ବିଶେଷ ଉଦ୍ଦେଶ୍ୟ ନେଇ ଯାଉଛି । କ୍ଷେପଣାସ୍ତ୍ର ଘାଟୀ ସମ୍ବନ୍ଧରେ ଏକ ବିଶେଷ ସନ୍ଦର୍ଭ ସେ ଲେଖୁଛି । ସେଥିପାଇଁ ବାଲିଆପାଳ ଯାଇ ଲୋକମାନଙ୍କ ମତାମତ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ମାନସିକତା ସମ୍ବନ୍ଧରେ ଜାଣିବା ତାର ଉଦ୍ଦେଶ୍ୟ । ପ୍ରସ୍ତାବିତ ଘାଟୀ ଅଞ୍ଚଳ ପରିଦର୍ଶନ ସେଇ ଉଦ୍ଦେଶ୍ୟରେ ଏକ ଦିଗ ।

ସୁଧା ତାର ବାନ୍ଧବୀ ।

ଦୁଇଜଣ ଗତକାଲି ସନ୍ଧ୍ୟାରେ ବସ୍‌ରୁ ସିମୂଳିଆଠାରେ ଓହ୍ଲାଇ ଛଚିନ୍ଦ୍ରା ଗ୍ରାମର ଭୋଳାରାମ ପାତ୍ରଙ୍କ ଘରେ ଅତିଥି ହୋଇଥିଲେ । ଭୋଳାରାମ ସାର୍ ଅଞ୍ଜଳିର ଶିକ୍ଷକ ଥିଲେ । ସେଇ ସୂତ୍ରରେ ପରିଚୟ ଓ ଆତ୍ମୀୟତା । ଏତେବର୍ଷ ପରେ ମଧ ସେ ଆତ୍ମୀୟତାର ରଙ୍ଗ ମଳିନ ହୋଇନି ।

ଅଞ୍ଜଳିର ପେଷା ସାମ୍ବାଦିକତା । କିନ୍ତୁ ଘାଟୀ ଅଞ୍ଚଳ ଦେଖିବା ପଛରେ ତାର ବ୍ୟକ୍ତିଗତ ଉଦ୍ଦେଶ୍ୟଟିଏ ମଧ ଅଛି । ଯେଉଁ ମାଟି ନେଇ ସାରା ଭାରତରେ ଚହଳ ପଡ଼ିଯାଇଛି, ଯେଉଁ ମାଟି ପାଇଁ ବାଲିଆପାଳବାସୀ ଦୀର୍ଘ ଚାରିବର୍ଷଧରି ସଂଗ୍ରାମ କରି ଆସୁଛନ୍ତି, ସେଇ ମାଟିକୁ ଥରେ ନିଜ ଆଖିରେ ଦେଖିଆସିବା ପାଇଁ ସେ ଆଜି ଯାଉଛି ।

ସିମୂଳିଆ ବଜାରରୁ ଛଚିନ୍ଦ୍ରା ପ୍ରାୟ ୪କିମି ରାସ୍ତା ହେବ । ସେଠାରୁ ସେତକ ରାସ୍ତା ଦୁଇବାନ୍ଧବୀ ରିକସାରେ ଆସିଥିଲେ । ଦୁଇପାଖେ ଖାଲି କିଆବଣ ଆଉ ଗଛରେ ଭର୍ତ୍ତି । ଆଉ ନିରନ୍ଧ୍ର ନିଶ୍ଚୁପ ଅନ୍ଧକାର । ଗାଆଁ ଗହିରେ ରାତି ଯେ ଏତେ ଶାନ୍ତ, ଏତେ ନିଃଶବ୍ଦ ସେ ଅନେକ ଦିନୁ ଭୁଲିହିଁ ଯାଇଥିଲା । ଜନଶୂନ୍ୟ, ନିର୍ଜନ ପଥ । ସିରିସିରି ପବନ । ଅଭୁତ ଏକ ଶାନ୍ତ ବାତାବରଣ । ସାର୍‌ଙ୍କ ଘରେ ପହଞ୍ଚୁ ପହଞ୍ଚୁ ସେମାନେ ନିଦ୍ରାରେ ଅଚେତନ ହୋଇଯାଇଥିଲେ । ସକାଳୁ ଉଠି, ନିତ୍ୟକର୍ମ ସାରି, ଭାତ ଖାଇ ଦୁଇ ସଖୀ ବାହାରିଥିଲେ ।

ଆଗରେ ସାର୍ ଚାଲିଛନ୍ତି । ସାଇକେଲରେ । ଗୋଟିଏ ପ୍ଲାଷ୍ଟିକ ଥଳିରେ ମୁଢ଼ି, କାକୁଡ଼ି । ରାସ୍ତା ଲାଗି ଜଳଖିଆ ।

ଛଚିନ୍ଦାଠାରୁ ମୁହାଣପାଖ ପ୍ରାୟ ୧୪କି.ମି ରାସ୍ତା । ଯିବା ଆସିବା ପାଇଁ ଗୋଟାଏ ମାତ୍ର ମାଟି ରାସ୍ତା । ଗୋଟାଏ ପାଖ ଗେଟି ପଡ଼ିଛି । ଘାଟୀ ହେବାର ନିଷ୍ପତ୍ତିଠାରୁ ସରକାର କୁଆଡ଼େ ରାସ୍ତାରେ ଗୋଡ଼ି, ଗେଟି ପକାଉଥିଲେ । ପିଚୁ ପଡ଼ିଥାନ୍ତା । ଲୋକେ ବାଧା ଦେବାରୁ ସେ କାମ ଅଟକି ରହିଛି ।

ତିନିଚାରିଖଣ୍ଡ ଗାଁ ପାରିହେଲେ କୋଷ୍ଟ କେନାଲ । ତାକୁ ପାରି ହେଲେ କାଳୁପଦା ଗାଆଁ । ତାପରେ ଆହୁରି ଅନେକ ଅନେକ ଗାଆଁ ପରେ ମୁହାଣ । ସୁବର୍ଣ୍ଣରେଖା ଯେଉଁଠି ସମୁଦ୍ରରେ ମିଶିଛି ।

ରାସ୍ତାରେ ଶହଶହ ସାଇକେଲ ଚଢ଼ାଳୀ । କିଏ ପଇଡ଼ କାନ୍ଧି ଆଣୁଛି ତ କିଏ ମାଛଝୁଡ଼ି ଆଣୁଛି । କିଏ ବା ସମୁଦ୍ରକୂଳରୁ ଝାଉଁକାଠ ସାଇକେଲରେ ନଦି ଆଣୁଛି ।

ଗେଟି ପଡ଼ି ରାସ୍ତା ବଡ଼ ଅସମତୁଲ ହୋଇଛି । ଠେଲାରିକ୍‌ସା ଧକଡ଼ଚକଡ଼ ହେଉଛି ।

ରାସ୍ତା ଦୁଇକଡ଼ରୁ ଦିଗନ୍ତ ପର୍ଯ୍ୟନ୍ତ ଲମ୍ବିଯାଇଛି ଧାନଗଛର ଶାଗୁଆ କ୍ଷେତ । ଲକ୍ଷ୍ମୀଙ୍କର ସବୁଜ ଅମାର । ପ୍ରଥମ ଅଶ୍ୱିନର କ୍ଷୀର ଢ଼ୋକୁଥିବା ଧାନକ୍ଷେତ । ନିଘଞ୍ଚ, ନିବିଡ଼ ପରିପୁଷ୍ଟ ।

ଏଇଟା ଷୋଳସାପାଣ୍ଡ । ଏଠି ଜମି ଜମି ନୁହେଁ, ସୁନାଥାଳି । ଏସବୁ ବିଲ ଘାଟୀ ମାନଚିତ୍ର ଭିତରେ ରହିଛି ।

ସକାଳର ମୃଦୁପବନରେ ଧାନଗଛରେ ତରଙ୍ଗ ଖେଳିଯାଉଛି । ଶାଗୁଆ ଚାମର ଭଳି ଦିଶୁଥିବା ସେଇ ଘଞ୍ଚ ଗଛସବୁ ପରସ୍ପର ଉପରେ ଲୋଟିଯାଉଛନ୍ତି । ସତେ ଅବା ଗାଁ ଭୂଇଁର ଝିଅଭୁଆଷୁଣୀ, ଅଟ୍ଟାକୌତୁକରେ ପରସ୍ପର ଉପରେ ଗଡ଼ିଯାଉଛନ୍ତି ।

ଅଞ୍ଜଳି, ସୁଧାଙ୍କର ପଲକ ପଡୁନଥିଲା । ଯେତେଦୂର ଦୃଷ୍ଟି ଯାଉଛି, ଶାଗୁଆ ଛନ ଛନ ଧାନକ୍ଷେତ । ଆଣ୍ଠୁଏ ଉଞ୍ଚର ସେଇ ନିଘଞ୍ଚ କିଆରୀ କାହିଁ କେତେ ଦୂର ଲମ୍ବି ଯାଇଛି । ସବୁ ବିଲରେ ପାଣି ଭରପୁର । କେଉଁଠି ମାଛରଙ୍କା ପକ୍ଷୀମାନେ ଆସି ମାଛ ଧରି ପୁଣି ଉଡ଼ିଯାଉଛନ୍ତି ।

ଏତେ ବିରାଟ, ବିସ୍ତୃତ ଶସ୍ୟକ୍ଷେତ ଥାଇପାରେ?

ଏଇ ସୁନାଫଳାଉଥିବା ଶ୍ରୀମନ୍ତ ମାଟିକୁ କେମିତି ସେମାନେ ଆଣବିକ ବିସ୍ଫୋରଣରେ ବନ୍ଧ୍ୟା କରିବାର ନିଷ୍ପତ୍ତି ନେଇଛନ୍ତି?

ଏତ ମାଟି ନୁହେଁ, କବିଙ୍କର ସେଇ ସୁଜଳା, ସୁଫଳା ଶସ୍ୟ ଶ୍ୟାମଳା ସ୍ୱର୍ଣ୍ଣପ୍ରସୂ ମା!

ମାଟି ମାଆ !

ଗାଆଁ ପରେ ଗାଆଁ । ନିସ୍ତବ୍ଧ, ଶାନ୍ତ ପ୍ରକୃତି ନିର୍ଜନ, ପ୍ରଶାନ୍ତ ବାତାବରଣ । ଆକାଶରେ ଭସା ବାଦଲର ଖେଳ । ଅଦ୍ଭୁତ ଏକ ଶାନ୍ତର ପରିବେଶ । କାଜୁବାଦାମ, ବାଉଁଶ, ନଡ଼ିଆ, ଜାତି ଜାତି ଗଛର ସେଇ ନିବିଡ଼, ଘନ ବନାନୀ ଯେମିତି ସରିବାକୁ ନାହିଁ! କେଉଁଠି ନଡ଼ିଆ, ଅର୍ଜ୍ଜୁନ, ତେନ୍ତୁଳି ସୁନାରି ଗଛର ଘନ ନିବଡ଼ ଜଙ୍ଗଲରେ ସୂର୍ଯ୍ୟକିରଣ ପରାହତ ହୋଇଯାଇଛି । ସରୁ ପାଦଚଲା ରାସ୍ତା ଦୁଇକଡ଼ରେ ଅସଂଖ୍ୟ ପାନବରଜ । ମଝିରେ ମଝିରେ ଚୁଆ । କେଉଁଠି ଆଙ୍କ, ବଇଁଚକୋଳିର ବୁଦା । କେଉଁଠି ଅବା ଖଡ଼ିବାଡ଼ି ଆଉ କେଉଁଠି ନାନା ଜଙ୍ଗଲିଘାସର ବଣ ।

ଏ ଏକ ଆଶ୍ଚର୍ଯ୍ୟ ପୃଥିବୀ ।

ସବୁଜ ପ୍ରକୃତିରେ ଶ୍ରୀମୟୀ, ଜୀବନର ବିପୁଳ ସମ୍ଭାରରେ ପ୍ରାଣମୟୀ ସୁବର୍ଣ୍ଣରେଖାର ପୃଥିବୀ!

ସତେଯେମିତି ଉତ୍କଳର ଗ୍ରାମ୍ୟ-ପ୍ରକୃତିର ଅନିର୍ବଚନୀୟ ଶୋଭାକୁ ନେଇ ରାଧାନାଥ, ମେହେରଙ୍କର କେଉଁ କାବ୍ୟପୃଷ୍ଠା ଆଜି ଏଠି ମୂର୍ତ୍ତିମନ୍ତ ହୋଇଯାଇଛି!

ଆଗରେ କାଳୁପଦା ଗାଆଁ ।

ଘାଟୀ ଲାଗି ଯେଉଁ ଶହେତିରିଶଟି ଗାଆଁର ତାଲିକା ହୋଇଛି, ଏ ଗାଆଁର ନାମ ସେଇ ତାଲିକାର ପ୍ରଥମରେ ଅଛି ।

ବଡ଼ ଶାନ୍ତ, ବଡ଼ ସୁନ୍ଦର ଏ ଗାଆଁ । ତାଳନଡ଼ିଆରେ ଘେରା, ଅସଂଖ୍ୟ ପାନବରଜ ଆଉ ଚୁଆରେ ଭରା ବଡ଼ ଶ୍ରୀମନ୍ତ ଏ ଗାଆଁ ।

ଦଳେ ଛୁଆ ରାସ୍ତାରେ ଆସି ଖେଳୁଛନ୍ତି । ରାସ୍ତାସାରା ଗାତରେ ଭର୍ତ୍ତି । ରିକ୍‌ସାରୁ ସେମାନେ ଓହ୍ଲାଇପଡ଼ିଲେ । ରିକ୍‌ସା ଟାଣିନେବାକୁ ହେବ ।

ଏ ରାସ୍ତାରେ ପାଦ ବ୍ୟତୀତ ସାଇକେଲ ହିଁ ଯାତାୟାତର ଏକମାତ୍ର ମାଧ୍ୟମ । ସାମ୍ନାରୁ ବୋହୁଟିଏ ଓଦାଲୁଗାରେ କଳସୀ କାଖେଇ ଆସୁଛି । ସେମାନଙ୍କୁ ଦେଖି ଓଢ଼ଣା ଟାଣିଦେଲା ।

ସେମାନେ ଅଟକିଗଲେ ।

ଆଗରେ ଚେକଗେଟ । ବିରାଟ ଏକ କାଠଗଣ୍ଡିରେ ରାସ୍ତା ବନ୍ଦ । ସେଇ କାଠ ଦେହରେ ଲାଗିଥିବା ଗୋଟିଏ କାଠ ପଟାରେ ଲେଖା ହୋଇଛି, "ଏ ମାଟି ମାଆର । ଏ ସମୁଦ୍ର ଆମର । ସରକାରୀ ଗାଡ଼ି ଓ କର୍ମଚାରୀଙ୍କ ଲାଗି ନିଷିଦ୍ଧାଞ୍ଚଳ ।"

ସେମାନଙ୍କ ଦେହରେ ହଠାତ୍ ଯେମିତି ତିଡ଼ିତପ୍ରବାହ ଖେଳିଗଲା ।

ଗତ ଚାରିବର୍ଷ ହେଲା ଏଇ ମାଟିର ବାସିନ୍ଦାମାନେ ଏଇଠାରେ ଇତିହାସକୁ ଅଟକାଇ ରଖଛନ୍ତି ।

ବାରମ୍ବାର ସରକାରୀ ଲୋକ ଆସିଛନ୍ତି । ସରକାରୀ ଗାଡ଼ି ଆସିଛି । ସେମାନେ ସମସ୍ତେ ଏଇଠାରୁ ଫେରିଯାଇଛନ୍ତି ।

ଟିକେ ଆଗରେ କେଉଁ ଯୁଗର ବିରାଟ ବରଗଛଟିଏ । ଓହଳ ସବୁ ଲମ୍ବି ମାଟିରେ ମିଶିଯାଇଛି । କେଉଁଟି ମୂଳ, କେଉଁଟି ଓହଳ ଜାଣିବା କଷ୍ଟକର । ତାର ଛାଇରେ ଅନେକ ସାଇକେଲ ଆଉ ଗୋଟାଏ ଯୋଡ଼ାଏ ଠେଲାରିକସା । ବୁଢ଼ୀଟିଏ ବସି ମାଛ ବିକୁଛି । କିଛିଲୋକ ସେଠିଛିଡ଼ା ହୋଇଛନ୍ତି । ବୁଢ଼ୀ ପଛରେ ଭୁଆ ବିଲେଇଟିଏ ଓ କୁକୁରଟିଏ ଯୁଦ୍ଧଂଦେହୀ ଦୃଷ୍ଟିରେ ପରସ୍ପରକୁ ଅନାଉଛନ୍ତି । ବୁଲା ଷଣ୍ଢଟିଏ ଛିଡ଼ା ହୋଇ ପାକୁଳି କରୁଛି । ବରଗଛ ଚାରିପାଖେ କୋଡୋଟି ଛୋଟ ବଡ଼ ଗୁମୁଟି । ପ୍ରାୟ ପାନଦୋକାନ ଆଉ ଗୋଟାଏ ଯୋଡ଼ାଏ ଭୂଷିମାଲ ଦୋକାନ । ବିଶେଷ ଗହଳି ନାହିଁ । ଛକ ଚାରିପାଖେ ବେଢ଼ିରହିଛି ଗଛଲତାରେ ଭରା କାଳୁପଦା ଗାଆଁ ।

ବରଗଛ ଦେହରେ ଆଉ ଏକ କାଠପଟାରେ ଲେଖା ହୋଇଛି, ଯୁଦ୍ଧ ନୁହେଁ, ଆମେ ଶାନ୍ତି ଚାହୁଁ । ଘାଟୀ ନାମରେ ଆମ ରକ୍ତରେ ହୋରି ଖେଳ ନାହିଁ ।

ବରଗଛ ତଳେ ଧୂଳିଆ ପିଲା କେଇଟି ଭଙ୍ଗା ଖପରାରେ ଖେଳୁଛନ୍ତି ।

କେତେଜଣ ସାଇକେଲ- ଚଢ଼ାଳି ସାଇକେଲରେ କିଛି ଝାଉଁକାଠ ଧରି ଫେରିଲେ ।

ଆଜି ମାଛ ଦର କେମିତି?

ଦର ଆଜି ଶସ୍ତା । ବହୁତ ଇଲିସୀ ପଡ଼ିଛି । ଆଉ ଚିଙ୍ଗୁଡ଼ି ବି!

ସେମାନେ ଚା ଦୋକାନଟିଏ ଖୋଜୁଥିଲେ ଅଞ୍ଜଳିର ଚା ଅଭ୍ୟାସ ଅଛି । ଯା ମଧ୍ୟରେ କିଛି ଲୋକ ସେମାନଙ୍କ ଚାରିପାଖେ ଜମା ହୋଇ ସେମାନଙ୍କୁ ତୀକ୍ଷ୍ଣ ଦୃଷ୍ଟିରେ ନିରୀକ୍ଷଣ କରୁଥିଲେ ।

ବାବୁ, ଘର କେ ଗାଁ? ଯିବ କାଆଡ଼?

ଅଞ୍ଜଳି ଉତ୍ତର ଦେଲା, ଆମେ ଘାଟୀ ଅଞ୍ଚଳ ବୁଲିଆସିଛୁ । ଆମ ଘର....

ହଠାତ୍ ସେମାନଙ୍କ ଆଖିର ଦୃଷ୍ଟି ବଦଳିଗଲା । ମୁହଁର ଭାବଭଙ୍ଗୀ କଠୋର ହୋଇଗଲା । ସେମାନେ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ପରସ୍ପରକୁ ଅନାଇଲେ ।

ଜଣେ ଚାଷୀ ଭଳି ଦିଶୁଥିବା ଲୋକ ଉତ୍ତେଜିତ କଣ୍ଠରେ କହିଉଠିଲା, ଘାଟୀ ହେବ ନାହିଁ । (କ୍ରମଶଃ) ♥

## ଅନୁବାଦ ଗପ

## ତପ ହିଁ ତ୍ୟାଗ





ନଗେନ୍ଦ୍ର ନାଥ ପଟ୍ଟନାୟକ


ଗର୍ଗ ସଂହିତାର ରଚୟିତା ମହର୍ଷି ଗାର୍ଗେୟ ଥିଲେ ଧର୍ମଶାସ୍ତ୍ରର ଜଣେ ପ୍ରଚଣ୍ଡ ବିଦ୍ୱାନ । ସମୟେ ସମୟେ ଋଷି ମହର୍ଷି ଓ ଶ୍ରଦ୍ଧାଳୁଜନ ତାଙ୍କ ନିକଟକୁ ଛୁଟି ଆସୁଥିଲେ ନିଜ ମନ ଭିତରେ ଜାଗି ଉଠୁଥିବା ଜିଜ୍ଞାସାର ସମାଧାନ ନିମନ୍ତେ । ସେମିତି ଶୌନକାଦି ମୁନୀ ଥରେ ସେଠାରେ ପଦାର୍ପଣ କଲେ ତାଙ୍କ ସାନ୍ନିଧ ଲାଭ କରିବା ଉଦ୍ଦେଶ୍ୟରେ । ସେ ପ୍ରଶାନ୍ତ ଚିତ୍ତରେ ପ୍ରଶ୍ନକଲେ -ମହର୍ଷି, ଧର୍ମର ସାରତତ୍ତ୍ୱ କଣ ?

ମହର୍ଷି ବେଶ୍ ପ୍ରାଂଜଳ ଭାବରେ ବୁଝାଇଲେ- ଯେଉଁ ବ୍ୟକ୍ତି ସତ୍ୟ, ଅହିଂସା ଓ ସଦାଚାର ନୀତି ଅନୁସରଣ କରେ ଏବଂ କର୍ତ୍ତବ୍ୟ କର୍ମକୁ ନିଷ୍ଠାର ସହିତ ନିଷ୍ପାଦନ କରେ ସେହି ବ୍ୟକ୍ତି ହିଁ ପ୍ରକୃତରେ ଧର୍ମାତ୍ମା, ପୁଣ୍ୟତ୍ମା । ପ୍ରାଣୀମାତ୍ରର ସର୍ବାଙ୍ଗୀନ କଲ୍ୟାଣ ସାଧନା କରିବା ହିଁ ପରମ ଧର୍ମ ।

ଶୌନକାଦି ଋଷି ପୁଣି ଜିଜ୍ଞାସା କଲେ -ମହର୍ଷି ! ତା'ହେଲେ ତପସ୍ୟାର ଅର୍ଥ କ'ଣ ?



ମହର୍ଷି ଉତ୍ତର ଦେଲେ-ତପ ବା ତପସ୍ୟାର ପ୍ରକୃତ ଅର୍ଥ ତ୍ୟାଗ, ତିତିକ୍ଷା । ମନୁଷ୍ୟ ଯଦି ନିଜର ସାଂସାରିକ ଆଶା, ଆକାଂକ୍ଷା ଅଭିଳାଷ ଓ ଦୁର୍ଗୁଣ ଦୁଷ୍କୃତିକୁ ପରିତ୍ୟାଗ କରିଦିଏ ତେବେ ସେ ସଚ୍ଚା ତପସ୍ୱୀ ବନିଯିବ । ଯାହାର ମନ ନିର୍ମଳ ଓ ହୃଦୟ ଶୁଦ୍ଧପୂତ, କଳୁଷ କଳ୍ମଷମୁକ୍ତ ସିଏ ଆପଣାଛାଏଁ ଭକ୍ତିମାର୍ଗର ଅନୁଗାମୀ ହୋଇପାରିବେ । ତାଙ୍କ ଉପରେ ଭଗବାନ କୃପାବୃଷ୍ଟି କରିବାକୁ ଅଧୀର ହୋଇଉଠନ୍ତି ।

ମହର୍ଷି ଆହୁରି ପୁଛିଲେ -ଅସଲି ଭକ୍ତ କିଏ ?

ମହର୍ଷି ଉତ୍ତର ଦେଲେ-କେବଳ ଭଗବାନଙ୍କ ଅପାର କୃପାପ୍ରାପ୍ତିର ମହତ୍ ଉଦ୍ଦେଶ୍ୟରେ କୃତ ଉପାସନାକୁ ନିଷ୍କାମ ଭକ୍ତି କୁହାଯାଏ । ସଚ୍ଚାଭକ୍ତ କେବଳ ଭଗବାନଙ୍କୁ ହିଁ ତାଙ୍କ ପ୍ରୀତି ଯାଚନା କରେ । ସିଏ ପ୍ରଭୁଙ୍କୁ ସଦ୍‌ବୁଦ୍ଧି ଭିକ୍ଷାକରେ । ଯେମିତି କି ସେ ଘୋର ସଙ୍କଟ, ବିପଦଆପଦ ବେଳେ ଧର୍ମମାର୍ଗରୁ ତିଳେହେଲେ ବିଚ୍ୟୁତ ହେବନାହିଁ ।

ମହର୍ଷି ଗାର୍ଗେୟଙ୍କ ମର୍ମଜ୍ଞ କଥାପଦକ ଶ୍ରବଣ କରି ଶୌନକାଦି ମୁନୀ ନିଜକୁ କୃତ୍ୟକୃତ ମଣିଥିଲେ ।



♥ ଓଙ୍କାର ସିଟି, ପ୍ଲଟ ନଂ-୪୫୪, ଲେନ ନଂ-୯
ଲକ୍ଷ୍ମୀସାଗର
କେନାଲ ରୋଡ, ଭୁବନେଶ୍ୱର
ମୋ -୯୪୩୮୩୩୨୧୩୮

## ବହି ସମୀକ୍ଷା



ଶ୍ୱେତପଦ୍ମା ପାଢୀ

# ଚେନାଏ ସଫେଦ ଆକାଶ




ମୋହ ମାୟା, ପ୍ରେମ, ସୂତା ଖିଅର ସମ୍ପର୍କ, କିଛି କଥା, କିଛି ଲଥା, ଜୀବନାନୁଭୂତି, କିଛି ସତ କିଛି ମିଛକୁ ନେଇ ଗଢ଼ି ଉଠିଥାଏ ଗଳ୍ପ । କହିବା ବାହୁଲ୍ୟ ଯେ ଗଳ୍ପ ଆମ ଜୀବନ ଓ ସମାଜ ଉଭୟର ଏକ ପ୍ରତିଛବି ହିଁ ହେଇଥାଏ । ମନ ଆଇନା ଦେଇ କଲମ ରୁ ଝରିପଡେ ଅନେକ ଗଳ୍ପ । କିନ୍ତୁ ସମୟ ସହ ସାକ୍ଷୀ ହେଇ ରହିଯାଏ ଅସରାଏ ସ୍ମୃତି ଭରା ସଫେଦ ଆକାଶ । ସମକାଳୀନ ଓଡ଼ିଆ ସାହିତ୍ୟ ଜଗତରେ ଯୁବ ଗାଳ୍ପିକା ସ୍ନେହଲତା ଦାସଲେଙ୍କା ଏକ ପରିଚିତ ନାମ । ନିଜର ଦ୍ୱିତୀୟ ଗଳ୍ପ ସଂକଳନ 'ଚେନାଏ ସଫେଦ ଆକାଶ' ଲେଖିବା ପୂର୍ବରୁ ତାଙ୍କ ମନରେ ପ୍ରଶ୍ନଟିଏ ଉଙ୍କି ମାରିଛି, ଯେ ସେ କାହିଁକି ଲେଖୁଛନ୍ତି ? ଲେଖିବା ଏକ ସ୍ୱାଭାବିକ ଜନ୍ମଗତ ପ୍ରକ୍ରିୟା । ସବୁବେଳେ କ'ଣ ଲେଖି ହୁଏ ? ତେଣୁ ସବୁ କାହିଁକି ର ଉତ୍ତର ନା ଥାଏ ନା ଉତ୍ତର ଦେଇ ହୁଏ । ବାସ୍ ଲେଖୁ ଲେଖୁ ଲେଖି ହେଇଯାଏ । ଜୀବନ ଅନୁଭୂତି, ସମ୍ପର୍କ ଓ ପାରିପାର୍ଶ୍ୱିକ ଚରିତ୍ରମାନେ ଗାଳ୍ପିକାଙ୍କ ମନକୁ ବେଶ୍ ଛୁଇଁ ପାରିଛନ୍ତି, ରୋମାଞ୍ଚିତ କରିପାରିଛନ୍ତି । ସେଥିପାଇଁ ବୋଧେ ସେଇ ସବୁ ବିଷୟ ବସ୍ତୁ ତାଙ୍କୁ ଗଳ୍ପ ଲେଖିବାକୁ ପ୍ରେରଣା ଦେଇଛନ୍ତି ।

ଗଳ୍ପ ସଂକଳନଟିରେ ସର୍ବମୋଟ କୋଡ଼ିଏଟି ଗଳ୍ପ ଅଛି । ସବୁ ଗଳ୍ପର ବିଷୟବସ୍ତୁ ଭିନ୍ନ ହେବା ସହ ଆପଣଙ୍କ ମନକୁ ଆନ୍ଦୋଳିତ କରିବାକୁ ସକ୍ଷମ । ଗାଳ୍ପିକା ବହୁତ ସୁନ୍ଦର ଉପମା ଦେଇ ଗଳ୍ପଗୁଡ଼ିକ ବର୍ଣ୍ଣନା କରିଛନ୍ତି । କେତୋଟି ଗଳ୍ପରେ ରହସ୍ୟ ଏବଂ ରୋମାଞ୍ଚିତ ମୋଡ଼ ଦେବା ଆବଶ୍ୟକ ଥିଲା । କିନ୍ତୁ ଗଳ୍ପଗୁଡ଼ିକ ର ପରିସମାପ୍ତି ଚମତ୍କାର ହେଇଛି । ଏଠାରେ ମୁଁ କିଛି ଗଳ୍ପ ବାବଦକୁ ଆଲୋଚନା କରିଛି । ଆଶା କରୁଛି ଆଲୋଚନା ମାଧ୍ୟମରେ ଗଳ୍ପ ସଂକଳନ ଚେନାଏ ସଫେଦ ଆକାଶ ପାଠକୀୟ ଆଦୃତି ଲାଭ କରୁ ।

ସଭ୍ୟତାର ପୃଷ୍ଠଭୂମିରେ ନାମହୀନ ହେବା ପୂର୍ବରୁ, ସମୟ ସହ ସାଲିସ କରି ଜୀବନ ଘୋରି ହେବା ଆଗରୁ, ସେଇ କଳଙ୍କିତ ଅଧ୍ୟାୟର ପରିସମାପ୍ତି ପୂର୍ବରୁ ନିଜ ଭିତର ପୃଥିବୀରୁ ବିଚ୍ଛିନ୍ନ ହେବା ପୂର୍ବରୁ ଠାକୁବାଆ ର ମରିଯିବା ଶ୍ରେୟସ୍କର ଥିଲା !!

ଗଳ୍ପ 'ଅଛବ' ଅଛୁଆଁ ଭେଦଭାବକୁ କେନ୍ଦ୍ରିତ କରି ଗଢି ଉଠିଥିବା କାହାଣୀ ଚିତ୍କାର କରି କହୁଛି ଆମ ସମାଜର ମଣିଷ ପଣିଆ ଏବେ ବି କେତେ ନିମ୍ନଗାମୀ ଅଛି ।

ଶିଶୁର ମନ ଠିକ୍ ତା' ପରି ସରଳ, ନିଷ୍ପାପ ଏବଂ ନିର୍ମଳ । ଶିଶୁମନ ଏକ ବିଚିତ୍ର ବସ୍ତୁ ନା ଜିନିଷ ନା ଭ୍ରମ ସୃଷ୍ଟି କରୁଥିବା କୁହୁଡି ? କ'ଣ କହେ, କେବେ କ'ଣ କେମିତି କରେ ତା'ର ମନ, କହିବା ମୁସ୍କିଲ ! ଶିଶୁମନକୁ ଆଧାରିତ କରି କାହାଣୀ ଲେଖିବା ଏକ କଷ୍ଟକର ବ୍ୟାପାର । ଖାଲି ଲେଖି ପକେଇଲେ ତ ହେବ ନାହିଁ; ପାଠକର ମନସ୍ତତ୍ତ୍ୱକୁ ଆନ୍ଦୋଳିତ କରିବା ସହ ବିଭିନ୍ନ ମୋଡ଼ ଭିତରେ ପାଠକର ନିଜସ୍ୱ ଶିଶୁମନକୁ ନେଇ ଲୁଚକାଳି ଖେଳେଇ ପାରିବା ମଧ୍ୟ ଗୋଟେ ସର୍ଜନା । ଲେଖିକା ସେଇ ଚମତ୍କାର ମନସ୍ତାତ୍ତ୍ୱିକକୁ ଆଧାରିତ କରି ସୁନ୍ଦର ଦୁଇଟି କାହାଣୀ ଲେଖିଛନ୍ତି 'ରଙ୍କୁଣୀ' ଏବଂ 'ଚେନାଏ ସଫେଦ ଆକାଶ' ।

ଇଚ୍ଛା ଏକ ଅଥଳ ସାଗର ସମ । ଆଉ ସେଇ ସାଗର ଯଦି ପ୍ରେମର ଲହଡ଼ିରେ ଉବୁଟୁବୁ ହେଉଥିବ, ତେବେ ମନ କୂଳ ଲଘିଂ ଯିବା ସ୍ୱାଭାବିକ । ଇଚ୍ଛାରେ ବଶବର୍ତ୍ତୀ ମନ ପ୍ରେମରେ ଈର୍ଷା କୁ ଜନ୍ମଦେଇ ଥାଏ ଆଉ ଈର୍ଷାରୁ ଅଭିମାନ ନିଜ ପଣତର ପସରା ମେଲି ଦିଏ । ଏମିତି କିଛି ପୃଷ୍ଠଭୂମିକୁ ନେଇ ଗାଳ୍ପିକା ସର୍ଜନା କରିଛନ୍ତି ଏକ କବୀ ପତ୍ନୀଙ୍କ ଅନ୍ତର୍ମନର ଗହନକଥା ଗଳ୍ପ 'ଇଚ୍ଛା'ରେ ।

ଜେଜେମା ଗୁଡାକ ସତରେ ବଦମାସ ଥିଲେ । ନିଜେ ତ ଏରୁଣ୍ଡିବନ୍ଧ ଡେଇଁ ନଥିଲେ, ତେଣୁ ନାତୁଣୀମାନଙ୍କ କାନ ଭରି ସେମାନଙ୍କୁ ହଇରାଣ କରୁଥିଲେ, କ'ଣ ନା ପ୍ରେମ କରିବା ପାପ ! ଆଉ ରକ୍ଷଣଶୀଳ ଘରର ଝିଅ ପାଦରେ ଏକ ଅଦୃଶ୍ୟ ଶିକୁଳୀ ବାନ୍ଧି ହେଇ ଯାଇ ତା'ର କିଶୋରୀ ମନକୁ ବି ବାନ୍ଧି ଦେଉଥିଲା । ନାରୀଟିଏ ଚିରକାଳ ସମ୍ବେଦନଶୀଳ । ସେଥିପାଇଁ ବୋଧେ କାହାକୁ ପ୍ରତ୍ୟାଖାନ କଲେ ତା'ର ମନ ବୋଧେ ଆତ୍ମଗ୍ଲାନିରେ ଭରି ଯାଏ । କିନ୍ତୁ ସମୟ ସହ ମନ ଆଇନାରେ ଉଙ୍କି ମାରିଲେ ସବୁ ଅସ୍ପଷ୍ଟ ଚିତ୍ର ଆପେ ଆପେ ଅପସରି ଯାଏ । ଖୁବ୍ ଚାତୁରିକ ପରିସମାପ୍ତି ନେଇ 'ପ୍ରତିଛବି' ଗଳ୍ପଟି ଗଢି ଉଠୁଛି ।

କାୟାର ପରିସମାପ୍ତିରେ
ଅନ୍ଧାରରେ ଛାଇ ଦୃଶ୍ୟମାନ ହୁଏ
ଛାଇ ତ କେବେ ଧରା ଦିଏନା
କି ତାକୁ କେବେ ଧରି ହୁଏନା
ସମୟ ସହ ମୋହ ମାୟା ପରି
ଛାଇ ବି ଲୁଚକାଳି ଖେଳୁଥାଏ ।।

ନୀରବତାର ସ୍ୱର କେବେ ଶୁଣିବାକୁ ଚେଷ୍ଟା କରିଛନ୍ତି ? କିପରି ସେ ସ୍ୱର କେବେ ଭାବିଛନ୍ତି ? ଚିନ୍ତା କରିଥିବେ ଯଦି ତେବେ ନିଶ୍ଚୟ ଶୁଣିପାରିଥିବେ ଗଛରୁ ଝଡୁଥିବା ଶୁଖିଲା ପତ୍ରର ଖଡଖଡ, ଥାପି ଥାପି ଚାଲୁଥିବା ପଦଧ୍ୱନି, ଭୟରେ କ୍ଷିପ୍ର ହେଉଥିବା ନିଶ୍ୱାସପ୍ରଶ୍ୱାସ, ମସ୍ତିଷ୍କ ଭିତରେ କୋଳାହଳ, ବିଚଳିତ ହୃଦୟର ଧକଧକ । କହନ୍ତି ଏଇ ସବୁ ଝଡ଼ ପୂର୍ବର ନୀରବତା । ସେଇ ନୀରବତା ଓ ଝଡ଼ ଭିତରେ ଲୁଚକାଳି ଠିକ୍ ଛାଇଆଲୁଅ ଖେଳ ପରି ନୁହେଁ କି ! ଗଳ୍ପ 'ଅନ୍ଧାରର ଛାଇ' ଆପଣଙ୍କ ଏମିତି କିଛି ଭାବନାରେ ବୁଡି ଯିବାକୁ ଏକରକମର ବାଧ୍ୟ କରିବ ।



ସର୍ପ ଭୟରେ ଯିବା ମୂଷା ଗାତ ଭିତରେ ଲୁଚେ, କିନ୍ତୁ ଡିଜିଟାଲ ଯୁଗରେ ମଣିଷ ବି ଏକରକମ ବାଧ୍ୟ ହେଉଥିଲା ଚାରିକାନ୍ଥ ଭିତରେ ବନ୍ଦୀ ହେଇ ରହିଯିବାକୁ । କୋରୋନା ଭୂତାଣୁ ଏପରି ନିଜର କାୟା ବିସ୍ତାର କଲା ଯେ, ପରିଶେଷରେ ମାନବିକତା ମଧ୍ୟ ହାରିଗଲା । ମାସ୍କ, ସାନିଟାଇଜର୍ ଏବଂ ଡେଟଲ ବାସ୍ନା ଭିତରେ କିଛି ଜୀବନ ସୀମିତ ହେଇ ରହିଗଲା ତ ଆଉ କିଛି ଜୀବନକୁ ସମୟ ନିଘୋଡ଼ି ନିଦରେ ଶୁଏଇ ଦେଲା । କ'ଣ ସତରେ ମାଳିକା ବଚନ ସତ୍ୟ ହେଇଯିବ ? ଏ ସମଗ୍ର ବିଶ୍ୱ, ଏ ସଂସାର ଧ୍ୱଂସ ପାଇବ ? ଭୈରବ କାଳରୂପୀ ଏହି କୋରୋନା ରାକ୍ଷସର କୋପ କୁ ନେଇ ଗାଳ୍ପିକା ଦୁଇଟି ସୁନ୍ଦର ସମ୍ବେଦନଶୀଳ ଗଳ୍ପ ଲେଖିଛନ୍ତି 'ସମୟର ଛାୟା' ଏବଂ 'ସେଇ ଅପଲକ ଆଖି ଦୁଇଟି' ।

ନାରୀ ସର୍ବଦା ସୌଭାଗ୍ୟବତୀ । ସେ ହିଁ ଲକ୍ଷ୍ମୀ, ସେ ହିଁ ସରସ୍ୱତୀ ଏବଂ ସେ ହିଁ ଦୁର୍ଗା । ନାରୀ ର ଏଇ ତିନୋଟି ପ୍ରତିଛବି ଦର୍ଶାଇବା ପାଇଁ ଗାଳ୍ପିକା ବଡ଼ ଚତୁରତାର ସହ ଭାରତର ସବୁଠାରୁ ବଡ଼ ଜ୍ୱଳନ୍ତ ଟ୍ରାଫିକିଂ ମାଫିଆର ଏକ ଭିନ୍ନ ରୂପକୁ ପୃଷ୍ଠଭୂମି ଭାବେ ନେଇ କାହାଣୀ ଲେଖିଛନ୍ତି 'ସୌଭାଗ୍ୟବତୀ' । କାହାଣୀର ଗତିଶୀଳତା ଚମତ୍କାର ହେଇଥିବା ସ୍ଥଳରେ ରହସ୍ୟ ଓ ମୋଡ଼ ଟିକେ ଦୁର୍ବଳ ହେଇ ପଡ଼ିଛି । କିନ୍ତୁ ଏଭଳି ବିଷୟବସ୍ତୁ ଉପରେ କାହାଣୀ ଲେଖିଥିବା ପାଇଁ ଗାଳ୍ପିକା ସ୍ନେହଲତାଙ୍କୁ ଅନେକେ ସାଧୁବାଦ ।

ଆବାହମାନ କାଳରୁ ପ୍ରେମ ଏକ ବିବାଦୀୟ ବିଷୟ ହେଇ ରହି ଆସିଛି । କାହିଁକିନା ପ୍ରେମ ଜିତିବାଠାରୁ ହାରିବାଟା ଶତ ପ୍ରତିଶତ ଅଧିକା ଥାଏ । ନିୟତିର ଖେଳ ବଡ଼ ବିଚିତ୍ର । କିଏ ଖୋଜି ଖୋଜି ପ୍ରେମ ପାଏ ନାହିଁ ତ ଆଉ କିଏ ଜୀବନ ଠାରୁ ବି ଅଧିକ ଭଲପାଉଥିବା ମଣିଷକୁ ପାଖରେ ରଖି ପାରେ ନାହିଁ । ଗାଳ୍ପିକା ପ୍ରେମକୁ ଖୁବ୍ ସୁନ୍ଦର ଭାବେ ବାଖ୍ୟା କରିଛନ୍ତି 'ଥିଆର କହ' ଏବଂ 'ତେଜପତ୍ର' ଦୁଇଟି ଗଳ୍ପ ମାଧ୍ୟମରେ ।

ମଣିଷ ସବୁଠାରୁ ଲୋଭୀ ପ୍ରାଣୀ । ଯେତେ ପାଇଲେ ବି ତା'ର ଲୋଭ ସରେ ନାହିଁ । ମନର ଇଚ୍ଛାକୁ ମାରି ପାରେ ନାହିଁ । ଅତୃପ୍ତ ଇଚ୍ଛାର ସାଗର କେବେ ସରେ ନାହିଁ କି ସାଗରେ ବୁଡ଼ ମାରିଲେ ଆତ୍ମା ତୃପ୍ତ ହୁଏ ନାହିଁ । ସେଥିପାଇଁ ବୋଧେ ମର୍ତ୍ତ୍ୟରେ କରିଥିବା ପାପର ଆତ୍ମା ମରିବାକୁ ଦିଏ ନାହିଁ କି ଅତୃପ୍ତ ଇଚ୍ଛା ଚିର୍ ଜଗତରେ ମୋକ୍ଷ ଦେଇ ପାରେ ନାହିଁ । 'ଅତୃପ୍ତ' ଏବଂ 'ବାସ୍ନା' ଗଳ୍ପଟି ଗାଳ୍ପିକାଙ୍କ ଅଦ୍ଭୁତ ସାହିତ୍ୟିକା ମନର ସୁନ୍ଦର ଦୁଇଟି ସୃଜନୀ ।

ଗଳ୍ପ ସଂକଳନଟି ଜୀବନ, ସମ୍ପର୍କ, ନିବିଡପଣ, ଓଡ଼ିଶା ଗାଁର ମାଟି-ପାଣି-ପବନ, ପ୍ରେମ, ଇଚ୍ଛା ଓ ଆକାଂକ୍ଷାର ସାଗରରେ ଉବୁଟୁବୁ ହେଉଛି । ଆଖିକୁ ଓଦା କରି ପର ମୁହୂର୍ତ୍ତରେ ଏକ ଖୁସିର ଚମକ ଭରି ଦେଉଛି । 'ଆଖି ମିଟିକା' ଗଳ୍ପ ପରି ଗଳ୍ପ ସଂକଳନ 'ଚେନାଏ ସଫେଦ ଆକାଶ'ର ସବସ୍କ୍ରାଇବର୍ ବଢ଼ନ୍ତୁ ଏବଂ ଲାଇକ, କମେଣ୍ଟ ପାଇବା ସହ ପୁସ୍ତକଟିର ଫଲୋଇର ମଧ୍ୟ ବଢ଼ନ୍ତୁ । ଗାଳ୍ପିକା ସ୍ନେହଲତା ଦାସଲେଙ୍କାଙ୍କୁ ଗଳ୍ପ ସଂକଳନଟି ପାଇଁ ଢେର ସାରା ଶୁଭେଚ୍ଛା ଓ ଅଭିନନ୍ଦନ ।

♥ ପୁନେ, ମହାରାଷ୍ଟ୍ର
ମୋ - ୯୧୬୮୦୫୩୮୬୮

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୪୧

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

କମନୀୟ ତା' ନବବଧୂର
ଅବଗୁଣ୍ଠିତ ଚାଲି
ଚିର ଯୌବନା ନଈର ସୁଅ
ନଈ ପଠାର ବାଲି । ୪୨୬ ।

ନଈ କୂଳର ତୁଠ ପଥର
ଭୁଆସୁଣୀର ପାଦ
ପାଉଁଜି ମଜା ଶବଦ ଶୁଣେ
ନଈର ବାଲିକୁଦ । ୪୨୭ ।

ଫୁଲ ଉଡ଼ିଲେ ଚାଷୀ ଦୁହିତା
କାନି ଉଡ଼ାଇ ଧାଏଁ
ବାଉଳା ବାଆ ବସ୍ତା ସମ
ଧାନ ଗଛରେ ଡିଏଁ । ୪୨୮ ।

ଗାଆଁର ତାଳ ତମାଳ ବଣେ
ଆକାଶ ଗାଏ ଗୀତ
ପାର୍ବଣ ଗଲେ ହେଁସ ଘୋଡ଼େଇ
ଗାଆଁକୁ ପଶେ ଶୀତ । ୪୨୯ ।

ଗାଆଁରୁ ଦିଶେ ଯନ୍ତ୍ର ସହର
କାରଖାନାର ନିଆଁ
କୁନା ମାଆର ମଥାନଫାଡ଼ି
ଉଠେ କୁଣ୍ଡଳି ଧୂଆଁ । ୪୩୦ ।

ଗାଆଁ ମନ୍ଦିର ଚୂଡ଼ାକୁ ଛୁଇଁ
ବହେ ଶୀତଳ ବାଆ
ଗାଁ ନୁହେଁ ସେ ଜୀବନ ରେଣୁ
ଅମୃତ ସମ ଆହା ! ।୪୩୧ ।

ଗୋବିନ୍ଦା ଭାଇ ଲାଉ ଧୁଡୁକି
ମାଧ ବଇଁଶୀ ସ୍ୱନ
ଯେତେ ଶୁଣିଲେ ପୁରେନା ପେଟ
ସେଇଠି ଲାଖେ ମନ । ୪୩୨ ।

ମୋହନା ଭାଇ ଟୀକା ଗୋବିନ୍ଦ
କେନ୍ଦେରା ଯୋଗୀ ଗୀତ
କପୋତୀ ଗାଏ ସେର ପୁରିଲା
ଉଠରେ ଉଠ ପୁତ । ୪୩୩ ।

ଯେଉଁଠି ଥାଏ ଯେମିତି ଥାଏ
ଅରଜେ ଯେତେ ନାଆଁ
ଜଳିବ ଦିନେ ସେଇଠି ଶେଷେ
ମୋହରି ଚିତା ନିଆଁ । ୪୩୪ ।

ରକତ ହୋଇ ତାହାରି ଜଳ
ଶିରାରେ ମୋର ବହେ
ଯେଉଁଠି ଥାଏ ପବନ କାନେ
ତା' କଥା ମୋତେ କହେ । ୪୩୫ ।

(କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'




## ବମ୍ ତୁଲ୍ ବୁଝାରା




ଦୀପକ ରଂଜନ ମିଶ୍ର

# ।। ବଟୁକେଶ୍ୱର ଦତ୍ତ ।।

ପଶ୍ଚିମବଙ୍ଗ, ବର୍ଦ୍ଧମାନ ଜିଲ୍ଲା ଅନ୍ତର୍ଗତ 'ଓଆଡ଼ି' ଗାଁର ମୂଳ ବାସିନ୍ଦା ଗୋଷ୍ଠବିହାରୀ ଦତ୍ତ, କାନପୁର ରେଳ ବିଭାଗରେ କାମ କରୁଥିଲେ । ପତ୍ନୀ କମଳା କାମିନୀ ଦେବୀ ଥିଲେ ଖୁବ୍ ଧର୍ମପରାୟଣା । ତାଙ୍କର ଗୋଟିଏ ଝିଅ ଓ ତିନୋଟି ପୁଅ । ବଟୁକେଶ୍ୱର ଥିଲେ ଭାଇଭଉଣୀଙ୍କ ମଧ୍ୟରେ ସବା ସାନ । ତାଙ୍କ ଜନ୍ମ ହୋଇଥିଲା ୧୮ ନଭେମ୍ବର ୧୯୧୧ ମସିହାରେ । ବଡ଼ଭଉଣୀ ପ୍ରମିଳା ତାଙ୍କୁ ଖୁବ୍ ସ୍ନେହ କରୁଥିଲେ । ସାନଭାଇଟିକୁ ପ୍ରତିଦିନ ଖୁଆଇ ସାରିବା ପରେ ପାଖରେ ପିଠି ଥାପୁଡ଼ି ଶୁଆଇବା ବେଳେ କହୁଥିଲେ ରାଣାପ୍ରତାପ, ମଙ୍ଗଳପାଣ୍ଡେ, ରାଣୀ ଲକ୍ଷ୍ମୀବାଇଙ୍କ ଭଳି ଦେଶପ୍ରେମୀ ତଥା ବୀରଙ୍କ କାହାଣୀ । ଶୈଶବରୁ ସେଇ ସବୁ ଶୁଣି ଶୁଣି ବଟୁକେଶ୍ୱରଙ୍କ ମନରେ ଦେଶପ୍ରେମର ଭାବନା ବଳବତ୍ତର ହେବାକୁ ଲାଗିଥିଲା ।

କାନପୁରରେ ହାଇସ୍କୁଲରେ ପଢ଼ିଲା ବେଳକୁ ସେ ବିପ୍ଳବୀ ନେପାଳେଶ୍ୱର ବାନାର୍ଜୀଙ୍କ ସମ୍ପର୍କରେ ଆସନ୍ତି । ସେତେବେଳେ ନେପାଳବାବୁ କାନପୁରର ଏକ ବଙ୍ଗଳା ସ୍କୁଲରେ ଶିକ୍ଷକତା କରୁଥାନ୍ତି । ସେ ଥିଲେ ମହାନ୍ କ୍ରାନ୍ତିକାରୀ ସଚ୍ଚୀନ୍ଦ୍ରନାଥ ସାନ୍ୟାଲଙ୍କ ମିତ୍ର । ଗାରିବାଲିଡ଼ି ଓ ମାଜିନିଙ୍କ ରାଷ୍ଟ୍ରପ୍ରେମ ସମ୍ବନ୍ଧୀୟ ଅନେକ ବହି ସେ ବଟୁକେଶ୍ୱରଙ୍କୁ ପଢ଼ିବାକୁ ଦିଅନ୍ତି । ସେସବୁର ଗଭୀର ଅଧ୍ୟୟନ ଯୋଗୁଁ ବଟୁକେଶ୍ୱରଙ୍କ ମନରେ ରାଷ୍ଟ୍ରପ୍ରେମ ଜାଗ୍ରତ ହେବାସହ ସେ ମାନବତାର ସେବା କରିବାକୁ ପ୍ରେରଣା ପାଆନ୍ତି । ନେପାଳବାବୁଙ୍କ ସମ୍ପର୍କରେ ଆସିବା ଯୋଗୁଁ ଆସ୍ତେ ଆସ୍ତେ ତାଙ୍କ ପରିଚୟ ସଚ୍ଚୀନ୍ଦ୍ରନାଥ ସାନ୍ୟାଲ, ସୁରେଶ ଭଟ୍ଟାଚାର୍ଯ୍ୟ, ସୁରେନ୍ଦ୍ରନାଥ ପାଣ୍ଡେ ଓ ବିଜୟ କୁମାର ସିହ୍ନା ଇତ୍ୟାଦି କ୍ରାନ୍ତିକାରୀଙ୍କ ସହିତ ହୁଏ । ସେମାନେ ସମସ୍ତେ ମିଶି କାନପୁର ଠାରେ ଏକ ଜିମ୍ନାଷ୍ଟିକ୍ କ୍ଲବ୍ ଗଠନ କରନ୍ତି । ହସ୍ତ ଲିଖିତ ପତ୍ରିକା 'କ୍ରାନ୍ତି' ର ପ୍ରକାଶନ ମଧ୍ୟ ଆରମ୍ଭ ହୁଏ । ସ୍କୁଲରେ ପଢ଼ିବା ବେଳେ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟ ଉପରେ ବିଜୟକୁମାର ସିହ୍ନା ଓ ରାଜକୁମାର ସିହ୍ନାଙ୍କ ସହିତ ତ୍ରିରଙ୍ଗା ଉଡ଼ାଇବାକୁ ଯାଇ ସେ ଖୁବ୍ ଚର୍ଚ୍ଚିତ ହୁଅନ୍ତି ଛାତ୍ରଙ୍କ ଗହଣରେ । ବଟୁକେଶ୍ୱର ୧୯୨୫ ରେ ମ୍ୟାଟ୍ରିକ୍ ତଥା ୧୯୨୭ ରେ ଆଇ. ଏ. ପାଶ କରନ୍ତି । ହେଲେ କ୍ରାନ୍ତିକାରୀ ଆନ୍ଦୋଳନ ସହ ଜଡ଼ିତ ହେବା କାରଣରୁ ଆଉ ବି.ଏ. ପଢ଼ିବା ତାଙ୍କ ଦ୍ୱାରା ସମ୍ଭବ ହୋଇ ପାରେନାହିଁ ।

ଭଗତ୍‌ସିଂହ ସେତେବେଳକୁ ନିଜ ବିବାହ ଏଡ଼ାଇବା ପାଇଁ ଘର ଛାଡ଼ି ଚାଲି ଆସିଥାନ୍ତି କାନପୁର । ଏଠାରେ ମଣିଲାଲ ଅବସ୍ଥିଙ୍କ ଘରେ ରହିବା ସହ ଆପଣା ଗୁଜୁରାଣ ମେଣ୍ଟାଇବା ପାଇଁ ସେ ହକର୍ ସାଜି ଖବର କାଗଜ ବିକୁଥାନ୍ତି । ପରେ ଯୋଗେଶଚନ୍ଦ୍ର ଚାଟାର୍ଜୀ ତାଙ୍କର ରହିବାର ବ୍ୟବସ୍ଥା ସେଠିକାର ବଙ୍ଗଳୀ ମେସ୍‌ରେ କରିଦିଅନ୍ତି । ବଙ୍ଗାଳୀ ମେସ୍‌ରେ ସୁରେଶଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ସହିତ ତାଙ୍କର ଘନିଷ୍ଠତା ବଢ଼େ । ସୁରେଶଙ୍କ ମାଧ୍ୟମରେ ଭଗତ୍‌ସିଂହ ଯାଇ ପହଞ୍ଚନ୍ତି 'ପ୍ରତାପ' ପତ୍ରିକା କାର୍ଯ୍ୟାଳୟରେ । ପତ୍ରିକାର ସମ୍ପାଦକ ଗଣେଶ ଶଙ୍କର ବିଦ୍ୟାର୍ଥୀ ତାଙ୍କୁ ସମ୍ପାଦକୀୟ ବିଭାଗରେ ନିୟମିତ ସ୍ତମ୍ଭ ଲେଖିବାରେ ନିୟୋଜିତ କରନ୍ତି । ବଙ୍ଗାଳୀ ମେସ୍‌ରେ ଜଣେ ଶିଖ୍ ଯୁବକ ରହିବା ସହ 'ପ୍ରତାପ' କାର୍ଯ୍ୟାଳୟକୁ ନିୟମିତ ଯିବା ଆସିବା କରୁଥିବା କଥା ସି.ଆଇ.ଡି.ଙ୍କ ନଜରରେ ପଡ଼ିବାରୁ କୌଣସି କ୍ରାନ୍ତିକାରୀ ଗତିବିଧି କ୍ରମଶଃ ଦାନା ବାନ୍ଧୁଥିବାର ସନ୍ଦେହ କରି ସେମାନେ ତାଙ୍କ ଉପରେ ଦୃଷ୍ଟି ରଖିବା ଆରମ୍ଭ କରନ୍ତି । କିଛି ଗୁପ୍ତଚର ବିଭାଗର ଅଫିସର ମଧ୍ୟ କାନପୁର ଆସନ୍ତି ଘଟଣାର ଅନୁସନ୍ଧାନ କରିବା ଲକ୍ଷ୍ୟରେ । ଭଗତସିଂହଙ୍କ ବଙ୍ଗାଳୀ ମେସ୍‌ରେ ରହିବା ଆଉ ସୁରକ୍ଷିତ ନୁହେଁ ବୋଲି ହୃଦୟଙ୍ଗମ କରି ଗଣେଶ ଶଙ୍କର ବିଦ୍ୟାର୍ଥୀ ନିଜ କାର୍ଯ୍ୟାଳୟର ଏକ କୋଠରୀରେ ତାଙ୍କ ରହିବାର ବ୍ୟବସ୍ଥା କରିଦିଅନ୍ତି । 'ପ୍ରତାପ' କାର୍ଯ୍ୟାଳୟ ସେତେବେଳେ କ୍ରାନ୍ତିକାରୀଙ୍କ ଏକ ସଙ୍ଗମପୀଠ ଥାଏ । ସେଇଠି ଭଗତସିଂହଙ୍କର ପ୍ରଥମ ସାକ୍ଷାତ ହୋଇଥିଲା ମହାନ କ୍ରାନ୍ତିକାରୀ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ସହିତ । ଦିନେ ସୁରେଶଚନ୍ଦ୍ର ଭଗତସିଂହଙ୍କୁ କାନ୍‌ପୁରର ଫୁଲ୍‌ବାଗ୍‌କୁ ନେଇ ସେଠାରେ ବସେଇ ଦେଇ କହନ୍ତି କିଛି କ୍ଷଣ ମଧ୍ୟରେ ସେ ବଟୁକେଶ୍ୱର ଦତ୍ତଙ୍କୁ ତାଙ୍କ ସହିତ ଭେଟାଇବାକୁ ଆଣିବେ ବୋଲି ।




ସୁରେଶଚନ୍ଦ୍ର ଚାଲିଯିବାର କିଛି ସମୟ ପରେ ବଟୁକେଶ୍ୱର ଏକା ଆସନ୍ତି । ସେ ଆପଣା ପରିଚୟ ପ୍ରଥମେ ଦିଅନ୍ତି ନାହିଁ କାଳେ ସମ୍ମୁଖସ୍ଥ ବ୍ୟକ୍ତି ଜଣକ ଭଗତସିଂହ ହୋଇ ଥିବେ କି ନାହିଁ ବୋଲି ସନ୍ଦେହ କରି । ଏଣେ ଭଗତସିଂହ ତାଙ୍କୁ ପୋଲିସ୍‌ର କୌଣସି ଗୁପ୍ତଚର ବୋଲି ସନ୍ଦେହ କରି ଅତର୍କିତ ଆକ୍ରମଣ କରିବାକୁ ପ୍ରସ୍ତୁତ ହୁଅନ୍ତି । ଠିକ୍ ସମୟରେ ସୁରେଶବାବୁ ପହଞ୍ଚି ଉଭୟଙ୍କର ପରିଚୟ କରେଇ ଦିଅନ୍ତି । ଭଗତସିଂହଙ୍କ ପରିଚୟ 'ବଲୱନ୍ତ୍ ସିଂହ' ଭାବେ କରାଯାଇଥିବା ବେଳେ ବଟୁକେଶ୍ୱରଙ୍କ ପରିଚୟ ଥିଲା 'ମୋହନ' ନାଁରେ । ଯା ପରଠାରୁ ଦୁହେଁ ବନିଯାଆନ୍ତି ଅଭିନ୍ନ ମିତ୍ର । ଉଭୟେ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥିବା ବେଳେ ମେଧାବୀ ଓ ଅଧ୍ୟୟନପ୍ରିୟ ମଧ୍ୟ ଥାଆନ୍ତି । ଏକମାତ୍ର ଭିନ୍ନତା ଥିଲା ଏହା ଯେ, ଭଗତସିଂହ ପ୍ରତ୍ୟେକ କ୍ଷେତ୍ରରେ ବୁଦ୍ଧିର ଉପଯୋଗ କଲା ବେଳକୁ ବଟୁକେଶ୍ୱର ଥିଲେ ହୃଦୟଦ୍ୱାରା ପରିଚାଳିତ । ବଟୁକେଶ୍ୱର ବଙ୍ଗଳାର ପ୍ରସିଦ୍ଧ କବି କାଜୀ ନଜରୁଲ୍ ଇସ୍‌ଲାମ୍‌ଙ୍କ ବିଦ୍ରୋହୀ କବିତାଗୁଡ଼ିକ ଆବୃତ୍ତି କରି ଭଗତସିଂହଙ୍କୁ ଶୁଣାଇବା ସହ ତା'ର ଅର୍ଥ ବୁଝାନ୍ତି । ଏଇ କବିତାଗୁଡ଼ିକ ଖୁବ୍ ପ୍ରଭାବିତ କରେ ଭଗତସିଂହଙ୍କୁ । ସେ ବଟୁକେଶ୍ୱରଙ୍କ ପାଖରୁ ବଙ୍ଗଳା ଶିଖିବା ସହ ଓ ତାଙ୍କ ସହାୟତାରେ ପଢ଼ନ୍ତି କାର୍ଲମାର୍କ୍ସଙ୍କ ସମ୍ବନ୍ଧରେ ଲିଖିତ ଅନେକ ବଙ୍ଗଳା ବହି ।

ଭଗତ୍‌ସିଂହ କାନପୁରରେ ପତ୍ରକାରିତା କରୁଥିବା ବେଳେ ୧୯୨୪ ମସିହାରେ ସେଠାରେ ଆସେ ଭୀଷଣ ବନ୍ୟା । ତଳିଅଞ୍ଚଳରେ ଥିବା ଗାଁଗୁଡ଼ିକର ହଜାର ହଜାର ଲୋକ କ୍ଷତିଗ୍ରସ୍ତ ହୁଅନ୍ତି । ଗାଈଗୋରୁ ତଥା ମଣିଷ ଭାସିଯାଆନ୍ତି ବଢ଼ିପାଣିରେ । ବନ୍ୟାପୀଡ଼ିତଙ୍କ ସହାୟତା ପାଇଁ ଭଗତ୍‌ସିଂହ ତଥା ବଟୁକେଶ୍ୱର ନିଜ ସାଥୀମାନଙ୍କୁ ନେଇ ପ୍ରଭାବିତ ଅଞ୍ଚଳକୁ ଯାଆନ୍ତି । ଏଇ ଦୁଇ ବନ୍ଧୁଙ୍କୁ ସେଠାରେ ରାତିସାରା ନଈକୂଳରେ ଲଣ୍ଠନ ଧରି ଠିଆହେବାର କାମ ଦିଆଯାଏ । ଘନ ଅନ୍ଧକାର ଭିତରେ ନଦୀର ସ୍ରୋତରେ ପଡ଼ି କେହି ଲୋକ ବା ପଶୁ ଭାସି ଯାଉଥିବା ବେଳେ ଜଳନ୍ତା ଲଣ୍ଠନ ଆଲୁଅ ଦେଖିଲେ କୂଳ ବାରିପାରି କାଳେ ସେଆଡ଼କୁ ଆସିବାକୁ ପ୍ରୟାସ କରିବ । ସେଇ ଉଦ୍ଦେଶ୍ୟରେ ରାତି ରାତି ଏମାନେ ଦୁଇଜଣ କୂଳରେ ଲଣ୍ଠନ ଧରି ଠିଆ ହୁଅନ୍ତି । ନଈ ପ୍ରବାହରୁ ଅନେକଙ୍କୁ ଉଦ୍ଧାର ମଧ୍ୟ କରନ୍ତି । ଲୋକଙ୍କର ରହିବା ତଥା ଖାଇବା ବ୍ୟବସ୍ଥା ଦଳ ପକ୍ଷରୁ କରାଯାଇଥାଏ । କିଛିଦିନର ଉଦ୍ଧାର କାର୍ଯ୍ୟ ପରେ ଘରକୁ ଫେରନ୍ତି ବଟୁକେଶ୍ୱର । ଘରେ ଅନୁପସ୍ଥିତ ରହୁଥିବା ଦେଖି ତାଙ୍କ ବଡ଼ଭାଇ ଖୁବ୍ ରାଗିକରି ଥାଆନ୍ତି । ଦେଖିଲା ମାତ୍ରେ ଖୁବ୍ ବିରକ୍ତ ହେବାସହ "ଯେଉଁଠି ଥିଲୁ ସେଠିକି ଚାଲିଯା', ତୋର ଘରେ ରହିବାର ଦରକାର ନାହିଁ" ବୋଲି ରୋକ୍‌ଠୋକ୍ ଶୁଣାଇ ଦିଅନ୍ତି । ଏଇ କଥା ପଦକ ବଟୁକେଶ୍ୱରଙ୍କୁ ଖୁବ୍ ବାଧେ । ସେଇଦିନଠାରୁ ସେ ଆଉ ଘରେ ରହନ୍ତି ନାହିଁ । କିଛିଦିନ ପ୍ରତାପ କାର୍ଯ୍ୟାଳୟରେ ରହିବା ପରେ ଭଗତସିଂହ କାନପୁର ଛାଡ଼ି ଫେରିଯାଆନ୍ତି ଲାହୋର । ଅନେକ ଦିନରୁ ବଟୁକେଶ୍ୱରଙ୍କ ବାପାଙ୍କ ଦେହାନ୍ତ ହୋଇ ସାରିଥାଏ । ଏବେ ବଡ଼ଭାଇ ଘରର ସର୍ବେସର୍ବା । ତାଙ୍କ କଥା ଅନୁସାରେ ସବୁକିଛି ଚାଲୁଥାଏ । ତାଙ୍କ ଅନୁପସ୍ଥିତିରେ କେବେ କେମିତି ବଟୁକେଶ୍ୱର ଆସି ମା'ଙ୍କୁ ଦେଖା କରି ଚାଲିଯାଉଥାନ୍ତି । ମା'ବି ସେତେବେଳକୁ ହୋଇ ପଡ଼ିଥାନ୍ତି ଖୁବ୍ ଦୁର୍ବଳ । ମଣିଷ ଜୀବନ ଯେ ଗୋଟିଏ ପାଣି ଫୋଟକା, ଏଇ ଅଛି ଏଇ ନାହିଁ । ନିଜର ଶେଷ ସମୟ କାଶୀ ପ୍ରବାସରେ କଟାଇବାକୁ ମା' ମନ ବଳାନ୍ତି । ବନାରସରେ ରହୁଥାନ୍ତି ତାଙ୍କ ଝିଅ ଜୋଇଁ । ତାଙ୍କ ପାଖରେ ନେଇ ଛାଡ଼ିଦେବା ପାଇଁ ରାଜି ହୁଅନ୍ତି ବଟୁକେଶ୍ୱର ।

ବଟୁକେଶ୍ୱର ବନାରସ ଆସୁଥିବାର ଖବର ପୋଲିସ୍ ପାଖରେ ପହଞ୍ଚିଯିବାରୁ ସେମାନେ ସତର୍କ ହୋଇଯାଆନ୍ତି । ପ୍ରଥମେ ପ୍ରମିଳା ଓ ତାଙ୍କ ସ୍ୱାମୀଙ୍କ ଉପରେ ଚାପ ପକାଯାଏ ସାନଭାଇକୁ ତାଙ୍କ ଘରକୁ ନପୂରେଇବା ପାଇଁ । ପୁଣି ଘର ମାଲିକକୁ ଧମକ୍ ଦିଆଯାଏ । ଶେଷକୁ ଅନନ୍ୟୋପାୟ ହୋଇ ପ୍ରମିଳା ଓ ତାଙ୍କ ସ୍ୱାମୀ ରେଳଷ୍ଟେସନ୍‌କୁ ଯାଇ ସେଠାରେ ମା' ଓ ସାନଭାଇକୁ ଦେଖାକରି ଆପଣା ଅସହାୟତା ଜଣାଇବା ସହ ସେମାନଙ୍କୁ କାନପୁର ଫେରିଯିବା ପାଇଁ ଅନୁରୋଧ କରନ୍ତି । ବଟୁକେଶ୍ୱର ସବୁକଥା ଶୁଣି ମା'ଙ୍କୁ ନେଇ ଏକ ମଠରେ କିଛିଦିନ ରଖନ୍ତି । ସେଇ ମଠରେ ଥିବା ସମୟରେ ମା'ଙ୍କର ସ୍ୱର୍ଗବାସ ହୁଏ । ପୂର୍ବରୁ ବାପା ଯାଇଥିଲେ, ଏବେ ମା' ଚାଲିଗଲେ । ଦୁନିଆଁରେ ନିଜର ବୋଲି ଆଉ କେହି ନାହିଁ ବଟୁକେଶ୍ୱରଙ୍କର । ବଡ଼ଭାଇ ତିରସ୍କାର କରିବାଠୁଁ ସେ ତ ଆଉ ଘରକୁ ବି ଯାଉ ନଥାନ୍ତି । ଚାରିଦଉଡ଼ି କଟିଯିବା ପରେ ଏଥର କ୍ରାନ୍ତିପଥର ଯାତ୍ରୀ ବନିଯାଆନ୍ତି ବଟୁକେଶ୍ୱର । କାନପୁର ନଫେରି ଏଥର ସେ ଚାଲିଯାଆନ୍ତି କଲିକତା । ହାଓଡ଼ା ଠାରେ ଏକ ମେସ୍‌ରେ ରହିବା ସହ ସେ ବଡ଼ାବଜାରରେ ଦରଜୀକାମ ଶିଖିବାକୁ ଲାଗନ୍ତି । ସେଠାରେ କମ୍ୟୁନିଷ୍ଟ ଆନ୍ଦୋଳନର ନେତା ମୁଜାଫର ଅହମଦ୍‌ଙ୍କ ସହିତ ତାଙ୍କର ସାକ୍ଷାତ ହୁଏ । କାନପୁରରେ ଜନ୍ମ ତଥା ଶିକ୍ଷାଗ୍ରହଣ କରିଥିବାରୁ ବଟୁକେଶ୍ୱର ଭଲ ହିନ୍ଦୀ କହିପାରିବା ସହ ଲେଖି ମଧ୍ୟ ପାରୁଥାନ୍ତି । ତାହା ମୁଜାଫର୍‌ଙ୍କୁ ଖୁବ୍ ସାହାଯ୍ୟ କରେ । ସେତେବେଳେ କଲିକତାର ଫ୍ୟାକ୍ଟ୍ରିମାନଙ୍କରେ ଅଧିକାଂଶ ବିହାର ଓ ଉତ୍ତରପ୍ରଦେଶର ଶ୍ରମିକ କାମ କରୁଥାନ୍ତି । ସେମାନଙ୍କ ସହ ଯୋଗାଯୋଗ ରକ୍ଷା କରିବା ତଥା ଭାବର ଆଦାନ ପ୍ରଦାନ ପାଇଁ ଭାଷା ଏକ ବଡ଼ ପ୍ରତିବନ୍ଧକ ସାଜୁଥିବା ବେଳେ ବଟୁକେଶ୍ୱର ସାଜନ୍ତି ଏକ ଉତ୍ତମ ମାଧ୍ୟମ । ହାଓ୍ୱଡ଼ାରେ ହୋଇଥିବା ମେହେନ୍ତରଙ୍କ ହରତାଳରେ ମୁଜାଫର୍‌ଙ୍କ ସହ ବଟୁକେଶ୍ୱର ବି ଭାଷଣ ଦିଅନ୍ତି । ସେ କାଳକ୍ରମେ ବଙ୍ଗାଲ୍ ୱାର୍କ୍ସ ଏଣ୍ଡ ପିଜେଣ୍ଟସ୍ ପାର୍ଟିର ସଦସ୍ୟ ମଧ୍ୟ ବନିଯାଆନ୍ତି ।

ସାଇମନ୍ କମିଶନ୍‌ର ବିରୋଧରେ, ଲାହୋରରେ ରାଲି କରୁଥିବା ବେଳେ ଲାଲା ଲାଜପତ୍ ରାୟଙ୍କ ଉପରେ ପୋଲିସ୍‌ର ଲାଠିମାଡ଼ ଥିଲା ଏକ ଅଭାବନୀୟ ଘଟଣା । ତା'ର ୧୭ ଦିନ ପରେ ଲାଲାଜୀଙ୍କ ଦେହାନ୍ତ ହୁଏ । ଜଣେ ଶୀର୍ଷସ୍ଥାନୀୟ କଂଗ୍ରେସ ନେତାଙ୍କ ଉପରେ ଏଭଳି ଅମାନୁଷିକ ପ୍ରହାରକୁ କ୍ରାନ୍ତିକାରୀମାନେ ରାଷ୍ଟ୍ରୀୟ ଅପମାନ ମନେକରି ପ୍ରତିଶୋଧ ନେବାକୁ ମନସ୍ଥ କରନ୍ତି । ଚନ୍ଦ୍ରଶେଖର ଆଜାଦ୍, ଭଗତ୍‌ସିଂହ, ରାଜଗୁରୁ, ସୁଖ୍‌ଦେବ୍, ଜୟଗୋପାଳ ଇତ୍ୟାଦି ମିଶି ଲାହୋରର ପୋଲିସ୍ ଏସ୍.ପି.ଙ୍କ କାର୍ଯ୍ୟାଳୟ ସାମ୍ନାରେ ସ୍ପଷ୍ଟ ଦିବାଲୋକରେ ଜେ.ପି. ସାଣ୍ଡାର୍ସଙ୍କୁ ଗୁଳିକରି ଫେରାର୍ ହୋଇ ଯାଆନ୍ତି । ଏଇ ଘଟଣା ସାରା ଦେଶରେ ଚହଳ ପକାଇଦିଏ । ବ୍ରିଟିଶ୍ ଅଧିକାରୀମାନେ ରକ୍ତଚାଉଳ ଚୋବାଇଲା ବେଳେ ସାଧାରଣ ଜନତା ଖୁବ୍ ଉଲ୍ଲସିତ ଥାଆନ୍ତି ତାଙ୍କ ପ୍ରିୟ ଲାଲାଜୀଙ୍କ ହତ୍ୟାର ପ୍ରତିଶୋଧ ନିଆହୋଇଛି ବୋଲି । ପଞ୍ଜାବ ପ୍ରାନ୍ତର ପୋଲିସ୍ ସକ୍ରିୟ ହୋଇଉଠେ ହତ୍ୟାକାରୀଙ୍କୁ ଧରିବା ପାଇଁ । ଲାହୋରରୁ ବାହାରକୁ ଯାଉଥିବା ସବୁ ରାସ୍ତା ସିଲ୍ କରିଦିଆଯାଏ । ବସ୍‌ଷ୍ଟାଣ୍ଡ ଓ ରେଳଷ୍ଟେସନ୍‌ରେ ଛାଇଁ ଯାଆନ୍ତି ପୋଲିସ୍ ବାହିନୀ । କିନ୍ତୁ କୌଣସି କ୍ରାନ୍ତିକାରୀଙ୍କୁ ଗିରଫ୍ କରିବା ସମ୍ଭବ ହୋଇ ପାରେନି । ଏଇ ଘଟଣାର ତିନି ଚାରିଦିନ ପୂର୍ବରୁ ଭଗତ୍‌ସିଂହ ତାଙ୍କ ଲମ୍ବା ବାଳ ଓ ଦାଢ଼ି କାଟି ଦେଇଥିବାରୁ କେହି ଦେଖିଲେ ସୁଦ୍ଧା ଚିହ୍ନି ପାରୁ ନଥାନ୍ତି । ସେ ସାହେବୀ କାଇଦାରେ ଲମ୍ବା କୋଟ୍ ଫେଣ୍ଟ ପିନ୍ଧି ଫ୍ଲାଟ୍ ହେଟ୍‌ରେ ଅଧା ମୁହଁ ଢାଙ୍କି, ଦୁର୍ଗାଭାବୀ ଓ ତାଙ୍କ ଶିଶୁପୁତ୍ର 'ଶଚୀନ୍'ଙ୍କ ସହିତ ପ୍ରଥମଶ୍ରେଣୀର ଡବାରେ ବସି ଲାହୋରରୁ କଲିକତା ଚାଲିଯାଆନ୍ତି । ଏଇ ସାହେବ୍ ଦମ୍ପତ୍ତିଙ୍କ ଚାକର ସାଜି ଜିନିଷପତ୍ର ମୁଣ୍ଡେଇ ସେଇ ଟ୍ରେନ୍‌ରେ ମଥୁରା ପର୍ଯ୍ୟନ୍ତ ଚାଲିଆସନ୍ତି ରାଜଗୁରୁ । ଆଉ ଆଜାଦ୍ ତ ନିଜେ ଥିଲେ ଜଣେ ବହୁରୂପୀ । ତିଳକ ଚନ୍ଦନ ତଥା ତୁଳସୀମାଳୀ ଧାରଣ କରି ସାଧୁ ସନ୍ନ୍ୟାସୀ ବେଶରେ କୀର୍ତ୍ତନ କରି କରି ସେ ଲାହୋରରୁ ଖସିଆସନ୍ତି ପୋଲିସ୍ ଆଖିରେ ଧୂଳି ଦେଇ । ଭଗତ୍‌ସିଂହ କଲିକତା ଆସି ସେଠାରେ ଗୃହଶିକ୍ଷିକା ଭାବେ କାର୍ଯ୍ୟ କରୁଥିବା ସୁଶୀଳା ଦିଦିଙ୍କ ବସାରେ ଆତ୍ମଗୋପନ କରି ରହନ୍ତି କିଛିଦିନ । ପୋଲିସ୍ ଆଖିରେ କାଳେ ଚିହ୍ନା ପଡ଼ିଯିବେ ବୋଲି ଦିନସାରା ଘର ଭିତରେ ଅସୁସ୍ଥ ଥିବାର ବାହାନା କରି ଶୋଇ ରହି ରାତିରେ ସେ ବାହାରକୁ ବୁଲି ବାହାରନ୍ତି । କଲିକତାରେ ଥିବା କ୍ରାନ୍ତିକାରୀଙ୍କୁ ଏକ୍‌ଜୁଟ୍ କରି ପୁଣି କିଛି ନୂଆ 'ଏକ୍ସନ୍' କରିବା ଥାଏ ତାଙ୍କ ଲକ୍ଷ୍ୟ । ସେଇଠି ଅଚାନକ୍ ବଟୁକେଶ୍ୱରଙ୍କ ସହିତ ତାଙ୍କର ଦେଖା ହୋଇଯାଏ । ଦୁଇବନ୍ଧୁ ଅନେକ ଦିନ ପରେ ପରସ୍ପରକୁ ଭେଟି ଖୁବ୍ ଖୁସିରେ କୁଣ୍ଢାକୁଣ୍ଢି ହୁଅନ୍ତି । ସାରା ଦେଶରେ ସାଣ୍ଡାର୍ସଙ୍କ ହତ୍ୟାକାରୀଙ୍କୁ ଗିରଫ୍ କରିବା ଲକ୍ଷ୍ୟରେ ପୋଲିସ୍ ତନାଘନା ଅଭିଯାନ ଚଳାଇଥିବାରୁ କଲିକତା ବି ଆଉ ଭଗତ୍‌ସିଂହଙ୍କୁ ସୁରକ୍ଷିତ ମନେ ହୁଏନି । ଦୁଇବନ୍ଧୁ କଥାବାର୍ତ୍ତା ହୋଇ ଚାଲିଆସନ୍ତି ବଟୁକେଶ୍ୱରଙ୍କ ପୈତୃକ ଗାଁ 'ଓଆଡ଼ି' କୁ । ସେତେବେଳକୁ ବଟୁକେଶ୍ୱର ଜଣେ ଜଣାଶୁଣା କ୍ରାନ୍ତିକାରୀ ହୋଇ ସାରିଥିବାରୁ କାଳେ ଘରେ ରହିଲେ ତାହା ପୋଲିସ୍‌ର ଦୃଷ୍ଟି ଆକର୍ଷଣ କରିବ ବୋଲି ଭାବି ଦୁହେଁ ତାଙ୍କ ପଡ଼ୋଶୀ ଘୋଷବାଡ଼ିରେ ଥିବା ଗୋଟିଏ ରୁଦ୍ଧ କୋଠରୀରେ ତିନିଦିନ ଆତ୍ମଗୋପନ କରି ରହନ୍ତି । ତା'ଭିତରେ ପୋଲିସ୍ ଆସି ଓଆଡ଼ି ଗାଁର ପ୍ରତ୍ୟେକ ଘର ତନାଘନା କରି ଖୋଜି କିଛି ବି ସୂଚନା ନପାଇ ଫେରିଯାଏ । ଏମାନେ ରହୁଥିବା କୋଠରୀ ଭିତରକୁ ଯିବାକୁ ଘୋଷ୍‌ବାବୁଙ୍କ ଘର ଭିତରୁ ଗୋଟେ ଚୋରା ବାଟ ଥାଏ । ତହିଁରେ କବାଟ ଜାଗାରେ ଥାଏ ଗୋଟେ ଆଲମାରି । ତେଣୁ ଏମାନେ ଦୁହେଁ ଭିତରେ ଥିଲେ ବି କେହି କିଛି ଜାଣି ପାରନ୍ତିନି । ପୋଲିସ୍ ଫେରିଯିବା ପରେ ଦୁହେଁ ରାତ୍ରିର ଘନ ଅନ୍ଧକାରର ସୁଯୋଗ ନେଇ ଗୁପ୍ତସ୍ଥାନରୁ ବାହାରି ଫେରାର୍ ହୋଇଯାଆନ୍ତି । ଭଗତ୍‌ସିଂହଙ୍କ ଲମ୍ବା କୋଟ୍ ଓ ଫ୍ଲାଟ୍ ହେଟ୍ ବଟୁକେଶ୍ୱରଙ୍କ ପୈତୃକ ବାସଭବନରେ ରହିଯାଏ । ସେଇ ଅମୂଲ୍ୟ ସ୍ମୃତିଚିହ୍ନକୁ ଆଜିଯାଏ ଅତିଯତ୍ନରେ ସାଇତି ରଖିଛନ୍ତି ବଟୁକେଶ୍ୱରଙ୍କ ଝିଅ ଡ. ଭାରତୀ ବାଗ୍‌ଚୀ ।

କଲିକତା ରହଣୀ ବେଳେ ଭଗତ୍‌ସିଂହ, ଜତୀନ୍‌ଦାସଙ୍କ ସହ ଯୋଗାଯୋଗ କରି ତାଙ୍କୁ ଅନୁରୋଧ କରନ୍ତି ଉତ୍ତରଭାରତର କ୍ରାନ୍ତିକାରୀଙ୍କୁ ବୋମା ନିର୍ମାଣ କୌଶଳ ଶିଖାଇବା ପାଇଁ । ଜତୀନ୍ ରାଜି ହୋଇଯାଆନ୍ତି ତାଙ୍କ ପ୍ରସ୍ତାବରେ । ଭଗତ୍ ଓ ବଟୁକେଶ୍ୱର କଲିକତାରୁ ଲୁଚି ପଳାଇବା ପରେ ଆଗ୍ରାଠାରେ ଏକ ଭଡ଼ାଘର ନେଇ ଜତୀନ୍‌ଙ୍କ ସହାୟତାରେ ସାଥୀଙ୍କୁ ବୋମା ନିର୍ମାଣ କୌଶଳ ଶିକ୍ଷା ଦିଅନ୍ତି । ସେଠାରେ ପ୍ରଶିକ୍ଷଣ ପାଇବା ପରେ ସାଥୀ କ୍ରାନ୍ତିକାରୀମାନେ ଲାହୋର ତଥା ସାହରନପୁର ଠାରେ ମଧ୍ୟ ବୋମା ତିଆରି କରିବା ଆରମ୍ଭ କରିଦିଅନ୍ତି ......
(ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

## ବିଶେଷ କଥନ

# ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ଆମେ

■ ଡକ୍ଟର ଲକ୍ଷ୍ମଣ ସାହୁ



ଗାନ୍ଧିଜୀ ତାଙ୍କ ଜୀବନରେ ଏଭଳି କିଛି କାର୍ଯ୍ୟ କରିଥିଲେ ଯାହା ସମଗ୍ର ବିଶ୍ୱ ମାନବିକତା ଉପରେ ପ୍ରଭାବ ପକାଇଥିଲା । ତାଙ୍କର ବ୍ୟକ୍ତିଗତ ଜୀବନ ଅତ୍ୟନ୍ତ ସାଧାରଣ ଓ ସରଳ ଥିଲା । ଗାନ୍ଧୀଜୀ ଗୀତା ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ସେଥିପାଇଁ ମହାଭାରତକୁ କ୍ରୁସେଡ୍ କୁହାଯାଏ । ମହାଭାରତ ଯୁଦ୍ଧରେ ଅର୍ଜୁନ ନିଜର ରକ୍ତ ସଂପର୍କୀୟ ଆତ୍ମିକ ଭ୍ରାତା, ପିତାମହ, ଗୁରୁଙ୍କୁ ସମ୍ମୁଖରେ ଦେଖି ବିଚଳିତ ହୋଇପଡ଼ିଥିଲେ । ତାଙ୍କ ମନଭିତରେ ଅନେକ ପ୍ରଶ୍ନବାଚୀ ଉଙ୍କି ଆସିଥିଲା । ଉପାୟ ନପାଇ ଶେଷରେ ଅର୍ଜୁନ ସଖା କୃଷ୍ଣଙ୍କୁ ପ୍ରଶ୍ନ ଉଠାଇଛନ୍ତି 'ମୁଁ କିପରି ମୋର ନିଜ ପୂର୍ବଜଙ୍କ ଉପରେ ଅସ୍ତ୍ର ଧାରଣ କରିବି ।' ସ୍ମିତ ହାସ୍ୟରେ କୃଷ୍ଣ ତାଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି- ' ଧର୍ମ ପାଇଁ ଯଦି ତୁମର ଭାଇମାନଙ୍କ ସହିତ ଯୁଦ୍ଧ କରିବାକୁ ପଡିବ, ତେବେ ଏହା ଅନୈତିକ ନୁହେଁ । ତାହାହିଁ ହେଉଛି ଯୁଗ ଧର୍ମ ।' ଗାନ୍ଧୀ ଦର୍ଶନକୁ ଅନୁଶୀଳନ କଲେ ବେଦ, ପୁରାଣ ବର୍ଣ୍ଣିତ ଚିନ୍ତାଧାରା ତାଙ୍କ ଠାରେ ଅଛି । ଏତଦବ୍ୟତୀତ ବୁଦ୍ଧ ଓ ମହାବୀରଙ୍କ ଜୀବେ ଦୟା, କ୍ଷମା ଓ ଅହିଂସା ଗାନ୍ଧୀଙ୍କ ଚିନ୍ତାଧାରାର ମୂଳ ବିନ୍ଦୁ ଅଟେ ।

ଗତପୁରା ଶତାବ୍ଦୀ ଧରି ଆଜି ପର୍ଯ୍ୟନ୍ତ, ଜଣେ ବ୍ୟକ୍ତିଙ୍କୁ ନେଇ କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱ ଦରବାରରେ ବାରମ୍ବାର ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ କଥା ହେଉଛନ୍ତି । ଜଣେ ସରଳ ମଣିଷ କିପରି ଭାରତର ସ୍ୱାଧୀନତାର ହିରୋ ହେଲେ, କିପରି ଜାତିର ପିତା ହେଲେ, ଏଭଳି ଅନେକ ରହସ୍ୟଜନକ ପ୍ରଶ୍ନବାଚୀ ଉଙ୍କି ଆସେ । ତାଙ୍କ ଜୀବନ ମୂଲ୍ୟ ସାଧାରଣ ଭାରତୀୟଙ୍କ ଜୀବନ ମୂଲ୍ୟରେ ପରିଣତ ହେଲା, ଏସବୁ ସାଧାରଣ କଥା ନୁହେଁ । ସତରେ ତାଙ୍କ ଜୀବନ ବିବିଧତାର ଏକ ଉଦାହରଣ । ତତ୍ ମଧ୍ୟରୁ ଭାରତ ସ୍ୱାଧିନତା ସଂଗ୍ରାମ ଏକ ଜ୍ୱଳନ୍ତ ଉଦାହରଣ । ସେ ସତ୍ୟ, ଶାନ୍ତି ଓ ଅହିଂସାର ଏକ ପ୍ରତୀକାତ୍ମକ ଉଦାହରଣ । ++

ଗାନ୍ଧିଜୀ ପୋରବନ୍ଦରରେ ୨ ଅକ୍ଟୋବର ୧୮୬୯ ଜନ୍ମଗ୍ରହଣ କରିଥିଲେ । ୧୩ ବର୍ଷ ବୟସରେ କସ୍ତୁରବାଙ୍କୁ ବିବାହ କରିଥିଲେ । ମୌଳିକ ତାଲିମ ପରେ, ସେ ୧୮୮୮ ପରେ ଲଣ୍ଡନ ଯାଇ ଓକିଲାତି ପଢ଼ି ବାରିଷ୍ଟର ହୋଇ ଫେରିଥିଲେ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଜଣେ ନେତା । ଅହିଂସା ଓ ସତ୍ୟାଗ୍ରହ ଆନ୍ଦୋଳନ ଦେଇ ପରାଧୀନ ଭାରତର ଆନ୍ଦୋଳନରେ ମୁଖ୍ୟ ପୁରୋଧାର କାମ ନିଭାଇଥିଲେ ।

ସେହି ସ୍ୱାଧୀନତା ସଂଗ୍ରାମର ଆଦ୍ୟ କର୍ଣ୍ଣଧାର ଗାନ୍ଧୀଜୀ ୧୯୨୧ରୁ ୧୯୪୬ ମଧ୍ୟରେ ମୋଟ ୮ଥର ଓଡ଼ିଶା ଆସିଥିଲେ । ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ଓଡ଼ିଶା ଆଗମନ କରିବା ଅବସରରେ କଟକ କାଠଯୋଡି ନଦୀ ପଠାରେ ଅନୁଷ୍ଠିତ ସାଧାରଣ ସଭାରେ ମହାତ୍ମା ଗାନ୍ଧୀଙ୍କ ଉଦବୋଧନ । ଉତ୍କଳମଣି ଗୋପବନ୍ଧୁଙ୍କ ନିମନ୍ତ୍ରଣକୁ ସାଦରେ ଗ୍ରହଣ କରି ଗାନ୍ଧୀଜୀ ୨୩ ମାର୍ଚ୍ଚ ୧୯୨୩ ପ୍ରତ୍ୟୁଷରୁ ପତ୍ନୀ କସ୍ତୁରବା, କନିଷ୍ଠପୁତ୍ର ଦେବଦାସ ଓ ଅନ୍ୟ କେତେଜଣ ଅନୁଚରଙ୍କ ସହ କଟକ ରେଳ ଷ୍ଟେସନରେ ପହଞ୍ଚିଥିଲେ । ଗୋପବନ୍ଧୁଙ୍କ ସମେତ କଟକର ବହୁ ବିଶିଷ୍ଟ ବ୍ୟକ୍ତି ଓ କର୍ମୀମାନେ ଗାନ୍ଧିଜୀଙ୍କୁ ଏକ ପୁରୁଣା ଫୋର୍ଡ଼ ମୋଟର କାରରେ କଟକର ସ୍ୱରାଜ ଆଶ୍ରମକୁ ଘେନି ଯାଇଥିଲେ । ସେହିଦିନ ସନ୍ଧ୍ୟାରେ କଟକ କାଠଯୋଡ଼ି ନଦୀର ଗଣେଶଘାଟ ନିକଟସ୍ଥ ବାଲିଶଯ୍ୟା ଉପରେ ଗୋପବନ୍ଧୁଙ୍କ ଉଦ୍ୟମରେ କଟକବାସୀଙ୍କ ତରଫରୁ ଗାନ୍ଧିଜୀଙ୍କ ଅଭ୍ୟର୍ଥନା ଉଦ୍ଦେଶ୍ୟରେ ଏକ ବିରାଟ ସାଧାରଣ ସଭା ଆୟୋଜିତ ହୋଇଥିଲା । ସେହି ସାଧାରଣ ସଭାରେ ଗାନ୍ଧୀଜୀଙ୍କ ବାଣୀକୁ ଗ୍ରହଣ କରି ବହୁଛାତ୍ର ଅସହଯୋଗ ଆନ୍ଦୋଳନରେ ସହଯୋଗ ଦେଇଥିଲେ । ଏହି କ୍ରମରେ ଗାନ୍ଧୀଜୀ ମାର୍ଚ୍ଚ ୨୬ତାରିଖରେ ପୁରୀରେ ପହଂଚି, ସମୁଦ୍ର ବାଲିରେ ଏକ ବିରାଟ ସାଧାରଣ ସଭାରେ ଉଦ୍‌ବୋଧନ ଦେବାପରେ, ୨୭ ତାରିଖ ଦିନ ଗୋପବନ୍ଧୁଙ୍କ ଗହଣରେ ପୁରୀ ଜିଲ୍ଲାର କେତେକ ଦୁର୍ଭିକ୍ଷ ପ୍ରପୀଡ଼ିତ ଅଂଚଳ ଗସ୍ତ କରିଥିଲେ ।

ଦ୍ୱିତୀୟତଃ ଗସ୍ତ ମଧୁସୂଦନ ଦାସଙ୍କ ନିମନ୍ତ୍ରଣ କ୍ରମେ ୧୯୨୫ ଅଗଷ୍ଟ ୧୯ତାରିଖରେ ଗାନ୍ଧୀଜୀ ପୁନର୍ବାର କଟକରେ ପଦାର୍ପଣ କରିଥିଲେ । ଏହି ଅବସରରେ ମଧୁବାବୁଙ୍କ ପ୍ରତିଷ୍ଠିତ ଉତ୍କଳ ଟାନେରୀ ନାମକ ଜୋତା କାରଖାନାଟି ପରିଦର୍ଶନ କରି ମୁଗ୍ଧ ହୋଇଥିଲେ ଓ ଅହମଦାବାଦସ୍ଥିତ ସାବରମତୀ ଆଶ୍ରମରେ ଏଭଳି ଏକ କାରଖାନା ପ୍ରତିଷ୍ଠା ପାଇଁ ମନସ୍ଥ କରିଥିଲେ । ୧୯୨୭ରେ ତୃତୀୟ ଥର ନିମନ୍ତେ ଓଡ଼ିଶା ପରିଦର୍ଶନରେ ଆସି କଟକଠାରେ ଭାଷାକୋଶବିତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଆମନ୍ତ୍ରଣ କ୍ରମେ ତାଙ୍କ ଘରେ କିଛି ସମୟ କଟାଇଥିଲେ । ପ୍ରହରାଜ ମହୋଦୟଙ୍କ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ଏକ ବିରାଟ ଗ୍ରନ୍ଥ-ପ୍ରକଳ୍ପ ' ସଂକଳନକୁ ଗାନ୍ଧୀଜୀ ଭୂୟସୀ ପ୍ରଶଂସା କରିଥିଲେ ।

୧୯୨୮ର ଦାରୁଣ ବନ୍ୟା ସମୟରେ ଗାନ୍ଧୀଜୀ ଚତୁର୍ଥ ଥର ନିମନ୍ତେ ଓଡ଼ିଶା ଆସିବା ବେଳକୁ ତାଙ୍କର ସହକର୍ମୀ ଗୋପବନ୍ଧୁଙ୍କର ଦେହାନ୍ତ ହୋଇସାରିଥିଲା । ଗୋପବନ୍ଧୁଙ୍କର ନିଃସ୍ୱାର୍ଥ ଜନସେବା, ଦରିଦ୍ର-ନାରାୟଣଙ୍କ ପ୍ରତି ଗଭୀର ସମବେଦନାକୁ ସ୍ମରଣ କରି ସେହି ମହାନ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଗାନ୍ଧୀଜୀ ତାଙ୍କର 'ୟଙ୍ଗ ଇଣ୍ଡିଆ' ପତ୍ରିକାରେ ବର୍ଣ୍ଣନା କରିଥିଲେ । ବାଲେଶ୍ୱର ଗସ୍ତକାଳରେ ଗାନ୍ଧୀଜୀ ବହୁ ବନ୍ୟାଂଚଳ ଗସ୍ତ କରିଥିଲେ । ଏହି ଗସ୍ତକାଳରେ ଗାନ୍ଧୀଜୀଙ୍କ ଇଂରେଜ ବନ୍ଧୁ ଏସ. ଏଫ. ଆଣ୍ଡ୍ରୁଜ ତାଙ୍କ ଅନୁରୋଧ କ୍ରମେ ଓଡ଼ିଶାର ବିସ୍ତୀର୍ଣ୍ଣ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ପରିଦର୍ଶନ କରି ତାଙ୍କ ଲିଖିତ 'ଇଣ୍ଡିଆ ଆଣ୍ଡ ସାଇମନ କମିଶନ ରିପୋର୍ଟ'ରେ ଏହି ବନ୍ୟାର କରୁଣ ଚିତ୍ର ମର୍ମସ୍ପର୍ଶୀ ଭାଷାରେ ବର୍ଣ୍ଣନା କରିଥିଲେ, ଯାହା ଫଳରେ ସେ କାଳର ବିହାର-ଓଡ଼ିଶା ସରକାର ବାଧ ହୋଇ ଓଡ଼ିଶାକୁ ତୁରନ୍ତ ରିଲିଫ ସାମଗ୍ରୀ ପଠାଇଥିଲେ ।

ପଂଚମ ଗସ୍ତ ୧୯୩୪ ମସିହା ମଇ ମାସ ୫ ତାରିଖରେ ସେ ଝାରସୁଗୁଡାରେ ପହଂଚିବା ପରେ ଅନୁଗୋଳ ଦେଇ ପୁରୀରେ ପହଂଚିଥିଲେ । ୮ ତାରିଖରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ୯ ତାରିଖରେ ହରିଜନ ପଦଯାତ୍ରା ଆରମ୍ଭ କରିଥିଲେ ।

ସତରେ ଗାନ୍ଧିଜୀଙ୍କ ଏସବୁ କାର୍ଯ୍ୟ ସମଗ୍ର ବିଶ୍ୱ ମାନବିକତା ଉପରେ ପ୍ରଭାବ ପକାଇଥିଲା । ତାଙ୍କର ବ୍ୟକ୍ତିଗତ ଜୀବନ ଅତ୍ୟନ୍ତ ସାମାଜିକ ଥିଲା । ସେ ସରଳ ଜୀବନ ଓ ଉଚ୍ଚ ଚିନ୍ତାଧାରାରେ ବିଶ୍ୱାସ କରୁଥିଲେ । ଏହି ପ୍ରକୃତି ହେତୁ ତାଙ୍କୁ ମହାତ୍ମା କୁହାଯାଉଥିଲା । କହିବାକୁ ଗଲେ ସତ୍ୟ ଓ ଅହିଂସା ଓ ସମୟାନୁବର୍ତ୍ତିତା ତାଙ୍କ ସହିତ ଦୁଇଟି ମହାନ ଅସ୍ତ୍ର ଥିଲା । ତାଙ୍କ ଜୀବନରେ ଅସ୍ପୃଶ୍ୟତାକୁ ହଟାଇବାକୁ ସେ ଲକ୍ଷ୍ୟ ରଖିଥିଲେ । ସ୍ୱଦେଶୀ ଆନ୍ଦୋଳନ ହେଉଛି ଗାନ୍ଧୀଙ୍କ ଉପହାର । ସେ ଆଧ୍ୟାତ୍ମିକ ଶୁଦ୍ଧତା ପାଇଁ ଉପବାସକୁ ଗୁରୁତ୍ୱ ଦେଇଥିଲେ । ସେ ଜୀବନସାରା ହିନ୍ଦୁ-ମୁସଲମାନ ଏକତା ପାଇଁ ସଂଘର୍ଷ କରିଥିଲେ । ପ୍ରଥମ ଥର ପାଇଁ ସୁଭାଷ ଚନ୍ଦ୍ର ବୋଷ ତାଙ୍କୁ ଜାତିର ପିତା ବୋଲି କହିଥିଲେ । ସେବେଠାରୁ ସମଗ୍ର ଦେଶ ତାଙ୍କୁ ଜାତିର ପିତା ବୋଲି କହିବା ଆରମ୍ଭ କଲେ ।

ତାଙ୍କର ଚିନ୍ତାଧାରା ଶୁଦ୍ଧ ଓ ପବିତ୍ର ଥିବାରୁ ସବୁ କାର୍ଯ୍ୟରେ ସଫଳ ଥିଲେ । ସତ୍ୟ ହିଁ ଭଗବାନ । ସମୟାନୁବର୍ତ୍ତିତା , ସତ୍ୟ ଓ ଅହିଂସା ତାଙ୍କ ଜୀବନର ମହା ମନ୍ତ୍ର ଥିଲା । ଅହିଂସା ମାଧ୍ୟମରେ ସେ ଭଗବାନଙ୍କ ଦର୍ଶନ ପାଇଥିଲେ । ଯୀଶୁଙ୍କ ଭଳି ସେ କହୁଥିଲେ ପାପକୁ ଘୃଣା କର, ପାପୀକୁ ଭଲ ପାଅ । ନିଜ ଶରୀରକୁ ଶୃଙ୍ଖଳିତ କଲେ, କୌଣସି ଚିନ୍ତାଧାରା ବନ୍ଦୀ କରି ପାରିବ ନାହିଁ । ଜଣେ ଜ୍ଞାନୀ ବ୍ୟକ୍ତି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଚିନ୍ତା କରି କରିବା ଉଚିତ୍ ବୋଲି କହିଛନ୍ତି । ତା'ଙ୍କ ମତରେ ପ୍ରତ୍ୟେକ ଲୋକ କେବଳ ସଫଳତାର ସ୍ୱପ୍ନ ଦେଖନ୍ତି, କିନ୍ତୁ କିଛି ଲୋକ କଠିନ ପରିଶ୍ରମ କରନ୍ତି ଓ ସେହି ମାନେ ହିଁ ସଫଳତା ହାସଲ କରନ୍ତି । ମହାତ୍ମା ଗାନ୍ଧୀଙ୍କୁ ପାଞ୍ଚଥର ନୋବେଲ ଶାନ୍ତି ପୁରସ୍କାର ଚୟନ କରାଯାଇଥିଲା । ସବୁଠାରୁ ଭାରତ ପାଇଁ ଦୁର୍ଭାଗ୍ୟ ଯେ କୌଣସି ରାଜନୈତିକ ଚାପରେ ହେଉ ତାଙ୍କୁ ଏହି ପୁରସ୍କାରରୁ ବଞ୍ଚିତ କରାଯାଇଥିଲା । ହେଲେ ଗାନ୍ଧୀଙ୍କ ନାମରେ ଭାରତରେ ୫୩ଟି ଓ ବିଦେଶରେ ୪୮ଟି ମୁଖ୍ୟ ରାସ୍ତା ଲୋକାର୍ପିତ । ଏପରିକି ସହିଦ ହେବାର ୨୧ ବର୍ଷ ପରେ ଗାନ୍ଧୀଙ୍କ ସମ୍ମାନାର୍ଥେ ଗ୍ରେଟ ବ୍ରିଟେନ ପକ୍ଷରୁ ଡାକ ଟିକେଟ ପ୍ରଚଳନ ଆରମ୍ଭ ହୋଇଥିଲା । ଗାନ୍ଧୀଙ୍କ ଅସଂଖ୍ୟ ପତ୍ରବନ୍ଧୁଙ୍କ ମଧ୍ୟରେ ଥିଲେ ଟଲଷ୍ଟୟ, ଆଇନଷ୍ଟାଇନ , ଡର୍ବାନ, ପ୍ରିଟୋରିଆ ଓ ଜୋହାନ୍ସବର୍ଗରେ ତିନୋଟି ଫୁଟ୍‌ବଲ୍ କ୍ଲବ ଗଠନରେ ଗାନ୍ଧୀ ଥିଲେ ମୁଖ୍ୟ ପୁରୋଧା ।

ବାସ୍ତବରେ ମହାତ୍ମା ଗାନ୍ଧୀଙ୍କ ମୂଲ୍ୟବାନ ଚିନ୍ତାଧାରା ଉପରେ ଆଜିର ଯୁବଗୋଷ୍ଠୀ ଅନୁଗାମୀ ହେବା ଆବଶ୍ୟକ । ହେଲେ ରାଜନୀତିର ପଶାପାଲିରେ ଅନେକ ଖେଳାଳି ଗୋଟି ଚାଳନା କରି ତାଙ୍କ ନାମରେ ନିଜକୁ ବିଜ୍ଞାପିତ କରିବାରେ ଲାଗିଛନ୍ତି । କିନ୍ତୁ ଗାନ୍ଧୀଙ୍କ ଆଦର୍ଶରେ ନିଜକୁ ଅନୁପ୍ରାଣିତ କରିପାରି ନାହାନ୍ତି...!!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
(ମୋ) : ୯୦୪୦ ୧୫୧୪ ୭୫

## ସ୍ମୃତି ଶତଦଳ ୨୭୪



### ଶବ୍ଦର ସାମର୍ଥ୍ୟ

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

**ସତରେ ଆଜିକାଲି ବାସ୍ତବ ଦୁନିଆଁର ଚିତ୍ର କି କଦାକାର । ସବୁଠି ସଂଘର୍ଷ ଓ ସଂଗ୍ରାମର କରୁଣ ଚିତ୍ର । ଏଇ ସଂଗ୍ରାମ ପାଇଁ ତ ଡାକ୍ତରଟିଏ ଗଙ୍ଗାନଦୀ ନୁହେଁ ସମୁଦ୍ରରେ ଝାସ ଦେଇଥାଏ । ସେଥିରେ କେତେବେଳେ ମୃତ୍ୟୁ ଜୟଲାଭ କରେ ତ' କେତେବେଳେ ଜୀବନ, ରୋଗ ଓ ରୋଗୀ ବିଜୟ ଲାଭ କରିଥାଏ ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପୃଥିବୀର ପରିଧି ଖୁବ୍ ବ୍ୟାପକ, ଖୁବ୍ ବିଶାଳ ଏହାର ପରିସୀମା । ଚାରିଆଡେ ଶସ୍ୟ ଶ୍ୟାମଳ ପରିବେଶ ! ବିଚିତ୍ରବର୍ଣ୍ଣା ଏ ଧରିତ୍ରୀର ଅଙ୍ଗେ ଅଙ୍ଗେ ରୂପ, ରସ, ରଙ୍ଗର ବିଚିତ୍ର ଆଭା, ବର୍ଣ୍ଣର ଅପୂର୍ବ ପରିପ୍ରକାଶ । ଠିକ୍ ସେହିଭଳି କବି ବା' ଲେଖକମାନଙ୍କର ରଚନାର ପରିପ୍ରକାଶ ମଧ୍ୟ ଖୁବ୍ ସୁଦୂର ପ୍ରସାରୀ, ଖୁବ୍ ଉଜ୍ୱଳ, ଖୁବ୍ ଦୀପ୍ତିମାନ । ଏଠି ଗିରି ବନ, ବୃକ୍ଷ ଲତା, ଝରଣା ଓ ନଦୀର ପ୍ରତିଟି ଜଳକଣାରୁ ଝରିଯାଏ ମନ୍ଦ୍ର ମଧୁର ସ୍ୱନ, ସେଥିରୁ ନିଃସୃତ ହୁଏ ଏକ ଗୁରୁ ଗମ୍ଭୀର ମନଜିଣା ସ୍ୱର । କିନ୍ତୁ ଏ ସବୁର ଉର୍ଦ୍ଧ୍ୱରେ ଶବ୍ଦର ଶକ୍ତି ଅପରୂପ ଯାହା କବି, ଲେଖକ ଓ ପାଠକ ଏ ସମସ୍ତଙ୍କର ଗଭୀରତମ ଅନ୍ତସତ୍ତାକୁ ଛୁଇଁ ଛୁଇଁ ଯାଏ । ସ୍ୱର୍ଣ୍ଣକାତର ମଣିଷଟିର ସମଗ୍ର ସତ୍ତାରେ ଉଚ୍ଚାରିତ ହୁଏ ଶବ୍ଦର ସ୍ୱର ଯେପରି ସମଗ୍ର ପ୍ରକୃତି ଯଥା ଜଳ, ସ୍ଥଳ ଓ ଆକାଶରୁ ଉଠେ ସେଇ ଗୋଟିଏ ଗୁଂଜରଣ । ପୃଥିବୀ, ଆକାଶ ଓ ପାତାଳ ଏମିତି କି ସମଗ୍ର ବ୍ରହ୍ମାଣ୍ଡକୁ ସଂଚରି ଯାଏ ଶବ୍ଦର ଏହି ଅନନ୍ୟ ସଂଚରଣ । ପୃଥିବୀରେ ହୁଏ ପ୍ରକଂପନ, ଭୂକଂପନ ଓ ଭୂସ୍ଖଳନ ଏବଂ ତା'ଭିତରୁ ପ୍ରଳୟ ବେଗରେ ସ୍ଫୁରିତ ହୁଏ ଉତ୍ତପ୍ତ ଲାଭା । ସେ ସାହିତ୍ୟର ଲାଭା ଚାରିଆଡକୁ ବହିଯାଏ, ବହିଯାଏ ଐଶରୀୟ ସତ୍ତା, ପ୍ରାକୃତିକ ସତ୍ତା ଓ ମାନବୀୟ ସତ୍ତାକୁ ଉଦ୍‌ବେଳନ କରି ।

ତେଣୁ ଶବ୍ଦର ଶକ୍ତି ଏତେ ଶକ୍ତିମୟୀ ଓ ଚୁମ୍ବକୀୟ ଯେ ସେଥିରେ ସମସ୍ତେ ଆକର୍ଷିତ ହୋଇ ଯାଆନ୍ତି ଓ ସମ୍ମୋହିତ ହୋଇଯାଆନ୍ତି । ଯେତେବର୍ଷ ମୁଁ ଜୀବନରେ ଅତିକ୍ରମ କରିଛି ସେତିକି ସମୟ ମୋର କାବ୍ୟିକ ଲାଳିତ୍ୟ ମତେ ପ୍ରଭାବିତ କରିଛି । ଏମିତିକି ଗୋଟିଏ ଗୋଟିଏ ଶବ୍ଦ ଗୋଟିଏ ଗୋଟିଏ ଅକ୍ଷରକୁ ସାରା ଦିନ ସାରା ରାତି ମୋ ମନ ଓ ହୃଦୟ ଭିତରେ ଉଚ୍ଚାରଣ କରିଛି । ମାନସ ମନ୍ଥନ କଲାପରେ ଶେଷରେ ତାହା ସଂଚିତ ହୋଇ ରହିଛି ସ୍ମୃତିର ସିନ୍ଦୁକରେ । କେବଳ ମୋର ନୁହେଁ ସବୁ କବି ଓ ଲେଖକଙ୍କର ବୋଧେ ଏହାହିଁ ନିୟତି । କବିତା ଓ ସାହିତ୍ୟ ମାତ୍ରେ ହିଁ ସେଥିରୁ ସେମାନେ ଏକ ଦିବ୍ୟ ରସର ସନ୍ଧାନ କରିଥାନ୍ତି ।

କବି ଓ ଲେଖକମାନେ ଏକ ଭିନ୍ନ ପୃଥିବୀରେ ବାସ କରନ୍ତି, କହିବାକୁ ଗଲେ ନିଜପାଇଁ ଗଢି ଦିଅନ୍ତି ଏକ ପୃଥକ୍ ପୃଥିବୀ ଯେଉଁଠି କେବଳ ଏକ ଶାଶ୍ୱତ ସୌନ୍ଦର୍ଯ୍ୟର ପରିବେଶ ହିଁ ଥାଏ । ଫୁଲ, ଗଛ, ଅରଣ୍ୟ, ବହମାନ, ନଈ ଓ ଝରଣା ସହ ପକ୍ଷୀମାନଙ୍କର କାକଳି ଏକ ସ୍ୱର୍ଗୀୟ ସୁଷମା ତାଙ୍କ ମନରେ ଭରି ଦେଇଥାଏ । କିନ୍ତୁ ଏବେ ଫୁଲ ଶେଯରେ ଶୋଇ ଲେଖାଲେଖି କଲାବେଳେ ଡାଏରୀ ଓ କଲମ କ୍ଲାନ୍ତ ହୋଇଗଲେ ବି କବିଟିଏ କ୍ଲାନ୍ତ ହୁଏ ନାହିଁ ସବୁବେଳେ ବିଚରଣ କରିଥାଏ ସ୍ୱର୍ଗରେ, କଦବା କ୍ୱଚିତ୍ ସେ ପୃଥିବୀକୁ ଅବତରଣ କରେ । ଏଥି ଭିତରେ ଭୁଲିଯାଇଥାଏ ସେ ଭୋକ ଓ ଭାତ । ବେଳେବବେଳ ରୋଗୀ, ଅପରେସନ ଓ ଡାକ୍ତରୀ ସେବାରୁ ସାମାନ୍ୟତମ ବିରତି ମତେ ଏଇଭଳି ପରିସ୍ଥିତିକୁ ନେଇଯାଏ, ମୁଁ ଭୁଲିଯାଏ ମୋର ବାହାର ଦୁନିଆଁ, ସ୍ୱାମୀ, ପୁତ୍ର, କନ୍ୟା ତଥା ତେଲ ଲୁଣର ସଂସାର । ସେଇ ଶଗଡ ଗୁଳାରେ ଚାଲିନପାରି, ବାଛିନିଏ ଏକ ଭିନ୍ନ ପଥ, ଭିନ୍ନ କକ୍ଷ ଓ ଭିନ୍ନ ଅକ୍ଷ ସେ ସ୍ଥାନ ଏକ କାବ୍ୟ ବିଭୋର କବିର ଭାବବିହ୍ୱଳତାର ପଥ, ପକ୍ଷୀଟିଏ ହୋଇ ମହାଶୂନ୍ୟରେ ହଜିଯିବାର ଏକ ଅକ୍ଷୟ ପଥ ।

ସତରେ ଆଜିକାଲି ବାସ୍ତବ ଦୁନିଆଁର ଚିତ୍ର କି କଦାକାର । ସବୁଠି ସଂଘର୍ଷ ଓ ସଂଗ୍ରାମର କରୁଣ ଚିତ୍ର । ଏଇ ସଂଗ୍ରାମ ପାଇଁ ତ ଡାକ୍ତରଟିଏ ଗଙ୍ଗାନଦୀ ନୁହେଁ ସମୁଦ୍ରରେ ଝାସ ଦେଇଥାଏ । ସେଥିରେ କେତେବେଳେ ମୃତ୍ୟୁ ଜୟଲାଭ କରେ ତ' କେତେବେଳେ ଜୀବନ, ରୋଗ ଓ ରୋଗୀ ବିଜୟ ଲାଭ କରିଥାଏ । ଏଇ ଚିକିତ୍ସା, ଅପରେସନର ସଂଘର୍ଷ ଭିତରେ କବିତାର ସେ ସୁନ୍ଦର ପୃଥିବୀ ମୋ ହାତ ପାଆନ୍ତାରୁ କାହିଁ କେତେ ଦୂରରେ ଅଦୃଶ୍ୟ ହୋଇଯାଏ ।

(କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ-(୮)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

- ଦିନେ ମାଆକୁ ବାହାରେ ଯଅ ମିଳି ନଥିଲା । ଡିବା ଭିତରେ ଥିବା ଯଅ ନେବା ପାଇଁ ମାଆ ଯେତେବେଳେ ଡବା ଖୋଲିଲା ସେତେବେଳେ ଯଅ ଡବାର ତଳି ଯାଏଁ ପହଂଚି ସାରିଥିଲା । 'ଯଅ କିଏ ନେଲା' ବୋଲି ମାଆ ଚିତ୍କାର କରିବାକୁ ଲାଗିଲା । କାଲିକି କଣ ଖାଇବା ... "ବର୍ଷା ଆରମ୍ଭ ହେଇଗଲେ ପିଲାମାନଙ୍କୁ କଣ ଦେବି ଖାଇବାକୁ" କହୁ କହୁ ମାଆ କାନ୍ଦିବାକୁ ଲାଗିଲା । କାନ୍ଦୁ କାନ୍ଦୁ ସିଏ ବଳକା ଯଅକୁ ପେଶେଇବାକୁ ନେବାପାଇଁ ଡବାରେ ପୁରେଇଲା । ମୁଁ ଚୁପ୍‌ପ୍ ବସି ସବୁ କିଛି ଦେଖୁଥିଲି । ମାଆ ମୋ ହାତରେ ଡବା ଦେଲା 'ଆଜି ଆସୁ ସିଏ ଘରକୁ ... ଏଇ ବୁଢ଼ା ବୟସରେ ଯଅ ବିକ୍ରି କରି ସିଏ କଣ ମଦ ପିଉଛି ? ବୋଧହୁଏ ବିଡ଼ି ପିଉଥିବ । ଏକରେ ପଇସାଟିଏ କମେଇବାର ଅକଲ ନାହିଁ ମୁଣ୍ଡରେ । କୌଣସି ଜିନିଷକୁ ସଜେଇ, ସମ୍ଭାଳି ରଖିବାର ବୁଦ୍ଧି ନାହିଁ । ସଂଚୟ କରି ରଖିଥିବା ଜିନିଷକୁ ବିକି ମଦ ପିଇ ଦଉଛି । ମଦ ବଦଳରେ ଗଧର ମୂତ ପିଇ ଦେଉନାହିଁ କାହିଁକି ? ଛୁଆମାନଙ୍କ ପାଟିରେ ଆହାର ଦେବାପାଇଁ ରଖାଯାଇଥିବା ଯଅକୁ ବିକ୍ରି କଲାବେଳେ ତାକୁ ଲଜ୍ଜା ସରମ ଲାଗୁନାହିଁ କେମିତି କେଜାଣି !

ମାଆ କାହାକୁ ଗାଳି ଦେଉଥିଲା ସେ କଥା ବୁଝିବା ପାଇଁ ମୋତେ ଟିକେ ହେଲେ ସମୟ ଲାଗିଲାନି । ମୁହୂର୍ତ୍ତକ ପାଇଁ ମୋତେ ଲାଗିଲା ମାଆକୁ ସବୁ କିଛି କହି ଦେବି । ସେଇ ଯଅ ମୁଁ ହିଁ ଚୋରି କରିଛି ବୋଲି । ଯଅ ବିକ୍ରି କରି ଲଡ୍ଡୁ ଖାଇ ଦେଇଛି । କିନ୍ତୁ ସେତିକି କହିବାର ସତ୍ ସାହାସ ମୁଁ ଜୁଟେଇ ପାରିଲିନି ମନରେ । ମୁଁ ଚୁପ୍‌ପ୍ ପେଶା ହେବାକୁ ଥିବା ଯଅ ଡବା ଉଠେଇଲି । ଆଉ ଅଟା-ଚକିକୁ ଯାଇଥିବା ରାସ୍ତାରେ ବାହାରି ଗଲି । ଘଣ୍ଟେ ଦି'ଘଣ୍ଟା ପରେ ମୁଁ ଯେତେବେଳେ ଘରକୁ ଫେରିଲି ସେତେବେଳେ ଘର ଭିତରେ ରୀତିମତ ମହାଭାରତ ଆରମ୍ଭ ହୋଇଯାଇଥିଲା । ମାଆ ଅନବରତ ଭାବରେ ବାପାଙ୍କୁ ଗାଳି ଦେଇ ଚାଲିଥିଲା । ସିଏ ଘରର ଗୋଟିଏ କୋଣରେ ବସି ଚୁପ୍‌ପ୍ ଶୁଣୁଥିଲେ ସବୁ କିଛି । ଗାଳି ଶୁଣି ଶୁଣି ଯେତେବେଳେ ତାହା ଅସହ୍ୟ ହୋଇ ଯାଉଥିଲା ସେତେବେଳେ ସିଏ ମାଆକୁ ପିଟିବାକୁ ଲାଗୁଥିଲେ । ପୁଣି ଆସି ନିଜ ଜାଗାରେ ବସି ଯାଉଥିଲେ, 'ମୁଁ ଯଅ ଚୋରି କରିନି, ତୁ ମୋତେ ଏମିତି ଗାଳି ମନ୍ଦ କରନି । ତୋଅରି ପୁଅ ଯଅ ଚୋରି କରିଥିବ ତାକୁ କାହିଁକି ପଚାରୁନୁ ? ସିଏ କହୁଥିଲେ ।"

ପୁଅର ନାଁ ଶୁଣିଲା ମାତ୍ରେ ମାଆ ଘଡଘଡି ପରି ଗର୍ଜନ କରିବା ଆରମ୍ଭ କରି ଦଉଥିଲା । ସିଏ ଚିତ୍କାର କରୁଥିଲା, 'ମୋ ଛୁଆକୁ ଚୋର କହିବାକୁ ତୁମକୁ ଲାଜ ଲାଗୁନି ? ସାରା ଜୀବନ ମିଲେଟ୍ରିରେ କାମ କରି କରି ତୁମେ କଣ ଏଇ ଶିକ୍ଷା ପାଇଛ ? ମଦ ପାଇଁ ଯଅ ବିକ୍ରି କରୁଛ । ଆଉ ପୁଣି ମୋ ପୁଅର ନାଁ କାହିଁକି ଦଉଛ ? ଭଗବାନ - କେବେ ତୁମର ମଙ୍ଗଳ କରିବେନି । ତୁମ ହାତରେ କୁଷ୍ଠ ହେବ । ମୋ ପୁଅକୁ ଚୋର କହିବ ତ ତୁମ ଜିଭରେ ପୋକ ପଡ଼ିବ । ଆରେ ମୋ ପୁଅ ଗୋଟା ସୁଦ୍ଧା ସୁନା ... ଖାଣ୍ଟି ସୁନା । ତା'କୁ ଚୋର କରିବାକୁ ତୁମକୁ ଲାଜ ଲାଗୁନି ? ମୋ ପୁଅ ସ୍କୁଲରେ ସବୁଠୁ ଅଧିକ ନମ୍ବର ରଖି ପାସ୍ କରୁଛି । ସାରା ଗାଁ ମୋ ପୁଅର ପ୍ରଶଂସା କରୁଛି । ମଦୁଆ ପେଟକୁ ଏମିତି କଣ ଖାଇଛି ଯେ ସୁନା ପରି ପୁଅ ଜନ୍ମ ହେଇଛି । ଗାଁବାଲାଏ ଆଶ୍ଚର୍ଯ୍ୟ ହେଉଛନ୍ତି । ଆଉ ତୁମେ ତାକୁ ଚୋର କେମିତି କହିପାରୁଛ ? ଆମ ବଂଶରେ ସାତ ଜନ୍ମରେ ବି ଏମିତି ଚୋର ଜନ୍ମ ହୋଇନାହାନ୍ତି । ମୋର ଭାଗ୍ୟ ମନ୍ଦ । ମୋ ବାପ ମୋତେ ଏମିତି ଗୋଟେ ଚୋର ବେକରେ ବାନ୍ଧିଦେଲା, ଆଉ ନିଜେ କନ୍ୟାଦାୟରୁ ମୁକ୍ତ ହୋଇଗଲା ଚିରଦିନ ପାଇଁ । ମାଆ ଅନବରତ ଗାଳି ଦେଇ ଲିଥିଲା । ବାପାଙ୍କର ପୁଣି ପିତ୍ତ ଚଢ଼ି ଗଲା ମୁଣ୍ଡରେ । ସିଏ ମାଆର ଚୁଟି ଧରି ଘୋଷାରି ନେଲେ । ଦୁଇ / ଚାରି ମୁଥ ବି ମାରିଲେ । ମୁଁ ଯାଇ ରାସ୍ତା ରୋକି ଛିଡା ହେଇଗଲି, ମାଆକୁ ଆଉ ମାରନା କହି । ମୁଁ ଅଡ଼ି ବସିଲି । ବାପା ମୋତେ ବି ଧୁମ୍ ପିଟିଲେ । ରାଗରେ ଫୁତ୍କାର ଛାଡ଼ି ବାପା ଗର୍ଜନ କଲେ...! ଏବେ କହ ହାରାମଜାଦା ଚୋରି ମୁଁ କରିଛି କି ?"

ବାପା ଶାନ୍ତ ହୋଇଗଲେ । ମାଆକୁ ପିଟାମରା କରିଥିବାରୁ ତାଙ୍କର ନିଃଶ୍ୱାସ ପ୍ରଶ୍ୱାସ ପ୍ରଖର ହୋଇ ଯାଇଥିଲା । ମୋତେ ମାଡ଼ ମାରିବା ଦେଖି ମାଆ ରାଗରେ ଅନ୍ଧ ହୋଇଯାଇଥିଲା । ସିଏ ଘାଇଲା ବାଘ ପରି ଗର୍ଜନ କରିବାକୁ ଲାଗିଲା । "ଏଇ ବୁଢ଼ା ବୟସରେ ପୁଅ ଆଉ ସ୍ତ୍ରୀ ଉପରେ ହାତ ଉଠେଇବାକୁ ତୁମକୁ ଲାଜ ଲାଗୁନି ? ମୋତେ ଯେତେ ମାରିବା କଥା ମାର । ମୋତେ ମାରି ଟୁକୁରା ଟୁକୁରା କରିଦିଅ ଆଉ ଜେଲ ଯାଅ । ନିଜ ସ୍ତ୍ରୀକୁ ହତ୍ୟା କରି ଆସିଛ କହି ଛାତି ଫୁଲେଇ ବୁଲ ।"

ବାପା ମୁହଁ ଖୋଲୁ ନଥିଲେ । ଯେତେବେଳେ ଧୈର୍ଯ୍ୟର ସୀମା ପାର ହୋଇଯାଉଥିଲା ଆଉ ରାଗ ପଂଚମରେ ପହଂଚି ଯାଉଥିଲା ସେତେବେଳେ ମାଆକୁ ମାରୁଥିଲେ । ପୁଣି ଚୁପ୍‌ପ୍ ବସି ଯାଉଥିଲେ । ତାଙ୍କର ସ୍ୱଭାବ ସେଇପରି ଥିଲା । ଗାଳି ଦେଇ ଦେଇ ମାଆ ହିଁ ଥକି ପଡ଼ିଥିଲା । ସିଏ ବି ଶାନ୍ତ ହୋଇଗଲା ଆଉ ରୋଷେଇ ଘର ଠିକ୍ ଠାକ୍ କରି ଆମକୁ ଖାଇବାକୁ ବାଢ଼ି ଦେଲା । ସିଏ ନିଜେ ବି ଖାଇଲା ଓ ବାସନକୁସନ ସବୁ ଉଠେଇ ନେଲା । ଧୁଆଧୋଇ କରି ଥାକରେ ସବୁ ସଜେଇ ଦେଲା । ଚୁଲୀ ଭିତରେ ହାତ ପୁରେଇ ପାଉଁଶ କାଢ଼ିଲା । ଅଳିଆ ସବୁ ଗୋଟେ ତଲ୍ଲାରେ ରଖି ତାକୁ ଘର କୋଣରେ ରଖିଦେଲା । ୟା' ଭିତରେ ବାପା ଖଟରେ ଶୋଇ ଘୁଙ୍ଗୁଡ଼ି ମାରିବାକୁ ଲାଗିଥିଲେ । ମୁଁ ବହି ଭିତରେ ମୁହଁ ପୁରେଇ ବସିଥିଲି । ମୋତେ ସାହସ ଦେବା ପାଇଁ ମାଆ କହିଲା 'ପୁଅ, ତୁ ଜମାରୁ ଡରିବୁନୁ । ମୁଁ ରାତି-ଦିନ କଷ୍ଟ ସହିବି । କିନ୍ତୁ ତୋତେ ପଢ଼େଇବି ନିଶ୍ଚେ । ମୁଁ ବାଘୁଣୀ, କେବେ ହାର ମାନିବିନି । ସାରାଦିନ ମୁଁ ଗଧ ପରି ଖଟିବି । କିନ୍ତୁ ତୁମମାନଙ୍କର ଦେଖାଶୁଣା କରିବି । କିଛି ପିଲାଙ୍କ ଭାଗ୍ୟରେ ଭଲ ବାପା ନ ଥାନ୍ତି । ଆମକୁ ସେପଟେ ନଜର ଦେବାର ନାହିଁ । ମୁଁ ସବୁ ପରିସ୍ଥିତିରେ ତୁମମାନଙ୍କୁ ସମ୍ଭାଳି ନେବି । ପେଟରେ ଓଦା କନା ଦେଇ ବି ତୁମମାନଙ୍କୁ ପଢ଼େଇବି, ଲେଖେଇବି । ତୁ ଖୁବ୍ ମନ ଦେଇ ପାଠ ପଢ଼ । ତୁ ନିଜର ଭାଗ୍ୟକୁ ନିଜେ ତିଆରି କର । ଏବେ ଆଉ ମୋର କ'ଣ ଅଛି । ଧୀରେ ଧୀରେ ଲାସ ହେବାକୁ ଯାଉଥିବା ଏଇ ଶରୀରକୁ ନେଇ ଗୋଟେ ଗୋଟେ ଦିନ କାଟିବା କଥା । ତୋର ଭଲ ଦେଖିବା ପରେ ଦିନେ ଆଖି ବୁଜି ଦେବି ମୁଁ ।

ମାଆ ସବୁଦିନ ବାପାଙ୍କୁ ଗାଳି ଦେଉଥିଲା । ଆଉ ଫଳ ସ୍ୱରୂପ ବାପାଙ୍କ ଠାରୁ ମାଡ଼ଗାଳି ମଧ ଖାଉଥିଲା ପ୍ରତିଦିନ । ବାପାଙ୍କୁ ମଦ ଛାଡ଼ି ଦେବା ଉଚିତ୍ । ପ୍ରତିଦିନ କାମକୁ ଯିବା ଉଚିତ୍ । ପଇସା ରୋଜଗାର କରିବା ଉଚିତ୍ । ଘର ସଂସାର ପ୍ରତି ଧ୍ୟାନ ଦେବା ଉଚିତ୍ । ପଇସା ରୋଜଗାର କରି ଘର ଚଳାଅ । ପିଲାଙ୍କ ପାଠପଢ଼ାରେ ଖର୍ଚ୍ଚ କର । ଘର ତିଆରି କର । ପିଲାଛୁଆଙ୍କ ପାଇଁ ଲୁଗାପଟା ଆଣ । ସ୍ୱପ୍ନର ଏମିତି ମୀନାର ମାଆ ବାପାଙ୍କ ସାମନାରେ ଗଢୁଥିଲା । ଆଉ ବାପା କଦାଚିତ ସେ ଦିଗରେ ବୁଲି ଚାହୁଁ ନଥିଲେ ।

ବିଡ଼ି ଧୂଆଁ, ମୁହଁ ଓ ନାକପୁଡ଼ାରୁ ବାହାରକୁ ବାହାରିଲା ବେଳେ ତାକୁ ଚାହିଁ ରହିଲା ପରି ବାପା ଏଇ ସ୍ୱପ୍ନର ମୀନାରକୁ ଚାହୁଁଥିଲେ । କେବେ କେବେ ବାପା ଏଇ ସ୍ୱପ୍ନମାନଙ୍କ କଥା ଶୁଣି ହୋ ହୋ ହେଇ ବେଖାତିରିଆ ହସ ହସୁଥିଲେ । ମାଆ ବାପାଙ୍କ ଭିତରେ ସମ୍ପର୍କ ସାପ ଓ ନେଉଳର ସଂପର୍କ ପରି ଥିଲା । ଥରେ ଜଣେ ଜ୍ୟୋତିଷ ମାଆର ହସ୍ତରେଖା ଦେଖି କହିଥିଲା ଯେ, ମାଆ ତୋର ଭାଗ୍ୟ ନେଉଳ ପରି ଆଉ ତୋ ପତିର ଭାଗ୍ୟ ସାପ ପରି । ମାଆଙ୍କୁ ଏ କଥା ସତ ଲାଗୁଥିଲା । ନିଜ କପାଳ ଉପରେ ଥିବା ଗାର ପଛରେ ରହି କୌଣସି ଏକ ଡାହାଣୀ ତାର ଭାଗ୍ୟ ଲେଖିଛି ବୋଲି ସିଏ କହୁଥିଲା । ଦିନରେ ଅତି କମ୍‌ରେ ସିଏ ଦଶଥର ବାପାଙ୍କୁ ଗୋଇଠାଏ ମାରି କହୁଥିବ "ତୁ ମରିଯାଉନୁ କାହିଁକି ? କାଇଁ ବଂଚି ରହିଛୁ ପୃଥିବୀ ଉପରେ ବୋଝ ହୋଇ ?'

ସତକୁ ସତ ବାପାଙ୍କର ଦିନେ ମୃତ୍ୟୁ ହେଇଗଲା । ଶବ ସତ୍କାରର ପରଦିନ ଯାଇ ମୁଁ ପହଂଚିଲି ଗାଁରେ । ସ୍ୱାମୀର ମୃତ୍ୟୁରେ ମାଆ ଖୁବ୍ ଶୋକାତୁର ଥିଲା । ଭୂଇଁରେ ମଥା ପିଟି ସିଏ ମୁଣ୍ଡ ଫୁଲେଇ ଦେଇଥିଲା । କପାଳରେ ଆବୁ ହେଇ ଯାଇଥିଲା । ଅଣାୟତ ହୋଇ ସିଏ କାନ୍ଦି ଚାଲିଥିଲା । ଅସ୍ଥିପୁଷ୍ପ ସଂଗ୍ରହ ପରେ ମୋର କାକା କହିଲେ "ଯାଆ, ବସି ଯାଆ ବାରିକ ଆଗରେ । ଲଣ୍ଡା ହେଇ ପଢ଼ ।" ମୁଁ କହିଲି "ମୋର ଏଇ ସବୁ ରୀତିନୀତିରେ ବିଶ୍ୱାସ ନାହିଁ । ମୁଁ ଏସବୁ କର୍ମକାଣ୍ଡ କରିବିନି ।"

କାକା ଆଉ ମୋ ଭିତରେ ଏଇ ବାକ୍‌ବିତଣ୍ଡା ଅନେକ ସମୟ ଯାଏଁ ଚାଲିଲା । ଏଇ ବିବାଦ ତୁଟି ପାରୁ ନଥିଲା । ପାଟିତୁଣ୍ଡ ଶୁଣି ମାଆ ବାହାରକୁ ଆସି ରାଗରେ କହିବାକୁ ଲାଗିଲା "ଆରେ ଉଠ, ଆଉ ଯାଆ ଲଣ୍ଡା ହେଇପଡ଼ । ତୋ ବାଳରେ କଣ ସୁନା ଲାଗିଛି ନା ରୂପା ? ପାହାଡ଼ ପରି ମୋର ସ୍ୱାମୀ ମରିଗଲା । ମୋର ଶଙ୍ଖା ସିନ୍ଦୁର ଲିଗଲା । ଆଉ ତୁ ତୋର ଏଇ ବାଳକୁ ଧରିକି ବସିଛୁ । ମନେରଖ ତୋ ମୁଣ୍ଡରେ ଏଇ ଯେଉଁ ବାଳ ଅଛି ନା, ଯାହାକୁ ତୁ ଏତେ ସଜେଇ କରି ରଖିଛୁ, ସେଇଟା ମୋ ସ୍ୱାମୀଙ୍କର ଦାନ । ତୁ ଭୁଲି ଯା'ନା ଯେ ସିଏ ତୋତେ ଆଣିଛନ୍ତି ଏ ପୃଥିବୀକୁ ।" ମୁଁ ଚୁପ୍‌ପ୍ ନାହିଁ କରିଦେଲି । ଛୋଟ ଭାଇ ଲଣ୍ଡା ହେଲା । ମୁଁ ଖାଲି ମାଆ କଥା ଭାବୁଥିଲି । "ତୁ କାହିଁକି ମରିଯାଉନୁ" ଯାଉଣୁ ଆସୁଣୁ ବାପାଙ୍କୁ ଶୋଧୁ ଥିବା ମାଆର ମୁଁ ଆଜି ଅନ୍ୟ ଏକ ରୂପ ଦେଖିଲି । ମୁଁ ଆଜି ଯାଏ ଯାହାକୁ ଦେଖିଥିଲି ତାହା ବାପାଙ୍କୁ ଦିନରାତି ଶୋଧୁଥିବା ରୂପ ଥିଲା ତାର । ମୁହଁରେ ଅସଭ୍ୟ ଗାଳି ରହିଥିଲେ ମଧ ହୃଦୟରେ ଅମାପ ପ୍ରେମ ଓ ଶ୍ରଦ୍ଧା ରଖିଥିବା ମାଆକୁ ମୁଁ ଏଇ ପ୍ରଥମ ଥର ପାଇଁ ଦେଖୁଥିଲି । ମୋତେ ଲାଗୁଥିଲା ଏଥର ମାଆ ସବୁଦିନ ପାଇଁ ମୁକ୍ତ ହୋଇଗଲା ବାପାଙ୍କର କଷ୍ଟପ୍ରଦ ଆବଦ୍ଧ ଭିତରୁ । କିନ୍ତୁ ପ୍ରକୃତ ପକ୍ଷେ ତାର ସାରାଟା ଦୁନିଆ ଉଜୁଡ଼ି ଯାଇଥିଲା । "ସ୍ୱାମୀର ମୃତ୍ୟୁ ପରେ ଦୁଃଖ କ'ଣ, ସେ କଥା କେବଳ ତାର ବିଧବା ସ୍ତ୍ରୀ ହିଁ ଜାଣିପାରେ ବା ଅନୁଭବ କରିପାରେ ।" ଦୁଃଖରେ ପାଗଳ ପ୍ରାୟ ମାଆ ବେଳେବେଳେ ଆକ୍ରୋଶପୂର୍ଣ୍ଣ ଭାବରେ ଚିତ୍କାର କରୁଥିଲା । ଆମ ସହିତ ଝଗଡା ହେବାର ପର ମୁହୂର୍ତ୍ତରେ ହିଁ ତାକୁ ସ୍ୱାମୀ କଥା ମନେପଡ଼ି ଯାଉଥିଲା । (କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

## ଶ୍ରୀପଂଚମୀରେ ୨ୟ ଶ୍ରୀକ୍ଷେତ୍ରରେ ରଥକାଠ ଅନୁକୂଳ

ବାରିପଦା, ୨୮/୦୧ (ନି.ପ୍ର): ପବିତ୍ର ବସନ୍ତ ପଂଚମୀ ଅବସରରେ ୨ୟ ଶ୍ରୀକ୍ଷେତ୍ର ବାରିପଦାର ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ହୋଇ ହୋଇ ଯାଇଛି । ବାରିପଦା ନିକଟସ୍ଥ ହାତୀକୋଟ ସଂରକ୍ଷଣ ଜଙ୍ଗଲରୁ ଏହି ରଥକାଠ ଅନୁକୂଳ କରାଯାଇଛି । ପାରମ୍ପରିକ ରୀତିନୀତି ଅନୁସାରେ ଶ୍ରୀପଂଚମୀ ଶୁଭ ମୁହୂର୍ତ୍ତରେ ରଥ ମହାରଣାଙ୍କ ସମେତ ଅନ୍ୟାନ୍ୟ ସେବାୟତ ମାନେ ରଥ କାଠ ଅନୁକୂଳ ପାଇଁ ସମସ୍ତ ବିଧିବିଧାନ ସମ୍ପର୍ଣ୍ଣ କରିଥିଲେ । ଜଙ୍ଗଲରେ ଚିହ୍ନିତ ହୋଇଥିବା ଗଛକୁ ପୂଜାର୍ଚ୍ଚନା ପୂର୍ବକ ଅନୁମତି ଭିକ୍ଷା କରିବା ସହିତ ଶଙ୍ଖଧ୍ୱନୀ ଏବଂ ଖୋଳ କିର୍ତନ ପୂର୍ବକ ଗଛ କଟା ଯାଇ ଏହାକୁ ରଥଖଳାକୁ ଅଣା ଯାଇଛି । ଅନୁକୂଳ ହୋଇଥିବା ଏହି କାଠକୁ ଚଳିତ ବର୍ଷ ନନ୍ଦିଘୋଷ ରଥର ଅଠର ନାହାକ କାର୍ଯ୍ୟରେ ଲଗାଯିବ ବୋଲି କହିଛନ୍ତି ରଥ ମହାପାତ୍ର ମୃତ୍ୟୁଂଜୟ ମହାପାତ୍ର ।

# ଆରଏସପି ଆନୁକୂଲ୍ୟରେ ଲାଠିକଟା ବ୍ଲକରେ ଜୋନ ସ୍ତରୀୟ ଲୋକସାଂସ୍କୃତିକ ମହୋତ୍ସବ ଆୟୋଜିତ

## ବୀରକେରା ଗ୍ରାମର ଓରାମ ସାଂସ୍କୃତିକ ସାଲିଆଟୋଲି ନୃତ୍ୟ ଦଳ ଚମ୍ପିୟାନ



ରାଉରକେଲା, ୨୮/୦୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ସିଏସଆର ବିଭାଗ ଦ୍ୱାରା ଲାଠିକଟା ବ୍ଲକ ଅନ୍ତର୍ଗତ ଝୋରାବାହାଲ ଗ୍ରାମରେ ଜାନୁଆରୀ ୨୩ ତାରିଖରେ ଆୟୋଜିତ ଜୋନ ସ୍ତରୀୟ "ସିନର୍ଜି ଲୋକସାଂସ୍କୃତିକ ମହୋତ୍ସବ"ରେ ବିଭିନ୍ନ ଗାଁଆର ୩୦ଟି ନୃତ୍ୟ ଦଳ ଉତ୍ସାହ ସହକାରେ ଅଂଶଗ୍ରହଣ କରିଥିଲେ । ଏହାର ଉଦଯାପନୀ ଉତ୍ସବରେ ଆରଏସପି କଞ୍ଚାମାଲ ପ୍ରବନ୍ଧନ ବିଭାଗର ସିଜିଏମ, ଶ୍ରୀ ଏସ ଏସ ରାୟଚୌଧୁରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ଏଫଏମଏମ ବିଭାଗର ଜିଏମ ଇନ ଚାର୍ଜ, ଶ୍ରୀ ପି କେ ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ । ଏହି ଅବସରରେ ସିଏସଆର ବିଭାଗର ମହାପ୍ରବନ୍ଧକ, ସୁଶ୍ରୀ ମୁନମୁନ ମିତ୍ର, ସହକାରୀ ମହାପ୍ରବନ୍ଧକ, ଶ୍ରୀ ଟି ବି ଟପ୍ପୋ, ସ୍ଥାନୀୟ ପଞ୍ଚାୟତ ସରପଞ୍ଚ ଏବଂ ସିଏସଆର ବିଭାଗର ଅନ୍ୟ ଅଧିକାରୀ ଓ ଷ୍ଟାଫ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ତଥା ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ । ନିଜର ବକ୍ତବ୍ୟରେ ଶ୍ରୀ ରାୟଚୌଧୁରୀ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଋଦ୍ଧିମନ୍ତ ଆଦିବାସୀ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ତଥା ସାଂସ୍କୃତିକ ଐତିହ୍ୟର ପ୍ରୋତ୍ସାହନ ପାଇଁ ସିଏସଆର ବିଭାଗର ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ନୃତ୍ୟ ଦଳଗୁଡିକୁ ପୁରସ୍କାର ପ୍ରଦାନ କରିଥିଲେ । ବୀରକେରା ଗ୍ରାମର ଓରାମ ସାଂସ୍କୃତିକ ସାଲିଆଟୋଲି ନୃତ୍ୟ ଦଳ ପ୍ରଥମ ପୁରସ୍କାର ଆକାରରେ ୫୦୦୦ ଟଙ୍କା ପୁରସ୍କାର ରାଶି ଏବଂ ଟ୍ରଫି ଲାଭ କରିଥିବାବେଳେ ବଲାଣି ମା ଚଳା କଳା ପରିଷଦ ନୃତ୍ୟ ଦଳ ଗ୍ରାମର ନୃତ୍ୟଦଳ ଦ୍ୱିତୀୟ ପୁରସ୍କାର ରୂପେ ୪୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା । ବୁଚାଟୋଲିର ପ୍ରିୟା ନୃତ୍ୟ ଦଳ ତୃତୀୟ ପୁରସ୍କାର ଆକାରରେ ୩୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା । ଅଂଶଗ୍ରହଣକାରୀ ଅବଶିଷ୍ଟ ୨୭ଟି ଦଳଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ରୂପେ ପ୍ରତ୍ୟେକ ଦଳକୁ ୧୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଚାରକ ମଣ୍ଡଳୀ ସଦସ୍ୟମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ନୃତ୍ୟ ଉତ୍ସବ ଝୋରାବାହାଲ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗରେ ଆରଏସପି ସିଏସଆର ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ସିଏସଆର ବିଭାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବହୁ ସଂଖ୍ୟାରେ ସ୍ଥାନୀୟ ତଥା ଆଖପାଖ ଗାଁଆ ଲୋକ ଏହି ନୃତ୍ୟୋତ୍ସବର ଆନନ୍ଦ ନେଇଥିଲେ । ସୂଚନାଯୋଗ୍ୟ ଯେ ଆରଏସପି ଏହାର ସିଏସଆର ପ୍ରୟାସ ଅନ୍ତର୍ଗତ "ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ" ପ୍ରତ୍ୟେକ ବର୍ଷ ଆୟୋଜନ କରୁଛି । ଏହି ପ୍ରୟାସ ଅନ୍ତର୍ଗତ ଚାରିଟି ବ୍ଲକରେ ଜୋନ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ଏବଂ ଫାଇନାଲ ପର୍ଯ୍ୟାୟ ପ୍ରତିଯୋଗିତା ରାଉରକେଲାରେ ଅନୁଷ୍ଠିତ ହେବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରାଜ୍ୟବ୍ୟାପୀ ଉଚ୍ଚ ମାଧ୍ୟମିକ ଶିକ୍ଷକ....

ଅନୁଯାୟୀ ଉପଯୁକ୍ତ ବୃତି ଚୟନ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ତଥା ୟୁନିସେଫ ଦ୍ୱାରା ପ୍ରସ୍ତୁତ କ୍ୟାରିୟର ପୋର୍ଟାଲ ସମ୍ପର୍କରେ ସୂଚନା ଦିଆଯାଇଥିଲା, ଯେଉଁଥିରେ ୫୫୦ରୁ ଉଦ୍ଧ୍ୱର୍ ବିଭିନ୍ନ ପ୍ରକାର ବୃତି, ସେଥିପାଇଁ ଉଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା, ଅଧୟନ ପାଇଁ ବୃତି ବା ସ୍କଲାର୍ଶିପ ସୁବିଧା, ରାଜ୍ୟ ତଥା ରାଜ୍ୟ ବାହାରେ ଥିବା କଲେଜ ସୁବିଧା ଓ ବିଭିନ୍ନ ପ୍ରକାର ନିଯୁକ୍ତି ସୁବିଧା ବିଷୟରେ ପିଲାମାନେ ତଥା ଅଭିଭାବକମାନେ ପୋର୍ଟାଲକୁ ଲଗିନ କରି ଦେଖିପାରିବେ । ଏଥିପାଇଁ ଛାତ୍ରଛାତ୍ରୀଙ୍କ ନାମଲେଖା ସମୟର ଦରଖାସ୍ତ ନମ୍ବର କୁ ଆଇଡି ଓ ପାସୱାର୍ଡ ୧୨୩୪୫୬ ଲେଖି ପୋର୍ଟାଲକୁ ଲଗିନ କରି ନିଜ ନିଜର ଭବିଷ୍ୟତ କ୍ୟାରିୟର ବାଛିବାକୁ ପରାମର୍ଶ ଦିଆଯାଇଥିଲା । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ପ୍ରକାର ଶୈକ୍ଷିକ ଓ ସହପାଠ୍ୟ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହେବା ସଙ୍ଗେ ସଙ୍ଗେ ଏସବୁରେ ଅଂଶ ଗ୍ରହଣ ପାଇଁ ନିଜନିଜର ପିଲାମାନଙ୍କୁ ଉତ୍ସାହିତ କରିବା ପାଇଁ ଅଭିଭାବକମାନଙ୍କୁ ଅନୁରୋଧ କରଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପ୍ରକାର ବୃତି ବ୍ୟବସ୍ଥା ସମ୍ପର୍କରେ ପିତାମାତାଙ୍କୁ ଅବଗତ କରାଯାଇଥିଲା । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ନିୟମିତ ବୈଠକ ଡାକି ସେମାନଙ୍କ ସହଯୋଗ ଓ ପରାମର୍ଶରେ ଶିକ୍ଷଣ ବାତାବରଣକୁ କିପରି ସମୃଦ୍ଧ କରାଇଯାଇ ପାରିବ ସେ ଦିଗରେ ଆଲୋଚନା ହୋଇଥିଲା । ବିଦ୍ୟାଳୟ ତଥା ଛାତ୍ରାବାସ ପରିସରକୁ ନିରାପଦ, ଶୃଙ୍ଖଳିତ ତଥା ରାଗିଙ୍ଗ ମୁକ୍ତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା । ଅଂଶଗ୍ରହଣକାରୀ ଅଭିବାବକମାନେ ମଧ୍ୟ ଆଲୋଚନାରେ ଭାଗ ନେଇ କେତେକ ବଳିଷ୍ଠ ମତାମତ ଦେଇଥିଲେ ଓ ଏହିପରି ବୈଠକ ବର୍ଷକୁ ଅନ୍ତତଃ ଦୁଇରୁ ଚାରିଥର କରିବା ପାଇଁ ଅନୁରୋଧ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ତ୍ରୈମାସିକ (କ୍ୱାର୍ଟର ଶେଷ) ପରୀକ୍ଷାର ମାର୍କ ଅଭିବାବକଙ୍କ ଅବଗତି ପାଇଁ ପଠାଇବାକୁ ପ୍ରସ୍ତାବ ଆସିଥିଲା । କେତେକ ଛାତ୍ରଛାତ୍ରୀ ବିଦ୍ୟାଳୟ ପାଠପଢା ସମୟରେ ଅନୁପସ୍ଥିତ ରହିବା ବିଷୟ ଆଲୋଚନା ହେବା ସଙ୍ଗେ ସଙ୍ଗେ ଏଦିଗରେ ଉଭୟ ପିତାମାତା ଓ ଶିକ୍ଷକଙ୍କ ଦାୟିତ୍ୱ ସମ୍ପର୍କରେ ମତ ରଖିଥିଲେ । ବିଦ୍ୟାଳୟରେ ରିମେଡିଆଲ କ୍ଲାସ ବ୍ୟବସ୍ଥା, ପ୍ରାକଫିକାଲ ଶ୍ରେଣୀ ପ୍ରତି ଗୁରୁତ୍ୱ, ବିଭିନ୍ନ ସେମିନାର ଓ ମୂଲ୍ୟବୋଧ ଭିତିକ କାର୍ଯ୍ୟକ୍ରମ ଆୟୋଜନ, ମୋବାଇଲ ଫୋନ ବ୍ୟବହାର ଉପରେ ଆବଶ୍ୟକୀୟ କଟକଣା ଲାଗୁ ଉପରେ ମତାମତ ଦେଇଥିଲେ । ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍. ଆୟାରଙ୍କ ସମେତ ନିର୍ଦ୍ଦେଶାଳୟର ସମସ୍ତ ଅଧିକାରୀ ବିଭିନ୍ନ ଜିଲ୍ଲାକୁ ଯାଇ ଏହି ବୈଠକରେ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

### ଅଟା ହେଉଛି ମହଙ୍ଗା, ବର୍ଷକରେ....

ରହିଥିଲା ତାହା ଏବେ ୪୦% ମହଙ୍ଗା ହୋଇଛି । କୁହାଯାଉଛି, ସରକାର ଯଦି ଗଚ୍ଛିତ ରଖିଥିବା ଗହମ ବଜାରକୁ ନଛାଡ଼ନ୍ତି, ତାହେଲେ ଅଟାଦର ଆହୁରି ବଢ଼ିବାର ସମ୍ଭାବନା ରହିଛି । ରପ୍ତାନୀ ଉପରେ କଟକଣା ଲଗାଯାଇଥିଲେ ବି ଜାନୁଆରୀରେ ଗହମ ଦର ୭ରୁ ୧୦ ପ୍ରତିଶତ ବଢ଼ିଛି । ଗହମର ମୂଲ୍ୟବୃଦ୍ଧିର ପ୍ରଭାବ ଅଟା ଦର ଉପରେ ମଧ୍ୟ ପଡୁଛି । ଭୁବନେଶ୍ୱରରେ ଅଟା କିଲୋପ୍ରତି ଗତବର୍ଷ ତୁଳନାରେ ୪ରୁ ୮ ଟଙ୍କା ବଢିଛି । ଓଡ଼ିଶାକୁ ମୁଖ୍ୟତଃ ପଞ୍ଜାବ ଓ ହରିୟାଣାରୁ ଗହମ ଆସିଥାଏ । ଗହମର ଦର ବଢିଥିବାରୁ ଏହାର ପ୍ରଭାବ ଗହମରୁ ତିଆରି ହେଉଥିବା ଅନ୍ୟ ଉତ୍ପାଦ ଉପରେ ବି ପଡିଛି । ଅର୍ଥାତ ସୁଜି, ମଇଦା ଓବ୍ରାଉନ ବ୍ରେଡର ମଧ ଦର ବୃଦ୍ଧି ଘଟିଛି । ଗହମ ଉତ୍ପାଦନରେ ହ୍ରାସ ଓ ଭାରତର ଗହମକୁ ବାହାରକୁ ରପ୍ତାନୀ ପାଇଁ କମ୍ପାନୀଗୁଡିକ ଆଗ୍ରହ ପ୍ରକାଶ କରୁଥିବାରୁ ଅଟା ଦର ବଢୁଥିବା କୁହାଯାଉଛି । ଅଟାଦର କମାଇବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପର ହୋଇପଡ଼ିଛନ୍ତି । ଖୋଲା ବଜାରରେ ୩୦ ଲକ୍ଷ ଟନ୍ ଗହମ ବିକ୍ରି କରିବାକୁ କେନ୍ଦ୍ର ସରକାର ନିଷ୍ପତି ନେଇଛନ୍ତି । କେନ୍ଦ୍ର ସରକାର ବଫର ଷ୍ଟକରୁ ଏହି ଗହମ ବିକିବେ । ଏହାକୁ ଖୋଲା ବଜାରରେ ବିକ୍ରି କରାଯିବ । ଗହମ ଷ୍ଟକକୁ ଅଟାକଳ ଓ ବ୍ୟବସାୟୀଙ୍କୁ ଯୋଗାଇ ଦିଆଯିବ । ଏଥିପାଇଁ ଏଫସିଆଇକୁ କେନ୍ଦ୍ର ସରକାର ଅନୁମତି ଦେଇସାରିଛନ୍ତି । ଅନ୍ୟପକ୍ଷରେ ରାଜ୍ୟ ସରକାର ମଧ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି । ଭାରତୀୟ ଖାଦ୍ୟ ନିଗମ, ଏଫସିଆଇ ଓଡ଼ିଶା ପକ୍ଷରୁ ୪୬ ହଜାର ମେଟ୍ରିକ ଟନ୍ ଗହମ ଟେଣ୍ଡର କରାଯାଇଛି ।

## ପ୍ରତି ବିଦ୍ୟାଳୟ ମନ୍ଦିର ସଦୃଶ



ବାଲେଶ୍ୱର, ୨୮/୦୧ (ନି.ପ୍ର): ସକାରାତ୍ମକ ଚିନ୍ତା, ଦୃଢ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଓ ଈଶ୍ୱର ବିଶ୍ୱାସୀ ଏହି ଚାରୋଟି ଦିଗପ୍ରତି ଯତ୍ନଶୀଳ ରହିଲେ ସଫଳତା ହାସଲ କରିହେବ ବୋଲି ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ରେବତୀ ପତ୍ରିକାର ସମ୍ପାଦିକା ଶ୍ରୀମତୀ ସ୍ମାସିନୀ ଜେନା ତାଙ୍କ ବକ୍ତବ୍ୟରେ ପ୍ରକାଶ କରି ଏଥିପ୍ରତି ଉଭୟ ଶିକ୍ଷାନୁଷ୍ଠାନ ର ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ମାନେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ । ଜଗନ୍ନାଥ ପବ୍ଲିକ୍ ସ୍କୁଲର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ପାଣିଗ୍ରାହୀଙ୍କ ତମାମ୍ ଜୀବନର ସଂଗ୍ରାମ, ଅନୁଭୂତି ର ଭାଗିଦାରୀ ସମ୍ପର୍କରେ ପ୍ରେରଣା ପ୍ରଦ ବକ୍ତବ୍ୟ ରଖିଥିଲେ ସ୍କୁଲ୍ ର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ କବି ଶ୍ରୀଦେବ ପୌରହିତ୍ୟ କରିଥିଲେ । ସମ୍ପାଦିକା ଶ୍ରୀମତୀ ଜୟନ୍ତୀ ପାଣିଗ୍ରାହୀ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ । ସମ୍ମାନିତ ଅତିଥିଭାବେ ଶିଳ୍ପୀ କେଶୁ ଦାସ, ଆଇନଜୀବୀ ମନୋଜ କୁମାର ନାୟକ, ସମାଜସେବୀ ଶ୍ରୀମତୀ ଅନସୂୟା ନାୟକ, ସ୍କୁଲର ପରିଚାଳକ ଗୋପାଳ ଚନ୍ଦ୍ର ମହାପାତ୍ର ଯୋଗଦେଇ ତାଙ୍କ ଅଭିଭାଷଣରେ ପିଲାଙ୍କର ସାମଗ୍ରିକ ବିକାଶ ଏବଂ ଭଲ ମଣିଷ ହେବା ଦିଗରେ ଅଭିଭାବକ ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଶେଷରେ ସ୍କୁଲର ଅଧକ୍ଷା ଶ୍ରୀମତୀ ସରୋଜିନୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଉତ୍ସବରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଖେଳ, ପ୍ରୋଜେକ୍ଟ ୱାର୍କ, ମ୍ୟୁଜିକ୍ ଚେୟାର ବକ୍ତୃତା, ଗୀତ, ନାଚ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବେଳେ ଅଭିଭାବକ ମାନଙ୍କ ମଧ୍ୟରେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ସମ୍ପର୍କିତ ବକ୍ତୃତା ଏବଂ ରଙ୍ଗୋଲୀ ପ୍ରତିଯୋଗିତା ନଳିନୀକାନ୍ତ ଦାସ, ଜିତେନ୍ଦ୍ର ବେହେରା ଓ ଅନିରୁଦ୍ଧ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା । ସମସ୍ତ ସଫଳ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଉକ୍ତ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ଦିଗରେ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ରାମଚନ୍ଦ୍ର ପାଣିଗ୍ରାହୀ, ଜ୍ୟୋତିର୍ମୟୀ ଶତପଥୀ, ମୋନାଲିସା ପଣ୍ଡା, ସନ୍ତୋଷ କୁମାର ପଣ୍ଡା, ଶ୍ରୀରାମ, ପ୍ରଣୀତା ଅଗସ୍ତି, ସସ୍ମିତା ଆଚାର୍ଯ୍ୟ, ଅର୍ପିତା ନାୟକ, କବିତା ବେହେରା, ଲତିକା ରୟ, ନିବେଦିତା ସାମଲ, ପ୍ରିୟା ପାଲ, ଜ୍ୟୋତିଷ ଦେ, ସୌରଭ କୁମାର କର, ରଜତ ଦାସ ଅଧିକାରୀ, ପ୍ରିତି ସୁନ୍ଦର ସେନ୍, ଅମରଜିତ୍ ଜେନା, ଜ୍ଞାନ ପ୍ରକାଶ ପାଣିଗ୍ରାହୀ, ହରିହର ବେହେରା, ପ୍ରମୁଖ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ସମସ୍ତ ସହଯୋଗ କରିଥିଲେ ।

## ଯୁବଶକ୍ତି ହିଁ ଦେଶ ଗଠନର କର୍ଣ୍ଣଧାର : ଫିଆଟ ଲକ୍ସ କ୍ଲବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ନୀଳଗିରି, ୨୮/୦୧ (ନି.ପ୍ର): ନୀଳଗିରିର ଅଗ୍ରଣୀ ସ୍ୱେଚ୍ଛାସେବୀ ଫିଆଟ ଲକ୍ସ କ୍ଲବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ମଂଚାସୀନ ରହି ଯୁବଶକ୍ତି ହିଁ ଦେଶ ଗଠନର କର୍ଣ୍ଣଧାର ବୋଲି ନିଜ ବକ୍ତବ୍ୟରେ ପ୍ରତିପାଦିତ କରିଥିଲେ । ନୀଳଗିରି କେ.ସି. ହାଇସ୍କୁଲ ପଡ଼ିଆ ପରିସରରେ ଆୟୋଜିତ ଫିଆଟ ଲକ୍ସ ମହୋତ୍ସବର ୨ୟ ସନ୍ଧ୍ୟାରେ ମୁଖ୍ୟ ବକ୍ତା ଭାବେ ନୀଳଗିରିର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ ମଂଚାସୀନ ରହି କ୍ଲବର ବିଭିନ୍ନ ପ୍ରକାର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ପ୍ରତି ଗାଁରେ କୋଣ ଅନୁକୋଣରେ ନିଜ ସେବା ଜାରି ରଖିବା ପାଇଁ ନିବେଦନ କରିଥିଲେ । କ୍ଲବର ସଭାପତି ଉଦୟଜ୍ୟୋତି ମହାନ୍ତି ମଂଚାସୀନ ରହି ବହୁ ଘାତ ପ୍ରତିଘାତ ଭିତରେ ଗତି କରି ଆଜି ନୀଳଗିରି ଉପଖଣ୍ଡରେ ୧ନଂ କ୍ଲବ ଭାବେ ନିଜର ସେବା ଜାରି ରଖିଛୁ । ସଂପାଦକ ସବ୍ୟସାଚୀ ମହାପାତ୍ର ମଂଚାସୀନ ରହି ଆମ୍ଭ କ୍ଲବର ୧୪୭ଜଣ ସଦସ୍ୟ ରହିଥିବା ବେଳେ ଫିଆଟ ଲକ୍ସ କ୍ଲବ ଆଉ କ୍ଲବ ନୁହେଁ ଏକ ପରିବାରରେ ପରିଣତ ହୋଇଥିବାର ପ୍ରକାଶ କରିଥିଲେ । ଉପସଭାପତି ତାପସ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଦିବ୍ୟାଂଶୀ, ରାଜନନ୍ଦନୀ, ସରୋଜ ଜେନା, ପରେଶ ପତିଙ୍କ ମନଛୁଆ ଗୀତ ଦର୍ଶକଙ୍କୁ ବେଶ୍ ମୁଗ୍ଧ କରିଥିଲା । କମେଡିଆନ ନଟିଆ ଓ ସାଥୀଙ୍କ କମେଡି ଦର୍ଶକଙ୍କୁ ହସାଇ ବେଦମ୍ କରି ପକାଇଥିଲା । ହଜାର ହଜାର ଦର୍ଶକ ୨ୟ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ବେଶ ଉପଭୋଗ କରିଥିଲେ ।

## ଗଜେନ୍ଦ୍ର ନାଥ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ବାଲେଶ୍ୱର, ୨୮/୦୧ (ନି.ପ୍ର): ବରୁଣସିଂ ପଞ୍ଚାୟତର ରୂପାଲୀ ପଡ଼ିଆରେ ଗଜେନ୍ଦ୍ରନାଥ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ୨ୟ ଦିବସରେ ଉଦ୍‌ଘାଟିତ ହୋଇଯାଇଛି । ବରୁଣସିଂ ଗ୍ରା:ପ:ର ନୀଳଗିରି ରୋଡ଼ ଯୁବକ ସଂଘ ଆନୁକୂଲ୍ୟରେ ଚଳିତ ଖେଳ ଭଦ୍ରକ ଓ ଲକ୍ଷ୍ମଣନାଥ ଟିମ୍ ମଧ୍ୟରେ ଆରମ୍ଭ ହୋଇଥିଲା । ଅତିଥି ଭାବରେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ନୀଳଗିରି ରୋଡ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋପବଂଧୁ ଦାସ, ସମାଦ ସେବୀ ମାର୍କଣ୍ଡ ଚରଣ ସେଠୀ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ଖେଳାଳୀ ଓ ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ । କ୍ଲବର ସଭାପତି କାହ୍ନୁଚରଣ ପାଣିଗ୍ରାହୀ, ଶଶୀକାନ୍ତ ପରିଡ଼ା, ଅଞ୍ଜନ ଚାନ୍ଦ, ବୀରେନ୍ଦ୍ର ରାଉତ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ । ଖେଳ ଶେଷରେ ଲକ୍ଷ୍ମଣନାଥଟିମ ୨୫୦-ରେ ବିଜୟୀ ହୋଇଥିଲେ । ତିନିଜଣ ପୂର୍ବତନ କ୍ଲବ ବରିଷ୍ଠ ସଦସ୍ୟଙ୍କୁ ଅଙ୍ଗବସ୍ତ୍ର ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଫାଇନାଲରେ ବିଦେଶଙ୍କୁ ୧୫ ଓ ରନରସ୍ ଅପ୍‌କୁ ଯଥାକ୍ରମେ ୧୫ ହଜାର ନଗଦ ଅର୍ଥ ପୁରସ୍କାର ପ୍ରଦାନ ସହ ବହୁ ଦର୍ଶକ ଏହି ଖେଳକୁ ଆଗ୍ରହର ସହିତ ଉପଭୋଗ କରିଥିଲେ ।

## ଗୋପବନ୍ଧୁନଗର ପ୍ରେସ କ୍ଲବର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ

ଉଦଳା, ୨୮/୦୧ (ନି.ପ୍ର): ଏକ ଶୃଙ୍ଖଳିତ ପ୍ରେସ କ୍ଲବ ଭାବରେ ସମଗ୍ର ଜିଲ୍ଲାରେ ନିଜର ପରିଚୟ ସୃଷ୍ଟି କରିଥିବା ଗୋପବନ୍ଧୁନଗର ବ୍ଲକ ପ୍ରେସ କ୍ଲବର ଚତୁର୍ଥ ବାର୍ଷିକ ଉତ୍ସବ ଚଳିତ ଜାନୁଆରୀ ୨୭ ତାରିଖ ଶୁକ୍ରବାର ଦିନ ପୁରୁଣା ବାରିପଦା ଗ୍ରାମପଂଚାୟତ କାର୍ଯ୍ୟାଳୟର ବୈଠକ ଗୃହ ପରିସରରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର, ସାଧାରଣ ସଭା ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଭାତରେ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ସମସ୍ତ ଅତିଥି ଓ କ୍ଲବର ସଦସ୍ୟ ବୃନ୍ଦ ଉତ୍କଳମଣି ଗୋପବନ୍ଧୁଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରିଥିଲେ । ଏହାପରେ ସମସ୍ତେ ଏକ ସ୍ୱରରେ 'ବନ୍ଦେ ଉତ୍କଳ ଜନନୀ...' ଗାନ କରିଥିଲେ । ପରେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତାଙ୍କ ଅଧ୍ୟକ୍ଷତାରେ 'ଦେଶରେ ଗଣତନ୍ତ୍ର ଶାସନକୁ ବଂଚାଇ ରଖିବା ଓ ଗଣତାନ୍ତ୍ରୀକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଗଣମାଧ୍ୟମର ଭୂମିକା' ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚକ ଭାବରେ ସାମ୍ବାଦିକ ରଂଜନ କୁମାର ମଢୁଆଳ, ଚିତରଂଜନ ଦଳେଇ, ଦୀପକ ଚୌଧୁରୀ, ସମ୍ବିତ ରାଉତ, ଶାନ୍ତନୁ ମଢୁଆଳ ଓ ହିରେନ ରାୟ ପ୍ରମୁଖ ଅଂଶ ଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ କ୍ଲବର ସଂପାଦକ ଡ଼. କୁମାର ବାବୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପିନାଥ ପଣ୍ଡା, ଗୋପବନ୍ଧୁନଗର ତହସିଲଦାର ବିଶ୍ୱ ରଂଜନ ମହାନ୍ତି, ଗୋପବନ୍ଧୁନଗର ବ୍ଲକ ଶିକ୍ଷାଧିକାରୀ ଡ଼କ୍ଟର ଅଭିମନ୍ୟୁ ସେଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରମୋହନ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ସାମ୍ବାଦିକତା ଜୀବନ ଦୁଃଖଦାୟକ, ତଥାପି ଅନ୍ୟର ମୁଖରେ ହସ ଫୁଟାଇବା ପାଇଁ ସାମ୍ବାଦିକ ମାନେ କିପରି ତତ୍ପରତା ପ୍ରକାଶ କରନ୍ତି ବିସ୍ତୃତ ବର୍ଣ୍ଣନା କରିଥିଲେ । ଶେଷରେ ସାମ୍ବାଦିକା ସୂର୍ଯ୍ୟକାନ୍ତି ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ : ଦ୍ୱିତୀୟ ଦିବସରେ ଭଦ୍ରକର ଜେସିସି ଓ ଡିଆରକେ ବାରିପଦା ବିଜୟୀ



ଭଦ୍ରକ, ୨୮/୦୧ (ନି.ପ୍ର): ଭଦ୍ରକ ଚରମ୍ପା ରେଲୱେ ଗ୍ରାଉଣ୍ଡ ଠାରେ ଚାଲିଥିବା ରାଜ୍ୟସ୍ତରୀୟ ମହାବୀର କପ୍‌ର ଦିଦ୍ୱୀୟ ଦିବସରେ ଭଦ୍ରକର ଜେସିସି ଓ ବାରିପଦାର ଡିଆରକେ ଦଳ ବଜୟୀ ହୋଇଛି । ବାସନ୍ତୀ ଇନଫ୍ରାଟେଲ ଆନୁକୂଲ୍ୟରେ ଟି-୨୦ ଫର୍ମାଟରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଂଟର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ପ୍ରଥମ ମ୍ୟାଚ ଜଗନ୍ନାଥପୁରର ଜେସିସି କ୍ଲବ ଚରମ୍ପା ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ ଜିଣି ପ୍ରଥମେ ବ୍ୟାଟିଂ କରି ଜେସିସି ୧୯.୪ ଓଭରରେ ସମସ୍ତ ୱିକେଟ ହରାଇ ୧୮୭ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଂଶୁମାନ ମହାନ୍ତି ୫୬ ଓ ସତ୍ୟାକାମ୍ ଭରଦ୍ୱାଜ ୨୮ ରନ ସଂଗ୍ରହ କରିଥିବାବେଳେ, ପ୍ରତିପକ୍ଷ ବୋଲର ଆଶୁତୋଷ ମାରାଣ୍ଡି ଓ ବି ଜେନା ପ୍ରତ୍ୟେକ ୩ଟି କରି ୱିକେଟ ନେଇଥିଲେ । ଏହାର ଜବାବରେ ଚରମ୍ପା ଏକାଡେମୀ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୫୨ ରନ କରି ପରାଜିତ ହୋଇଥିଲା । ଦଳ ପକ୍ଷରୁ ପ୍ରିତୀରଂଜନ ନାୟକ ୩୪ ଓ ରାଜେଶ ବଳ ୩୦ ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ଜେସିସି ଦଳର ସତ୍ୟାକାମ ଭରଦ୍ୱାଜ ୩ ଓ ନନ୍ଦ ମୁଣ୍ଡା ୨ଟି ୱିକେଟ ନେଇଥିଲେ । ସତ୍ରାକାମଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଉକ୍ତ ମ୍ୟାଚକୁ ବାପିନି ପାଣୀ ଓ ଦେବବ୍ରତ ରାଉତରାୟ ପରିଚାଳନା କରିଥିଲେ । କମର ଅଞ୍ଜୁମ ଖାନ ଓ ଅପର୍ଣ୍ଣା ରାଉତ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ସେହିପରି ଦ୍ୱିତୀୟ ମ୍ୟାଚ ବାଲେଶ୍ୱରର ୟୁ ଏଣ୍ଡ ମି ଓ ବାରିପଦାର ଡିଆରକେ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୟୁ ଏଣ୍ଡ ମି ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ୱିକେଟ ହରାଇ ୧୩୫ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୩୫ ଓ ଦେବାଶିଶ ମହାନ୍ତି ୨୫ ରନ ସଂଗ୍ରହ କରିଥିବାବେଳେ, ଡିଆରକେ ଦଳର ସୁଶାନ୍ତ ଦାସ ୩ ଓ ଅନୁପ ପାଲ ୨ ଟି ୱିକେଟ ନେଇଥିଲା । ଏହାର ପ୍ରତ୍ୟୁତ୍ତରରେ ଡିଆରକେ ଦଳ ମାତ୍ର ୧୩.୫ ଓଭରରେ ୬ ୱିକେଟ ହରାଇ ୧୩୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ଉପେନ୍ଦ୍ର ନାୟକ ୩୪ ଓ ମନୋରମ ୨୫ ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ବୋଲର ଗୁରୁ ଦରପକ ୩ ଓ ଲୋକନାଥ ୨ଟି ୱିକେଟ ନେଇଥିଲେ । ଉକ୍ତ ମ୍ୟାଚରେ ସୁଶାନ୍ତ ଦାସଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା ।

## ବିଦ୍ୟାର୍ଥୀଙ୍କୁ ଉଭୟ ପାଶ୍ଚାତ୍ୟ ଓ ବୈଦିକ ସଂସ୍କୃତିର ଶିକ୍ଷା ନେବାକୁ ପଡିବ-ଡକ୍ଟର ଚନ୍ଦ୍ର କୁମାର

ଉଦଳା, ୨୮/୦୧ (ନି.ପ୍ର): ବିଦ୍ୟା ପରି ଅମୂଲ୍ୟ ସମ୍ପଦ ଆଉ ଜଗତରେ କିଛି ନାହିଁ, ସଂସାରରେ ଯେତେସବୁ ପଦାର୍ଥ ଅଛି ସେମାନଙ୍କୁ ଜାଣିବାର ଜ୍ଞାନ ବିଦ୍ୟାରୁ ହିଁ ଆସିଥାଏ । ବିଦ୍ୟା ଶାସ୍ତ୍ର, କଳା, କୌଶଳ ଓ ଭାଷା ମାନଙ୍କର ଜ୍ଞାନ ପ୍ରଦାନ କରିଥାଏ । ବିଦ୍ୟା ଅଧ୍ୟୟନର ପ୍ରକୃଷ୍ଟ ସମୟ ନଥିଲେ ହେଁ ବାଳକ ଅବସ୍ଥା ସଠିକ କାରଣ ଏ ଅବସ୍ଥାରେ ବିଦ୍ୟା ଅଭ୍ୟାସ କରିବା ବହୁତ ସରଳ, ତେଣୁ ବାଲ୍ୟବସ୍ଥାରେ ଯେଉଁ ପିଲା ବିଦ୍ୟାଭ୍ୟାସ ନକରେ ତାକୁ ପରେ ପଶ୍ଚାତ୍ତାପ କରିବାକୁ ପଡେ । ଆଜିର ବିଦ୍ୟା କେବଳ ଅର୍ଥ ରୋଜଗାରର ମାଧ୍ୟମ ହୋଇଗଲାଣି । କେଉଁ ପାଠ




ପଢିଲେ ଅଧିକରୁ ଅଧିକ ଉପାର୍ଜନ ହୋଇପାରିବ ସେହି ଶିକ୍ଷାପ୍ରତି ବିଦ୍ୟାର୍ଥୀ ଏବଂ ଅଭିଭାବକମାନେ ମନୋନିବେଶ କରୁଛନ୍ତି ଫଳରେ ବିଦ୍ୟାର୍ଥୀ ଲୌକିକ ଶିକ୍ଷାଠାରୁ ଦୂରକୁ ପଳାଇ ଯାଉଛି । ପିଲାମାନଙ୍କୁ ପାଶ୍ଚାତ୍ୟ ଭାଷା, ବେଶ ସଭ୍ୟତା ଭଲଲାଗୁଥିବାକାରଣରୁସେମାନେ କ୍ରମେ ଆମର ବୈଦିକ ସଂସ୍କୃତି ଠାରୁ ଦୂରେଇ ଯାଉଛନ୍ତି ଯାହା ଆମ ସଂସ୍କୃତି ଉପରେ ଭୟଙ୍କର ପ୍ରଭାବ ପକାଉଛି । ଏଣୁ ଏବେ ସମୟ ଆସିଛି ଆବଶ୍ୟକତା ଅନୁସାରେ ବିଦ୍ୟାର୍ଥୀଙ୍କୁ ଉଭୟ ପାଶ୍ଚାତ୍ୟ ଓ ବୈଦିକ ସଂସ୍କୃତିର ଶିକ୍ଷା ନେବାକୁ ପଡିବ ବୋଲି ଆଜି ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ମତ ବ୍ୟକ୍ତ କରିଅଛନ୍ତି । ଅତିଥିଗଣଙ୍କୁ ଛାତ୍ରଛାତ୍ରୀମାନେ ମାନବ ଶୃଙ୍ଖଳ ଜରିଆରେ ପୁଷ୍ପବୃଷ୍ଟି ପୂର୍ବକ ମଞ୍ଚକୁ ପାଛୋଟି ନେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ର କୁମାର ପଟ୍ଟନାୟକଙ୍କ ସାଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଅତିଥିଗଣ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍ଘାଟନ କରିଥିଲେ । ଅଧ୍ୟାପକ ସନ୍ତୋଷ କୁମାର ମହାନ୍ତିଙ୍କ ସଂଯୋଜନା ସ୍ୱାଗତ ସଙ୍ଗୀତ ଗାନ ପରେ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ଅଧ୍ୟାପକ ନିରଂଜନ ମହାନ୍ତି ଓ ବିଭୁରଂଜନ ବିଶ୍ୱାଳ ପାଠ କରିଥିଲେ । ମୁଖ୍ୟ ଅତିଥି ଭାବରେ ଉଦଳା ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ମଢେଇ ଯୋଗଦେଇ ମୟୂରଭଞ୍ଜ ମାଟିର ମାଦକତା, ଗୀତ ଗାଉଥିବା ଝରଣା ସର୍ବୋପରି ଏଠାକାର ମନୁଷ୍ୟଙ୍କ ମାନବିକତା ସମ୍ପର୍କରେ ବଖାଣିବା ସହ ଛାତ୍ରଛାତ୍ରୀଙ୍କ ଅନୁରୋଧ କ୍ରମେ ସଙ୍ଗୀତ ଗାନ କରିଥିଲେ । ମୁଖ୍ୟ ବକ୍ତାଭାବରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ନର୍ଥଜୋନର ଡେପୁଟି ସେକ୍ରେଟେରୀ ଡକ୍ଟର ଜୟଦେବ ପରମାଣିକ ଯୋଗଦେଇ ଛାତ୍ରଛାତ୍ରୀମାନେ ସୋସିଆଲ ମିଡିଆରେ ଅଧିକ ସମୟ ଅତିବାହିତ ନକରି ପାଠପ୍ରତି ଧ୍ୟାନ ଦେବା ଉଚିତ ଏବଂ ପରୀକ୍ଷା ସମୟରେ ଅଧିକ ମାନସିକ ଚାପ ନନେଇ ବରଂ ପରୀକ୍ଷାକୁ ଉତ୍ସବ ଭାବରେ ଗ୍ରହଣ କରିବା ଉଚିତ ବୋଲି ମତ ରଖିଥିଲେ ।

ଧ୍ୱନି ପ୍ରତିଧ୍ୱନି

# ଭୈରବୀ ନୋବୁଲ ଆୱାର୍ଡ ୨୦୨୩ ଉଦ୍‌ଯାପିତ

ବାସୁଦେବପୁର,୨୮/୦୧ : ବାସୁଦେବପୁର ଅଟଳବିହାରୀ ଉଚ୍ଚ ବିଦ୍ୟାଳୟ ଠାରେ ଭୈରବୀ ନୋବୁଲ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୁଲ୍ୟରେ ଭୈରବୀ ନୋବୁଲ ଆୱାର୍ଡ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ଅନୁଷ୍ଠାନର ସଭାପତି ଅଧ୍ୟାପକ ରମେଶଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବରେ ସମାଜ ଉ ର ଓଡିଶା ସଂସ୍କରଣର ବ୍ୟୁରୋଚିଫ କୁଳମଣୀ ବାରିକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଦେଶ୍ୟରେ ନିଜର ମତପୋଷଣ କରିଥିଲେ । ମୁଖ୍ୟ ଅତିଥି ଭାବରେଅଟଳବିହାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ରେବତିକାନ୍ତ ପାଢୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଟ୍ରଷ୍ଟ ପ୍ରତିଷ୍ଠାତା ଖଗେନ୍ଦ୍ର ପ୍ରସାଦ ମହାନ୍ତି ଅନ୍ୟତମ ଅତିଥି ଭାବରେ ଯୋଗଦେଇ ନିଜର ମତପୋଷଣ କରିଥିବା ସହିତ ଅନୁଷ୍ଠାନର ସଂପାଦକ ଗୌତମ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସଂପାଦକୀୟ ବିବରଣୀ ପାଠ କରିଥିଲେ । ଶେଷରେ ୨୦୨୨ ମସିହା ମ୍ୟାଟ୍ରିକ ପରୀକ୍ଷା ସର୍ବୋଚ୍ଚ ନମ୍ବର ରଖିଥିବା ଦଶଜଣ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ତେବେ



କରୋନା ମହାମାରୀ ପାଇଁ ଏହି ଆୱାର୍ଡ ପ୍ରଦାନ କରାଯାଇନଥିବା ବେଳେ ଆଜିର ଉତ୍ସବରେ ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା । ଶେଷରେ ସମାଜସେବୀ ଶଶାଙ୍କ ଶେଖର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ମହେଶ୍ୱର ଧଳ, ସୁବ୍ରତ ଧଳ, ସମ୍ବିତ ମହାନ୍ତି, ଚିରଞ୍ଜିବ ଭୋଇ, ପ୍ରିୟଙ୍କାପ୍ରିୟଦର୍ଶନୀ ମଲ୍ଲିକପ୍ରମୁଖ ଏହି ଉତ୍ସବକୁ ପରିଚ୍ଳନା କରିବାରେ ସହଯୋଗ କରିଥିଲେ ।

## ପ୍ରହଲ୍ଲାଦ ପ୍ରସାଦ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଖଇରା,୨୮/୦୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଟିଣାସ୍ଥିତ ପ୍ରହଲ୍ଲାଦ ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବ ସଭା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି,ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଭାସ ରଞ୍ଜନ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପରିଚାଳନା କମିଟିର ସଭାପତି ରାଧାଶ୍ୟାମ ମହାପାତ୍ର,ସ୍ଥାନୀୟ ସରପଞ୍ଚ ବ । ସ ନ୍ତ ି ଲ ତ । ମହାନ୍ତି,ସମିତିସଭ୍ୟା ଛବିଳତା ମହାପାତ୍ର,ସୁନ୍ଦରପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଗଗନଚନ୍ଦ୍ର ଧର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସହକାରୀ ଶିକ୍ଷକ ନିରଞ୍ଜନ ଦାସ ଅତିଥି ପରିଚୟ ଓ ପ୍ରତ୍ୟୁଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା ।ମଞ୍ଜୁଲତା ଖିଲାର,ଅମ୍ରିତା ଚିନ୍ମୟୀ ବେହେରା,ଦିପ୍ତି ରାଣି ବେହେରା,କୃପାସିନ୍ଧୁ ଜେନା,ଭବାନୀଶଙ୍କର ପଣ୍ଡା, ବିଜୟଲକ୍ଷ୍ମୀ ସାହୁ,ବନ୍ଦନା ନାୟକ,ସସ୍ମିତା ନାଥ,ଶୁଭଶ୍ରୀ ପାତ୍ର ତଥା ଶିକ୍ଷାକର୍ମୀ ସନାତନ ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ ।

## ଖଇରା କଲେଜରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଖଇରା,୨୮/୦୧ (ନି.ପ୍ର): ବାଲେଶ୍ୱର ଜିଲା ର ଖ୍ୟାତି ସମ୍ପର୍ଣ୍ଣ ଖଇରା ମହାବିଦ୍ୟାଳୟରେ ୪ତାରିଖରୁ ଆରମ୍ଭ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ୨୪ତାରିଖ ଦିନ ଉଦ୍‌ଯାପିତ ହୋଇ ଯାଇଛି ।କଳାବାଣିଜ୍ୟ ଓ ବିଜ୍ଞାନ ବିଭାଗର ୩୨୭ଜଣ ଛାତ୍ରୀ ଏଥିରେ ଅଂଶ ଗ୍ରହଣ କରି ପ୍ରଶିକ୍ଷିକା ଜୟଶ୍ରୀ ମହଲା ଓ ସୁନିତା ଗୁଣ୍ଡୁୱାଲାଙ୍କ ଠାରୁ ବିଭିନ୍ନ କୌଶଳ ଶିଖିଥିଲେ । ଜିଲା ପର୍ଯ୍ୟବେକ୍ଷଣ କମିଟିର ଜିଲା ସଂଯୋଜକ ଡଃ ସନ୍ତୋଷ କୁମାର ରାଉତ ୨୧ତାରିଖରେ ଯୋଗ ଦେଇ ସନ୍ତୋଷ ପ୍ରକାଶ କରିଥିଲେ । ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷ ଅରୁଣ କୁମାର ପାଢୀ ଓ କାର୍ଯ୍ୟକ୍ରମ ସଂଯୋଜିକା ଆଲିଶା ମହାନ୍ତି ଯୋଗ ଦେଇ ସମସ୍ତ ଅବିରାର୍ଥୀନୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ବାଲେଶ୍ୱର,୨୮/୦୧ (ନି.ପ୍ର): ବାଲେଶ୍ୱର ସହର ରିଜର୍ଭ ପୋଲିସ୍ ପଡ଼ିଆ ଠାରେ ଜିଲ୍ଲାସ୍ତରୀୟ ୭୪ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ । ସେ କହିଥିଲେ, ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ସହ ସ୍ୱତନ୍ତ୍ର ଭାଷାଭିତ୍ତିକ ଉତ୍କଳ ପ୍ରଦେଶ ଗଠନରେ ଏହି ମାଟି ସୁଯୋଗ୍ୟ ସନ୍ତାନ ଫକୀରମୋହନ ସେନାପତିଙ୍କ ସମେତ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କବି ବାଂଛାନିଧି ମହାନ୍ତି, ଡ. ହରେକୃଷ୍ଣ ମହତାବ, କବି ଦୀନକୃଷ୍ଣ ଦାସ ପ୍ରମୁଖଙ୍କ ଅବଦାନ ଚିରସ୍ମରଣୀୟ । ଏହି ସମାରୋହରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । କୋଭିଡ ସଂକ୍ରମଣଜନିତ ରାଜ୍ୟ ସରକାରଙ୍କ କଟକଣା ହଟିଯାଇଥିବାରୁ ଦୁଇବର୍ଷର ବ୍ୟବଧାନ ପରେ ପୋଲିସ୍, ଏନସିସି, ସ୍କାଉଟ୍‌ଗାଇଡ, ରେଡକ୍ରସ୍ ଓ ସାଧାରଣ ବର୍ଗର ସ୍କୁଲ କଲେଜକୁ ମିଶାଇ ମୋଟ ୪୩ଟି ଗ୍ରୁପ ସମେତ ପୋଲିସ୍ ବ୍ୟାଣ୍ଡ ଯୋଗ ଦେଇଥିଲେ । ରିଜର୍ଭ ଇନ୍ସପେକ୍ଟର ବିରେନ କୁମାର ବେହେରା ରାଷ୍ଟ୍ରୀୟ ସାଲ୍ୟୁଟ୍ ନେତୃତତ୍ୱ ନେଇଥିବା ବେଳେ ତାଙ୍କୁ ସେକେଣ୍ଡ-ଇନ-କମାଣ୍ଡ ରାଜୀବ କୁମାର ମାରାଣ୍ଡି ସହଯୋଗ କରିଥିଲେ । ପରେଡ୍ ଟିମ୍‌ଙ୍କ ପଛେ ପଛେ ପ୍ରରିରକ୍ଷା ବିଭାଗର ଅର୍ଜୁନ ଟ୍ୟାଙ୍କ ଓ ସମଗ୍ର ଶିକ୍ଷା ଅଭିଯାନର ପ୍ରଜ୍ଞାପନ ରଥ ପଡ଼ିଆରେ ପ୍ରଦର୍ଶିତ ହୋଇଥିଲା । ପୂର୍ବରୁ ଚୟନ ହୋଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ୭ଟି ଟିମ୍ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଗୋପାଳ ଗାଁ ବୀର ବଜରଙ୍ଗ ବ୍ୟାୟାମଗାରର ସଦସ୍ୟଙ୍କ ସମରକଳା ପ୍ରଦର୍ଶିତ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିପ୍ଳବ କୁମାର ମହାନ୍ତି ଓ ରଞ୍ଜନ ବାଗଙ୍କ ସମେତ କ୍ରୀଡ଼ାବିତ୍ ବ୍ରତତୀ ବିଶ୍ୱପ୍ରଭା ପତିଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ପରେଡରେ ଶ୍ରେଷ୍ଠ ବିବେଚିତ ଟିମ୍, ଶ୍ରେଷ୍ଠ ବିବେଚିତ ସାଂସ୍କୃତିକ ଗ୍ରୁପ୍‌କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଏଥିସହିତ ସ୍ୱାବଲମ୍ବୀ ହେବା ନିମନ୍ତେ ଜିଲ୍ଲାର ୨୨ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ମନ୍ତ୍ରୀ ଦାଶ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଉପଜିଲ୍ଲାପାଳ କୁନାଲ ମୋତିରାମ ଚୌହାନଙ୍କ ସମେତ ଅନ୍ୟାନ୍ୟ ପରିଷ୍ଠ ଅଧିକାରୀ ମାନ୍ୟଗଣ୍ୟ ଅତିଥି ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଜିଲ୍ଲଶ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ମୂୟାଁ ଉତ୍ସବକୁ ପରିଚାଳନା କରିଥିଲେ ।

# ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପାଳିତ ହେଲା ଶ୍ରୀଧର ସ୍ୱାମୀ ଜୟନ୍ତୀ



ବାଲେଶ୍ୱର,୨୮/୦୧ (ନି.ପ୍ର): ଚତୁର୍ଦ୍ଦଶ ଶତାବ୍ଦୀର ଆଦ୍ୟ ଭାଗରେ ବାଲେଶ୍ୱର ଜିଲ୍ଲାର ରେମୁଣା ମୟୂର ଗ୍ରାମରେ ଜନ୍ମିତ ମହାନ ଟୀକାକାର ଯେକି ଭବାର୍ଥ ଦୀପିକା ଓ ସୁବୋଧ ଦାୟିନୀଟୀକା ସମେତ ୨୬ଖଣ୍ଡ ଜ୍ଞାନ ଭକ୍ତି ମିଶ୍ରିତା ଆଧାତ୍ମିକ ଗ୍ରନ୍ଥର ପ୍ରଣେତାଙ୍କ ପୁଣ୍ୟ ଜନ୍ତୟୀ ଆଜି ସନ୍ଧ୍ୟାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରୀଧରସ୍ୱାମୀ ସ୍ମୃତି ପରିଷଦ ମିଳିତ ଭାବରେ ଆୟୋଜିତ କରାଯାଇଥିଲା । ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ । ଶ୍ରୀ ତ୍ରିପାଠୀ ଉଦ୍‌ଘାଟନ କରି ନିଜର ବକ୍ତବ୍ୟରେ ପ୍ରସ୍ତାବ ଆସିଥିବା ଶ୍ରୀଧର ସ୍ୱାମୀଙ୍କ ପ୍ରତିମୂର୍ତ୍ତି ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପନ ସହ ତାଙ୍କର ଗ୍ରନ୍ଥାବଳୀ ପ୍ରକାଶ କରିବ ବୋଲି ଘୋଷଣା କରିବା ପରେ ସମବେତ ଶତାଧିକ ଜନତା ଉତ୍‌ଫୁଲ୍ଲିତ ହୋଇଥିଲେ । ସାହିତ୍ୟ ଏକାଡେମୀର ବାଲେଶ୍ୱର ଜିଲ୍ଲା ପ୍ରତିନିଧି କବି ଭରତଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟ ସଦସ୍ୟ କବି କାଳୀପଦ ପଣ୍ଡା, ପ୍ରାଧ୍ୟାପକ କୀର୍ତ୍ତନ ବିହାରୀ ଦାଶ ଯୋଗଦେଇ ଶ୍ରୀଧର ସ୍ୱାମୀଙ୍କ ଅବଦାନ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ମୃତି ପରିଷଦର ସଭାପତି ଡ. ଭାଗବତ ପ୍ରସାଦ ଦାସ ସ୍ୱାଗତ ଭାଷଣ ଦେବା ସହ ସଂପାଦକ ହରେକୃଷ୍ଣ ପଣ୍ଡା ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ଗବେଷକ ହରେକୃଷ୍ଣ ଗିରିଙ୍କ ଦ୍ୱାରା ଲିଖିତ ଶ୍ରୀଧର ସ୍ୱାମୀଙ୍କ ସଂପର୍କରେ ଇଂରାଜୀ ପୁସ୍ତକକୁ କୁଳପତି ଉନ୍ମୋଚନ କରିଥିଲେ । ସାଂସ୍କୃତିକ ସଂପାଦକ ବିଜୟ ମହାକୁଡ଼ ଅତିଥି ପରିଚୟ ଦେବା ସହ ଧନ୍ୟବାଦ ଗୌରାଙ୍ଗ ଚନ୍ଦ୍ର ପଡ଼ିଆରୀ ଦେବା ସହ ମଙ୍ଗଳାଚରଣ ପାଠ କରିଥିଲେ ପଣ୍ଡିତ ଭବାନୀ ଶଙ୍କର ପତି । ଉତ୍ସବରେ ଡ. ଗିରିଜା ଶଙ୍କର ପତି, ଡ. ସସ୍ମିତା ବାରିକ, କୁମାରୀ ମନ୍ଦାକିନୀ ସିଂ, ରାଜେନ୍ଦ୍ର କୁମାର ପାଣିଗ୍ରାହୀଙ୍କୁ ଉତ୍ତରୀୟ, ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ମୃତି ପରିଷଦର ସଦସ୍ୟଙ୍କ ସମେତ ଗ୍ରାମବାସୀ ଏବଂ ସ୍ଥାନୀୟ ସରପଞ୍ଚ କମଳଲୋଚନ ପଣ୍ଡା ଉତ୍ସବରେ ଉପସ୍ଥିତ ରହିଥିଲେ ।

# ନୀଳଗିରି ବନବିଭାଗ ଦ୍ୱାରା କାଠ ବୋଝେଇ ପିକ୍ ଅପ ଜବତ, ୨ ଗିରଫ



ନୀଳଗିରି, ୨୮/୦୧ (ନି.ପ୍ର): ବିଶେଷ ସୂତ୍ରରୁ ଖବର ପାଇ ବଣସୀମା ଅଂଚଳରୁ କାଠ ବୋଝେଇ ହୋଇ ଆସୁଥିବା ପିକ୍‌ଅପ ଭ୍ୟାନକୁ ପିଛା କରି ନୀଳଗିରି ପାନବଜରର ନିକଟରେ ବନବିଭାଗ ଅଟକ ରଖି ୨ଜଣକୁ ଗିରଫ କରିଥିବା ସୂଚନା ମିଳିଛି । ସୂଚନା ଅନୁଯାଇ ବଣସୀମା ଅଂଚଳରୁ ଏକ ପିକ୍‌ଅପ ଭ୍ୟାନରେ ୧୯ନଂ. ରାଜ୍ୟ ରାଜପଥ ଦେଇ ୭୧ ସିଫ୍ଟ ସିମିଳି ଗଣ୍ଡି ବୋଝେଇ କରି ଆସୁଥିବା ଖବର ପାଇ ନୀଳଗିରି ବନବିଭାଗ ଗୋହିରା ଠାରୁ ପିଛା କରି ନୀଳଗିରି ପାନବରଜ ରେ ଅଟକ ରଖି ୨ଜଣ ବେପାରୀଙ୍କୁ ଗିରଫ କରିଥିବା ଜଣାଯାଇଛି । ଗିରଫ ୨ଜଣ ହେଲେ କାହାଳିଆ ଅଂଚଳର ରାଜୁ ସିଂ ଓ ରଂଜିତ ସିଂ । ଏସ.ସି.ଏଫ.ଓ. ଦିଗନ୍ତ ଶୋଭନ ଗ୍ନନ୍ଦଙ୍କ ସହ ନୀଳଗିରି ରେଞ୍ଜର ଆଇସା ଏ ନିଶା, କୁଲଡିହା ରେଞ୍ଜର ଅନନ୍ତ କୁମାର ଜେନା, ନୀଳଗିରି ଫରେଷ୍ଟ ଗାର୍ଡ ସୁଲୋଚନା ବେହେରାଙ୍କ ସହ ସ୍କ୍ୱାର୍ଡ ଟିମ୍ ଏହି ଚଢ଼ାଉରେ ସାମିଲ ଥିଲେ ।

## ସରସ୍ୱତୀ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ

ବସ୍ତା,୨୮/୦୧ (ନି.ପ୍ର): ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ସନ୍ତୋଷପୁର ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ରେ ୧୩ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଙ୍ଘ ର ସଭ୍ୟ ସୁଶାନ୍ତ ପରିଡା ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ସଭାପତି ରାଧାକୃଷ୍ଣ ମାଝୀ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ କ୍ଷ ମୁଖ୍ୟ ବକ୍ତା ପୂର୍ବତନ ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ଗିରି, ସମ୍ମାନୀତ ଅତିଥି ଜଗନ୍ନାଥ ଗିରି, ଅନ୍ୟତମ ଅତିଥି ଭାବେ ବିକର୍ତ୍ତନ କବି, ରଂଜିତ ସାହୁ, ପ୍ରଶାନ୍ତ ପରିଡା, ସନ୍ତୋଷ ଦାସମହାପତ୍ର, ଅମରନାଥ ମହାପାତ୍ର, ତୋଫାନ ଟୁଡୁ ଯୋଗ ଦେଇ ପିଲାଙ୍କ ଭାବନା ସୁନ୍ଦର ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ବକ୍ତାମାନେ ମତବ୍ୟକ୍ତ ରଖିଥିଲେ । ପ୍ରଧାନ ଶିକ୍ଷକ ମନୋରଞ୍ଜନ ବେହେରା ଅତିଥି ପରିଚୟ, ଗୁରୁଜୀ ହରିଶ ଚନ୍ଦ୍ର ବେଦ ପାଠ ଓ ଗୁରୁମା ମମତା ରାଣି ଦାସ ବିବରଣୀ ପାଠ କରିଥିଲେ । ସମ୍ପାଦକ ପ୍ରଶାନ୍ତ କୁମାର କୁଣ୍ଡଙ୍କ ମଞ୍ଚ ସଂଯୋଜନକ୍ଷରେ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇ ଥିଲା । ଗୁରୁମା ସରସ୍ୱତୀ କର ଧନ୍ୟବାଦ ଅର୍ପଣ କରିଥିଲେ । କନକଲତା ଦାସ, ସଂଯୁକ୍ତା ପାତ୍ର, ଶଶୀକଳା ଦାସ, ଜଗତ ଗିରି, ସୁସ୍ମିତା ରେଡୀ, ଲକ୍ଷ୍ମୀ ମୁର୍ମୁ, ବିଦ୍ୟାଧର ମଣ୍ଡଳ, ତପନ ମୁଖୀ, ସ୍ମୃତିରେଖା ଗିରି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ । ଶେଷରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ 'ବାଲ୍ୟ ବିବାହ ବିରୋଧ' ନାଟକ ମଞ୍ଚସ୍ଥ କରିଥିଲେ ।

# ମୃତ ସମିତିସଭ୍ୟାଙ୍କୁ ଶେଷ ଦର୍ଶନ କଲେ ବିଧାୟକ

ଖଇରା,୨୮/୦୧ (ନି.ପ୍ର): ଶୁକ୍ରବାର ସଂଧ୍ୟାରେ ହୃଦଘାତରେ ପ୍ରାଣହରାଇଥିବା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ସମିତି ସଭ୍ୟା ମାଳତୀ ସେଠୀ(୫୦)ଙ୍କର ଶନିବାର ଶବବ୍ୟବଛେଦ କରାଯିବା ସହିତ ସାରଡାଙ୍ଗ ନିଆଯିବା ପରେ ଏକ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯାଇ ବାସଭବନ ନିଆଯାଇଥିଲା । ଅଲିପୁର, ହନ୍ନବାବୀ, ଦାମୋଦରପୁର, ଭୁଆଁଳଗଡିଆ, ବୁରେଇସାହି, ଆମ୍ବଗଡିଆ, ମିର୍ଜାପୁର, ସାରଡାଙ୍ଗ ଇତ୍ୟାଦି ଗ୍ରାମର ଆବାଳବୃଦ୍ଧ ବନିତା ତାଙ୍କ ପ୍ରିୟ ନେତ୍ରୀଙ୍କୁ ଅଶ୍ରୁଳ ବିଦାୟ ଦେଇଥିଲେ । ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଦିବଂଗତ ସମିତି



ସଭ୍ୟାଙ୍କୁ ଶେଷ ଦର୍ଶନ କରିବା ପରେ ତାଙ୍କ ସ୍ୱାମୀ ବୈକୁଣ୍ଠ ସେଠୀଙ୍କ ତଥା ଅନ୍ୟାନ୍ୟ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ।

# ବିଜେଡିର ପଂଚାୟତସ୍ତରୀୟ ସାଂଗଠନିକ ବୈଠକ : ବିରୋଧିଙ୍କ ମିଥ୍ୟା ପ୍ରଚାରର ମୁହଁତୋଡ ଜବାବ ଦେବାକୁ ବାସନ୍ତୀଙ୍କ ଆହ୍ୱାନ



ଖୋର୍ଦ୍ଧା, ୨୮/୦୧ (ନି.ପ୍ର): ଟାଙ୍ଗି ବ୍ଲକ ଡିଆ ପଂଚାୟତର କପିଳେଶ୍ୱର ଦେବଃଙ୍କ ପୀଠରେ ପଂଚାୟତସ୍ତରୀୟ ସାଂଗଠନିକ ବୈଠକ ମଧୁସୁଦନ ପଟ୍ଟଶାଣୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜୁ ମହିଳା ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ତୃଣମୂଳସ୍ତରରେ ଲୋକଙ୍କ ନିକଟରେ ନବୀନ ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ସଚେତନ କରିବା ସହିତ ବିରୋଧିଙ୍କ ମିଥ୍ୟା ପ୍ରଚାରର ମୁହଁତୋଡ ଜବାବ ଦେବାକୁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ରଞ୍ଜନ କୁମାରଦାଶ, ନିରଞ୍ଜନ ରାଉତରାୟ , ଲଛମନ ନାୟକଙ୍କ ଆବାହକତ୍ୱରେ ସମସ୍ତ କର୍ମୀମାନେ ଯୋଗଦେଇ ଆଗାମୀ ଦିନରେ ଶ୍ରୀମତୀ ମହାପାତ୍ରଙ୍କୁ ଆଗାମୀ ଦିନରେ ସହଯୋଗର ହାତ ବଢାଇବେ ବୋଲି ପ୍ରତିଶୃତି ଦଇଥିଲେ । ଏଥିରେ ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ । ଏହି ବଅସରରେ ପଂଚାୟତ କମିଟି ଗଠନ କରାଯାଇ ସଭାପତିଭାବେ ନିରଞ୍ଜନ ରାଉତରାୟଙ୍କୁ ମନୋନୀତ କରାଯାଇଥିଲା । ଶେଷରେ ସଂଯୁକ୍ତା ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଗୋପବନ୍ଧୁନଗରରେ 'ୟଙ୍ଗ ଇଗଲ' ପ୍ରଶିକ୍ଷଣ ଶିବିର

ଉଦଳା,୨୮/୦୧ (ନି.ପ୍ର): ଓଡ଼ିଶା ଶ୍ରମଜୀବି ମଂଚ ଓ ମହିଳା ଶ୍ରମଜୀବି ମଂଚ, ଭୁବନେଶ୍ୱରର ମିଳିତ ନିର୍ଦ୍ଦେଶରେ ମୟୂରଭଞ୍ଜ ଜିଲ୍ଲାରେ ଥିବା ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଂଚର ନେତୃତ୍ୱରେ ଚଳିତ ଜାନୁଆରୀ ୨୭ ଓ ୨୮ ତାରିଖ ୨ ଦିନ ଧରି 'ୟଙ୍ଗ ଇଗଲ' ପ୍ରଶିକ୍ଷଣ ଶିବିର ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ଭଣ୍ଡଗାଁ ଠାରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ଜନଜାଗୃତି ମଂଚର ଟିମ ଲିଡ଼ର ଗଦାଧର ଦାଶ, ୧୮ ବର୍ଷ ବୟସରୁ ଉର୍ଦ୍ଧ ଏବଂ ୪୦ ବର୍ଷ ବୟସରୁ କମ୍ ଯୁବକ ଯୁବତୀ ମାନଙ୍କ ପାଇଁ ଏହି ତାଲିମ ଶିବିର ଅନୁଷ୍ଠିତ ହେଉଛି ବୋଲି ସୂଚନା ପ୍ରଦାନ କରିବା ସହିତ ତାଲିମର ଦୁଇ ଦିନର ରୂପରେଖ ବିଷୟରେ ଅବଗତ କରାଇଥିଲେ । ଏହାପରେ ପ୍ରଶିକ୍ଷକ ଭାବେ ଭୁବନେଶ୍ୱରରୁ ଆସିଥିବା ସାମାଜିକ କର୍ମୀ ପଂଚାନନ ପ୍ରଧାନ ଓ ଗୋପାଳ କୃଷ୍ଣ ବର୍ମା ତାଲିମ ପ୍ରଦାନ କରିଥିଲେ ।ବିଶେଷ କରି ମନରେଗା, ସୂଚନା ଅଧିକାର ଆଇନ ଓ ବିଭିନ୍ନ ସରକାରୀ ଯୋଜନା ସହିତ ନାଗରିକଙ୍କର ଅଧିକାର ଓ କର୍ତବ୍ୟ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି । ଖେଳ, ଗୀତ ଓ ମନୋରଂଜନ କାର୍ଯ୍ୟକ୍ରମ ମାଧ୍ମରେ ପ୍ରଶିକ୍ଷଣ ଖୁବ ଆନନ୍ଦଦାୟକ ହୋଇ ଉଠିଛି ବୋଲି ଶିବିରାର୍ଥୀ ମାନେ ଜଣାଇଛନ୍ତି । ଏଥିରେ ୫୦ରୁ ଉର୍ଦ୍ଧ ଯୁବକ ଯୁବତୀ ତାଲିମ ନେଇଥିବାର ଜଣାଯାଇଛି ।

# ଗୋବର ଘୋଟୀ ସାର୍ବଜନୀନ ହରିହାଟ ମହୋତ୍ସବ ଓ ଶ୍ରୀଜଗନ୍ନାଥଙ୍କ ୩୨ ବେଶ

ବସ୍ତା,୨୮/୦୧ (ନି.ପ୍ର): ଆମ କଳା ସଂସ୍କୃତି ପରମ୍ପରା ଆଧ୍ୟାତ୍ମିକ ଚେତନା ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟିକରି ବାର ମାଧ୍ୟମ ସାଜେ ମହୋତ୍ସବ ବୋଲି ଅତିଥି ମାନେମତ ବ୍ୟକ୍ତ କରିଥିଲେ । ବସ୍ତା ବ୍ଲକ ଗୋବର ଘୋଟୀ ଗ୍ରାମ ବାସୀ ତଥା କ୍ଷେତ୍ରପାଳ ୟୁଥକ୍ଲବ ସହଯୋଗରେ ଗ୍ରାମିଣ ମେଳି ଜଗନ୍ନାଥଙ୍କ ୩୨ବେଶ ପ୍ରତ୍ୟେକ ଦିନ ହରିନାମ ନାମସଂକ୍ରିର୍ତ୍ତନ ଯଜ୍ଞ ଚାଲୁ ରହୁଛି । ପ୍ରତ୍ୟେକଦିନ ସନ୍ଧାରେ କବି ସମାଜସେବୀ, ସାହିତ୍ୟିକ, ଶିକ୍ଷାବିତ୍ ବିଜ୍ଞ ମାନଙ୍କୁ ନେଇ ସଭାକାର୍ଯ୍ୟ ଓ ରାତ୍ରିରେ ପାଲାପରିବେଷଣ ଓ ସାଂସ୍କୃତିକ



କାର୍ଯ୍ୟକ୍ରମ ଗତ ୧୯ତାରିଖରୁ ୨୭ତାରିଖ ପର୍ଯ୍ୟନ୍ତ ଚାଲୁ ରହିଛି । ମଙ୍ଗଳବାର ସମାଜସେବୀ ପ୍ରଦୀପ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା ଯୋଗ ଦେଇ ଏହି ଗ୍ରାମିଣ ମହୋତ୍ସବ ଜଗନ୍ନାଥ ଚେତନାରେ ଅନୁପ୍ରାଣିତ ପ୍ରତ୍ୟେକ ଓଡିଶାବାସୀଙ୍କର ହୃଦୟର ମଣି ଜଗନ୍ନାଥଙ୍କ ର ୩୨ବେଶ ଏହି ଗୋବରଘୋଟୀ ତଥା ବସ୍ତା ଅଞ୍ଚଳ ବାସୀଙ୍କ ମଧ୍ୟରେ ଭକ୍ତି ଓ ଚେତନା ଯାଗ୍ରତ କରିଛି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଅବସରପ୍ରାପ୍ତ ଏ ବିଓ ଜୟନ୍ତ କୁମାର ପାଣିଗ୍ରାହୀ, ସମ୍ମାନୀତ ବକ୍ତାଅବସର ପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ଘୋଷ, ସମ୍ମାନୀତ ଅତିଥି ଓଡିଶା ରକ୍ତ ଦାତା ସଂଘର ସମ୍ପାଦକ ଗୋପାଳଚନ୍ଦ୍ର ସାହୁ, ବସ୍ତା ବିଜେଡି ମହିଳା ସଭାନେତ୍ରୀ ଲିପିକା ରାଉଳ, ସାମ୍ବାଦିକ ରାମଚନ୍ଦ୍ରଦେବ, ସାମ୍ବାଦିକ ବିଜୟକୁମାରଭୂୟାଁ, ସୁଶାନ୍ତ ପ୍ରଧାନ ବିଷ୍ଣୁପଦ ପତି ଯୁବନେତା ବିରାଜ ସଂଦେଓ, ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଶାନ୍ତି କମିଟିର ସଦସ୍ଯ ପ୍ରଦୀପ କୁମାର ପରିଡା, ରୋହିତାସ ବେହେରା, ଜ୍ୟୋତି ପ୍ରସାଦ ପରିଡା, ରତନ ବେହେରା, ଉତ୍ତମ ବେହେରା, କୃର୍ଷ୍ଣଚନ୍ଦ୍ର ବେହେରା, ସୁମନ ପରିଡା, ଜିତେନ୍ଦ୍ର ବେହେରା, ଆଲୋକ ପରିଡା, ରତନଜେନା, ବିଜୟ ମଣ୍ଡଳ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

# ବାରିପଦାରେ ରକ୍ତଦାନ ଶିବିର ଆୟୋଜିତ

ବାରିପଦା,୨୮/୦୧ (ନି.ପ୍ର): ରକ୍ତ ଅଭାବ ଜନିତ ସମସ୍ୟାକୁ ଦୂରୀଭୂତ କରିବା ଲକ୍ଷ୍ୟରେ ବାରିପଦାର ୱାର୍ଡ ନମ୍ବର ୨୨ର ରଘୁନାଥପୁର ଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ସ୍ଥାନୀୟ ନର୍ମଦା ମଣ୍ଡପ ଠାରେ ଜୀବନବିନ୍ଦୁ ଓ ସରସ୍ୱତୀ ପୂଜା କମିଟିର ମିଳିତ ଅନୁକୂଲ୍ୟରେ ସ୍ଥାନୀୟ ୱାର୍ଡ କାଉନସିଲର ସୁଧୀର କୁମାର ବାରିକଙ୍କ ସଂଯୋଜନାରେ ଆୟୋଜିତ ଶିବିରକୁ ବିଜେଡି ଜିଲ୍ଲା ସଭାପତି ତଥା ବିଧାୟକ ସୁଦାମ ମାରାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ ।



ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡାଃ ଦେବାଶିଷ ମାରାଣ୍ଡି, କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜୀବନବିନ୍ଦୁ ସଂଯୋଜକ ଜିତେନ୍ଦ୍ର ମହାନ୍ତି, ଏମସିସି ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଓ ଭାଦବ ହାଁସଦା, ପ୍ରଭାତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo